

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୪ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 24 JANUARY 2023
Vol.No. 34 ■ No. 23 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବଢ଼ିଲା ଭାରତୀୟ ନୌସେନାର ଶକ୍ତି : ସେନାରେ ସାମିଲ ହେଲା ଆଇଏନଏସ ବାଗିର



ନୂଆଦିଲ୍ଲୀ,୨୩/୦୧ : ବଢ଼ିଲା ଭାରତୀୟ ନୌସେନାର ଶକ୍ତି । ସମୁଦ୍ରରେ ବୃଦ୍ଧି ପାଇଲା ଭାରତର ଶକ୍ତି । କଲବରୀ ଶ୍ରେଣୀର ପଞ୍ଚମ ବୁଡ଼ାଜାହାଜ ଆଇଏନଏସ 'ବାଗିର' ଭାରତୀୟ ନୌସେନାରେ ସାମିଲ ହୋଇଛି । ଏହାର ନିର୍ମାଣ ମଝାଗାଁଓ ଡକ୍ ଶିପବିଲ୍ଡର୍ସ ବା ଏମଡିଏଲ ଫ୍ରାନ୍ସର ମେମର୍ସ ନାଭାଲ ଗ୍ରୁପ୍ ସହଯୋଗରେ କରାଯାଇଛି । ମୁମ୍ବାଇର ନାଭାଲ ଡକୟାର୍ଡରେ ନୌସେନା ମୁଖ୍ୟ ଆଡମିରାଲ ଆର୍ ହରି କୁମାରଙ୍କ ଉପସ୍ଥିତିରେ ଆଇଏନଏସ 'ବାଗିର' ନୌସେନାରେ ସାମିଲ ହୋଇଛି । ଏହି ବୁଡ଼ାଜାହାଜକୁ 'ଶିକାରୀ' ବୋଲି କୁହାଯାଉଛି । ଭାରତ ଏବଂ ଚୀନ ମଧ୍ୟରେ ବିବାଦ ବଢୁଥିବା ବେଳେ ଏହି ବୁଡାଜାହାଜ ନୌସେନାର ଶକ୍ତିକୁ ଦ୍ୱିଗୁଣିତ କରିବ ବୋଲି କୁହାଯାଉଛି । ଏହି ବୁଡ଼ାଜାହାଜ ଶତ୍ରୁକୁ ପ୍ରତିହତ କରିବା ପାଇଁ ଭାରତୀୟ ନୌସେନାର କ୍ଷମତାକୁ ବୃଦ୍ଧି କରିବ । ଏହାସହ ସାମୁଦ୍ରିକ କ୍ଷେତ୍ରରେ ଭାରତର ଶକ୍ତିକୁ ମଧ୍ୟ ଆଗକୁ ବଢ଼ାଇବାରେ ସହାୟକ ହେବ । ସେହିପରି ବିପଦ ସମୟରେ ନିର୍ଣ୍ଣାୟକ ଯୁଦ୍ଧ ବେଳେ ଗୁଇନ୍ଦା, ସର୍ଭିଲାନ୍ସ ଓ ରିକୋନାସନ୍ସ ଅପରେସନରେ ମଧ୍ୟ ବେଶ୍ ସହାୟକ ହେବ । ନୌସେନାରେ ସାମିଲ ହୋଇଥିବା ଏହି ବୁଡ଼ାଜାହାଜରେ ସ୍ୱତନ୍ତ୍ର ଅପରେସନ୍ ପାଇଁ ସାମୁଦ୍ରିକ ଅବତରଣ କରିବାର କ୍ଷମତା ରହିଛି । ଏହାର ଶକ୍ତିଶାଳୀ ଡିଜେଲ ଇଞ୍ଜିନ ବ୍ୟାଟେରୀକୁ ▶▶ପୃଷ୍ଠା ୭

## ହକି ବିଶ୍ୱକପର ଟିକେଟ ବ୍ଲାକ କରି ଚାରି ଜଣ ଗିରଫ

ଭୁବନେଶ୍ୱର,୨୩/୦୧ (ନି.ପ୍ର): ଭୁବନେଶ୍ୱର ଓ ରାଉରକେଲା ଠାରେ ଚାଲିଥିବା ପୁରୁଷ ହକି ବିଶ୍ୱକପର ଟିକେଟ ବ୍ଲାକ କରିବା ଅଭିଯୋଗରେ କମିଶନରେଟ ପୋଲିସ ଚାରି ଜଣଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ୮ଟି ଟିକେଟ ଜବତ କରାଯାଇଛି । କମିଶନରେଟ ପୋଲିସ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

## ରାଜ୍ୟପାଳ ପଦ ଛାଡ଼ିବେ ଭଗତ ସିଂହ କୋଶୟାରି

ନୂଆଦିଲ୍ଲୀ, ୨୩/୦୧ : ମହାରାଷ୍ଟ୍ରର ରାଜ୍ୟପାଳ ପଦରୁ ଅବ୍ୟାହତି ନେବେ ନେବେ ଭଗତ ସିଂହ କୋଶୟାରି । ସେ ନିଜେ ଏହି ସାମ୍ବାଧାନିକ ପଦ ଛାଡ଼ିବାକୁ ଚାହୁଁଛନ୍ତି । ଏ ସମ୍ପର୍କରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ଜଣାଇ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ନିକଟରେ ମୁମ୍ବାଇ ଆସିଥିବା ବେଳେ ତାଙ୍କ ସହ ରାଜ୍ୟପାଳ କୋଶୟାରି ଏ ସମ୍ପର୍କରେ କଥା ହୋଇଥିଲେ । ଆଜି ରାଜଭବନ ପକ୍ଷରୁ ଜାରି ଗୋଟିଏ ବିବୃତିରେ କୋଶୟାରି ରାଜ୍ୟପାଳ ଛାଡ଼ିବାକୁ ଯାଉଥିବା ସମସ୍ତଙ୍କୁ ଅବଗତ କରାଯାଇଛି । ଉକ୍ତ ବିବୃତିରେ କୋଶୟାରି କହିଛନ୍ତି, "ମହାରାଷ୍ଟ୍ର ଭଳି ଗୋଟିଏ ମହାନ ରାଜ୍ୟର ରାଜ୍ୟ ସେବକ ବା ରାଜ୍ୟପାଳ ଭାବେ କାମ କରିବା ନିଶ୍ଚିତ ଭାବେ ମୋ ପାଇଁ ସମ୍ମାନର ବିଷୟ । ମହାରାଷ୍ଟ୍ର ହେଉଛି ସନ୍ଥ, ସାମାଜିକ ପରିବର୍ତ୍ତନକାରୀ ଓ ଯୋଦ୍ଧା ମାନଙ୍କ ରାଜ୍ୟ । ୩ ବର୍ଷରୁ ଅଧିକ ସମୟ ଏଠାରେ କାମ କରିବା ବେଳେ ମହାରାଷ୍ଟ୍ରର ଲୋକମାନେ ମୋତେ ଦେଇଥିବା ଭଲ ପାଇବାକୁ ମୁଁ କେବେ ହେଲେ ଭୁଲି ପାରିବି ନାହିଁ । ନିକଟରେ ପ୍ରଧାନମନ୍ତ୍ରୀ ମୁମ୍ବାଇ ଆସିଥିବା ବେଳେ ମୁଁ ତାଙ୍କୁ ସମସ୍ତ ପ୍ରକାରର ରାଜନୀତିକ ଦାୟିତ୍ୱରୁ ବିରତି ନେବାକୁ ଚାହୁଁଥିବା ଜଣାଇ ଦେଇଥିଲି । ମୁଁ ଜୀବନର ବାକି ସମୟ ପଢ଼ିବା, ଲେଖିବା ଓ ଅନ୍ୟ କାର୍ଯ୍ୟକଳାପରେ ବିତାଇବାକୁ ଚାହୁଁଛି ।

## ଆର୍ଥିକ ସଙ୍କଟ ମଧ୍ୟରେ ବେହାଲ ପାକିସ୍ତାନ : ଅନ୍ଧାରରେ ବୁଡିଛି ପୂରା ଦେଶ



ନୂଆଦିଲ୍ଲୀ,୨୩/୦୧ : ଗୋଟେ ପରେ ଗୋଟିଏ ସଙ୍କଟ ଦେଇ ଗତି କରୁଛି ପାକିସ୍ତାନ । ଭୟଙ୍କର ଅର୍ଥନୈତିକ ସଙ୍କଟ ଓ ମୁଦ୍ରାସ୍ଫୀତିରୁ ମୁକ୍ତି ପାଇବାରେ ଅସମର୍ଥ ହେଉଥିବା ପାକିସ୍ତାନ ପାଇଁ ଏବେ ଆଉ ଏକ ବଡ ସଙ୍କଟ ଦେଖାଦେଇଛି । ଦେଶରେ ପାୱାର ସିଷ୍ଟମ ଫେଲ୍ ମାରିବା ଫଳରେ ବିଦ୍ୟୁତ୍ ଯୋଗାଣ ବ୍ୟାହତ ହୋଇଛି । ଇସଲାମବାଦ, ଲାହୋର, କରାଚି ଭଳି ବଡ ବଡ ସହରରେ ଏହି ସମସ୍ୟା ଉପୁଜିଛି । ପାକିସ୍ତାନରେ ସୋମବାର ସକାଳୁ ହଠାତ୍ ଠପ୍ ହୋଇଗଲା ବିଦ୍ୟୁତ୍ ସେବା । ପୂରା ଦେଶ ଏବେ ଅନ୍ଧାରରେ ବୁଡିଯାଇଛି । ଘରଠୁ ଆରମ୍ଭ କରି ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଅଫିସ୍ ସବୁଆଡ଼େ ହଠାତ୍ ଚାଲିଗଲା ବିଦ୍ୟୁତ୍ । ଜାତୀୟ ହାଇଟେନସନ୍ ଟ୍ରାନ୍ସମିସନ ଲାଇନରେ ତ୍ରୁଟି କାରଣରୁ ଦେଶର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଚାଲିଯାଇଛି । ପାକିସ୍ତାନ ଶକ୍ତି ମନ୍ତ୍ରାଳୟ ସୂଚନା ଅନୁସାରେ ସୋମବାର ସକାଳ ୭ଟାରୁ ଏହି ସମସ୍ୟା ସୃଷ୍ଟି ହୋଇଛି । ଏନେଇ ମରାମତି ଚାଲିଥିବା କହିଛି ଶକ୍ତି ମନ୍ତ୍ରାଳୟ । ଗୋଟେ ପଟେ ଯେତେବେଳେ ପାକିସ୍ତାନର ଅବସ୍ଥା ପୁରା ବେହାଲ ହୋଇପଡିଛି, ଦେଶ ଘୋର ଆର୍ଥିକ ସଂଙ୍କଟ ଦେଇ ଗତି କରୁଛି, ଦରଦାମ୍ ଚରମସୀମାରେ ▶▶ପୃଷ୍ଠା ୭

## ଶନିଦେବଙ୍କୁ ଏକ କୋଟି ଟଙ୍କାର ସୁନା କଳସ ଦାନ ପ୍ରସଙ୍ଗରେ ମୁହଁ ଖୋଲିଲେ ସ୍ୱାସ୍ଥ୍ୟମନ୍ତ୍ରୀ



ଭୁବନେଶ୍ୱର,୨୩/୦୧ (ନି.ପ୍ର): ମହାରାଷ୍ଟ୍ରର ଶନି ମନ୍ଦିରରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସୁନାକଳସ ଦାନକୁ ଚର୍ଚ୍ଚା ବଢିଛି । ଏ ନେଇ ଗଣମାଧ୍ୟମରେ ଚର୍ଚ୍ଚା ବଢିବା ପରେ ସତ କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ । ସେ କହିଛନ୍ତି, ଠାକୁରଙ୍କୁ ଦାନ କରିବାରେ ଭୁଲ୍ ରହିଲା କେଉଁଠି । ଓଡିଶାବାସୀ ଖୁସିରେ ରହିବା ପାଇଁ ସେ ଶନିଦେବଙ୍କୁ ପୂଜାର୍ଚ୍ଚନା କରିବା ସହ ପ୍ରାର୍ଥନା କରିଛନ୍ତି । ତେବେ ସେ କଳସ ପାଇଁ ମାତ୍ର ୧୦ଲକ୍ଷ ଟଙ୍କା ଦେଇଥିବା କହିଛନ୍ତି । ଏଥିସହ ଯେଉଁମାନେ ଖବର ପ୍ରକାଶିତ କରିଛନ୍ତି ସେମାନେ ହିନ୍ଦୁଧର୍ମକୁ ଜଗନ୍ତୁ ବୋଲି କହିଛନ୍ତି ନବ ଦାସ । ମହାରାଷ୍ଟ୍ରର ଶନି ଶିଙ୍ଗଣାପୁର ମନ୍ଦିରରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ଉପସ୍ଥିତି ଏବଂ ଦାନ ଆକାରରେ ସୁନା କଳସ ଦାନ କରିବାର ଚିତ୍ର ସାମ୍ନାକୁ ଆସିବା ପରେ ଚର୍ଚ୍ଚା ହେଉଥିଲା ଏତେ ବଡ଼ ଦାନ କଲା କିଏ ? ମନ୍ଦିର ପ୍ରଶାସନ ପକ୍ଷରୁ ଦାନ ଦେଇଥିବା ଭକ୍ତଙ୍କ ନାଁ ଗୋପନ ରଖାଯାଇଥିଲେ ବି ଜାତୀୟ ଗଣମାଧମରେ ଖବର ପ୍ରକାଶ ପାଇଥିଲା, ଏହି ଦାନ କରିଛନ୍ତି ଓଡ଼ିଆ ଭକ୍ତ ନବ ଦାସ । ଯାହାର ମୂଲ୍ୟ ଗୋଟିଏ ଟଙ୍କା ବୋଲି ରିପୋର୍ଟରେ ଦାବି ହେଉଥିଲା । ତେବେ ଏହି ଚର୍ଚ୍ଚା-ଆଲୋଚନା ଉପରେ ପ୍ରତିକ୍ରିୟା ରଖି ସତ ମାନିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ । କହିଛନ୍ତି, ଓଡ଼ିଶାବାସୀଙ୍କ ଖୁସିରେ ରୁହନ୍ତୁ । ଏହି କାମନା କରି ସେ ପୂଜାର୍ଚ୍ଚନା କରିବା ସହ ଦାନ ଦେଇଛନ୍ତି । ଠାକୁରଙ୍କୁ ଦାନ କରିବାରେ ଭୁଲ୍ କେଉଁଠି ରହିଲା ବୋଲି ପ୍ରଶ୍ନ କରିଛନ୍ତି । ଗତକାଲି ଏକାଧିକ ଜାତୀୟ ଗଣମାଧମରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁସାରେ, ଏହି କଳସ ୭ ଶହ ଗ୍ରାମ ସୁନା ଓ ୫ କେଜି ରୂପାରେ ତିଆରି ହୋଇଛି । ଯାହାର ମୂଲ୍ୟ ପ୍ରାୟ କୋଟିଏ ଟଙ୍କାରୁ ଅଧିକ ହେବ । ତେବେ ନବ ଦାସ ସୁନା କଳସର ମୂଲ୍ୟ ନେଇ ଭିନ୍ନ କଥା କହିଛନ୍ତି । ସେ କହିଛନ୍ତି, କଳସ ପାଇଁ ସେ ମାତ୍ର ୧୦ଲକ୍ଷ ଟଙ୍କା ଦେଇଛନ୍ତି । ଏମିତି କି ହିନ୍ଦୁଧର୍ମକୁ ଜଗନ୍ତୁ ବୋଲି ମଧ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି । ଗତ ସପ୍ତାହରେ କୁମ୍ଭ ରାଶିରେ ଶନି ଚଳନ କରିଥିଲେ । ଦୀର୍ଘ ୨୦ ବର୍ଷ ପରେ ଶନି ଅମାବାସ୍ୟା ଭଳି ଦୁର୍ଲଭ ଯୋଗ ପଡିଥିଲା । ଏହି ସମୟରେ ପରିବାର ସଦସ୍ୟଙ୍କ ସହ ଯାଇ, ମହାରାଷ୍ଟ୍ରର ଅହମ୍ମଦନଗର ଶନି ଶିଙ୍ଗଣାପୁରରେ ଥିବା ଶନିଙ୍କ ମନ୍ଦିରରେ କଳସକୁ ଦାନ କରିଥିଲେ ନବ ଦାସ ।

## ଅଟ୍ରୋସିଟି କେସ୍‌ରେ ଓକିଲ-ପୋଲିସ ନେଉଛନ୍ତି କମିଶନ : ମନ୍ତ୍ରୀ ତୁଷାରକାନ୍ତି ବେହେରା

ଭୁବନେଶ୍ୱର,୨୩/୦୧ (ନି.ପ୍ର): ଆଟ୍ରୋସିଟି ମାମଲା ଓ ପୋଲିସ ଏବଂ ଓକିଲ ମାନଙ୍କୁ ନେଇ ନେଇ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଅତ୍ୟନ୍ତ ଗୁରୁତର ବକ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି ଯେ ପୀଡ଼ିତଙ୍କଠାରୁ ପୋଲିସ କମିଶନ ନେଉଛି । ଖାଲି ପୋଲିସ ନୁହେଁ ଆଇନଜୀବୀ ମଧ୍ୟ ପୀଡ଼ିତଙ୍କଠାରୁ ନେଉଛନ୍ତି କମିଶନ । ସେ ଆହୁରି ଏକ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ଅଧିକାଂଶ ଆଟ୍ରୋସିଟି ମାମଲା ରାଜନୈତିକ ପରିଚାଳିତ । କାହାକୁ ଫସେଇବାକୁ ହେଲେ ଅନୁସୂଚିତ ଜାତି – ଜନଜାତି ମାମଲାର ସହାୟତା ନିଆଯାଉଛି ବା ସେଥିରେ ଛନ୍ଦି ଦିଆଯାଉଛି । ଆଟ୍ରୋସିଟି କେସ୍ ଲାଗିଲେ ଜଣେ ବ୍ୟକ୍ତି ଡରିବା ସ୍ୱାଭାବିକ୍ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ପୋଲିସ ଅନୁସୂଚିତ ଜାତି – ଜନଜାତି ଲୋକଙ୍କୁ କିଛି କ୍ଷେତ୍ରରେ ପଲିଟିକାଲ ଟୁଲ୍ ଭାବେ ବ୍ୟବହାର କରାଯାଉଛି ।

## ବିବାହକୁ ନେଇ ଚର୍ଚ୍ଚାରେ ରାହୁଲ ଗାନ୍ଧୀଙ୍କ ବୟାନ

ନୂଆଦିଲ୍ଲୀ,୨୩/୦୧ : କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ତାଙ୍କ ବିବାହକୁ ନେଇ ଅନେକ ସମୟରେ ପ୍ରଶ୍ନ କରାଯାଏ । ଏବେ ଖୋଦ୍ ରାହୁଲ ଗାନ୍ଧୀ ଏହାର ଜବାବ ଦେଇଛନ୍ତି । ବୁଦ୍ଧିମାନ ଝିଅ ମିଳିଲେ ନିଶ୍ଚୟ କରିବେ ବୋଲି ରାହୁଲ ଗାନ୍ଧୀ କହିଛନ୍ତି । ଏକ ସାକ୍ଷାତକାରରେ ଏଭଳି ବୟାନ ଦେଇ ଚର୍ଚ୍ଚାକୁ ଆସିଛନ୍ତି ରାହୁଲ ଗାନ୍ଧୀ । ଏହାର ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି । କର୍ଲି ଟେଲ୍ସ ସହ ସାକ୍ଷାତକାରରେ ଉପସ୍ଥାପିକା କାମ୍ୟା ଜାନି ରାହୁଲଙ୍କୁ ବିବାହ ସମ୍ବନ୍ଧିତ ପ୍ରଶ୍ନ ପଚାରିଥିଲେ । କାମ୍ୟା ରାହୁଲଙ୍କ ପ୍ରଶ୍ନ କରିଥିଲେ ଯେ ଆପଣ ▶▶ପୃଷ୍ଠା ୭

## ଆବାସ ତାଲିକାକୁ ନେଇ ଅସନ୍ତୋଷ : ସାରା ରାଜ୍ୟରେ ତେଜୁଛି 'ଘର' କଳି




ଭୁବନେଶ୍ୱର,୨୩/୦୧ (ନି.ପ୍ର): ସରକାରଙ୍କ ଆବାସ ଯୋଜନାରେ ପକ୍କା ଘର ଖଣ୍ଡେ ପାଇବାକୁ ଯୋଗ୍ୟ ହିତାଧିକାରୀ ଏବେ ଅନାଇବସିଛନ୍ତି । ତାଲିକାରେ ସେମାନଙ୍କ ନାଁ ଆସିନଥିବାରୁ ବିଭିନ୍ନ ସ୍ଥାନରେ ଅସନ୍ତୋଷ ତେଜିବାରେ ଲାଗିଛି । ଆଉ ବିଭିନ୍ନ ଅଞ୍ଚଳରୁ ଆସିଛି ଅସନ୍ତୋଷର ଚିତ୍ର । ସରକାରଙ୍କ ଆବାସ ଯୋଜନାରେ ପକ୍କା ଘର ଖଣ୍ଡେ ପାଇବାକୁ ଅନେକ ଯୋଗ୍ୟ ବ୍ୟକ୍ତି ଅଛନ୍ତି । ହେଲେ ପଞ୍ଚାୟତ କାର୍ଯ୍ୟାଳୟରେ ଟଙ୍ଗା ହୋଇଥିବା ସମ୍ଭାବ୍ୟ ଆବାସ ହିତାଧିକାରୀ ତାଲିକାରେ ସେମାନଙ୍କ ନାମ ନାହିଁ । ଯାହାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଛି । କେବଳ ବସ୍ତା, ନିମାପଡା କି ଢେଙ୍କାନାଳ ନୁହେଁ ସାରା ରାଜ୍ୟରୁ ଆବାସ ତାଲିକାକୁ ନେଇ ଅସନ୍ତୋଷର ସ୍ୱର ତେଜୁଛି । ଆବାସ ଯୋଜନାରେ ସମ୍ଭାବ୍ୟ ହିତାଧିକାରୀ ତାଲିକାକୁ ନେଇ ବିବାଦ ଭିତରେ ମଙ୍ଗଳବାର ଅଭିଯୋଗ ଦାଖଲର ତାରିଖ ସରୁଛି । ସେପଟେ ବିଜେପି ଅଭିଯୋଗ କରିଛି ଆବାସ ତାଲିକାରେ ଯୋଗ୍ୟ ହିତାଧିକାରୀଙ୍କ ନାଁ ନାହିଁ । ଏହାର ପ୍ରତିବାଦରେ ରାଜ୍ୟର ସମସ୍ତ ବ୍ଲକ ସାମ୍ନାରେ ବିଜେପି ଆନ୍ଦୋଳନ କରିବ । ଆବଶ୍ୟକ ପଡିଲେ ▶▶ପୃଷ୍ଠା ୭

## ହ୍ୟୁମାନ-ଶ୍ରୀୟା ବିବାଦ ମାମଲା : ଆଜି ମହିଳା କୋର୍ଟରେ ହାଜର ହେଲେନି ଦମ୍ପତି

ଭୁବନେଶ୍ୱର,୨୩/୦୧ (ନି.ପ୍ର): ଗାୟକ ହ୍ୟୁମାନ ସାଗର ଓ ତାଙ୍କର ପତ୍ନୀ ଶ୍ରୀୟା ବିବାଦ ମାମଲାରେ ଆଜି ଉଭୟଙ୍କର କଟକ ସ୍ଥିତ ମହିଳା କୋର୍ଟରେ ହାଜର ହେବାର ଥିଲା । ମାତ୍ର ଉଭୟ ଥାନାରେ ହାଜର ହୋଇ ନାହାନ୍ତି । ତେଣୁ କମିଶନରେଟ ପୋଲିସ ପକ୍ଷରୁ ଉଭୟଙ୍କର କାଉନସେଲିଂକୁ ଆଗାମୀ ୩୦ ତାରିଖ ଯାଏ ଘୁଂଚାଇ ଦିଆଯାଇଛି । କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ଯେ ଶ୍ରୀୟା ୩୦ ତାରିଖ ଦିନ ମହିଳା ଥାନାକୁ ଆସିବେ । ସେହି ଦିନ ହ୍ୟୁମାନଙ୍କୁ ଆସିବା ପାଇଁ କୁହାଯାଇଛି । ଉଭୟ ୩୦ ତାରିଖ ସକାଳ ୧୦ଟା ସମୟରେ ଥାନାରେ ହାଜର ହୋଇ ପକ୍ଷ ରଖିବେ । ଉଲ୍ଲେଖନୀୟ ଯେ ଉଭୟଙ୍କ ମଧ୍ୟରେ ପାରିବାରିକ ବିବାଦ ପରେ ଏଣେ ହ୍ୟୁମାନ୍ ଓ ପତ୍ନୀ ଶ୍ରେୟାଙ୍କ ମଧ୍ୟରେ ପାରିବାରିକ ବିବାଦ ଲାଗିରହିଥିବା ବେଳେ ଶ୍ରେୟା ସାମ୍ବାଦିକ ସମ୍ମିଳନୀ କରି ସ୍ୱାମୀ ହ୍ୟୁମାନ୍ ସାଗର ଓ ତାଙ୍କ ମାଙ୍କ ବିରୋଧରେ ଅଭିଯୋଗ ଆଣିବା ପରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି । ହ୍ୟୁମାନ୍ ପାଲଟା ଅଭିଯୋଗରେ କହିଛନ୍ତି ଯେ ବାହାଘରର ଆଠ ବର୍ଷ ଭିତରେ ଶ୍ରେୟା କେବେ ଏଭଳି ଅଭିଯୋଗ ଆଣି ନଥିଲେ । ତା ମାନେ ସେ ଏତେ ଦିନ ନିର୍ଯାତନା ସହିଥିଲେ ବୋଲି ହ୍ୟୁମାନ୍ ପ୍ରଶ୍ନ କରିଛନ୍ତି । ହ୍ୟୁମାନ୍ ଆହୁରି କହିଛନ୍ତି ଯେ ଶ୍ରେୟା ଯେଉଁ ତୃତୀୟ ବ୍ୟକ୍ତି କଥା କହୁଛନ୍ତି, ସେଭଳି କେହି ନାହାନ୍ତି । ଶ୍ରେୟା, ଝିଅ ଓ ମା ଠାରୁ ଆଉ କେହି ବଡ଼ ନୁହେଁ । ଅନ୍ୟପାଇଁ ମୋ ପରିବାର କେବେ ବି ଭାଙ୍ଗିପାରିବିନି । ମୋ ଶାଶୂ ମୋ ମାଆ ଭଳି । ତାଙ୍କୁ କୌଣସି ଅପମାନଜନକ ଶବ୍ଦ କହିପାରିବି ନାହିଁ ବୋଲି କହିଛନ୍ତି ହ୍ୟୁମାନ୍ ।

## ଏଥର ଖଣ୍ଡଗିରିରେ ହୋଇପାରିବନି ଅଶ୍ଳୀଳ ନାଚ



ଭୁବନେଶ୍ୱର,୨୩/୦୧ (ନି.ପ୍ର): ଏଥର ଖଣ୍ଡଗିରିରେ ହୋଇପାରିବନି ଅଶ୍ଳୀଳ ନାଚ । ଏନଇ ପୋଲିସ ଯାତ୍ରା ଆୟୋଜକ କମିଟିକୁ ସତର୍କ କରାଇଦେଇଛନ୍ତି । ଅଶ୍ଳୀଳ ନୃତ୍ୟ ପରିବେଶଣ କଲେ ଯାତ୍ରା ବନ୍ଦ କରିଦେବାକୁ ଚେତାବନି ଦେଇଛି ପ୍ରଶାସନ । ବିଶେଷକରି ରାଣୀପଣ୍ଡା ଉପରେ ସତର୍କ ନଜର ରଖିବାକୁ କୁହାଯାଇଛି । ଆସନ୍ତା ୩୦ରୁ ବସିବ ଖଣ୍ଡଗିରି ଯାତ୍ରା ପଡିଆ । କରୋନା ଯୋଗୁଁ ଦୁଇବର୍ଷ ପରେ ଖଣ୍ଡଗିରି ଯାତ୍ରା ହେଉଥିବାରୁ ୧୧ଟି ଯାତ୍ରା ପାର୍ଟି ପାର୍ଟ ମଇଦାନକୁ ଓହ୍ଲାଇବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି । କିନ୍ତୁ ଏଥର ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ଉପରେ କଟକଣା ଜାରି କରିଛି ପ୍ରଶାସନ । ୨୦୨୯ରେ ରାଣୀ ପଣ୍ଡାଙ୍କ ଅଶ୍ଳୀଳ ନୃତ୍ୟକୁ ନେଇ ସାରା ରାଜ୍ୟରେ ବିବାଦ ବଢିଥିଲା । ବିଶେଷକରି ଅଶ୍ଳୀଳ ନୃତ୍ୟ କରି ଚର୍ଚ୍ଚାରେ ଥିବା ରାଣୀ ପଣ୍ଡାଙ୍କ ନୃତ୍ୟ ଉପରେ ସ୍ୱତନ୍ତ୍ର ନଜର ଦେବାକୁ କୁହାଯାଇଛି । ରାଣୀ ପଣ୍ଡା କେବଳ ପୂରା ପୋଷାକରେ ନୃତ୍ୟ ପରିବେଶଣ କରିବାକୁ ଅନୁମତି ଦିଆଯାଇଛି । ଏଥର ▶▶ପୃଷ୍ଠା ୭

## ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ




ବାଲେଶ୍ୱର,୨୩/୦୧ (ନି.ପ୍ର): ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟର ଏବଂ ଇନଷ୍ଟିଚ୍ୟୁଟ୍ ଅଫ ନେଚର କିଅର ଏବଂ ଯୋଗିକ ସାଇଜସ୍ ଚିଡ଼ିଆପୋଲି ଠାରେ ନୂତନ ଛାତ୍ରଛାତ୍ରୀମାନଙ୍କୁ ଏମ୍.ଏ ଇନ୍ ୟଗୋ ସିନିୟର ଛାତ୍ରଛାତ୍ରୀମାନେ ସ୍ୱାଗତ କରିଥିଲେ । ସ୍ୱାଗତ ଉତ୍ସବରେ ମୁଖ୍ୟ ଅତିଥି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ଜ୍ଞାନରଂଜନ ବେହେରା ଯୋଗ ଦେଇ ଯୋଗ୍ୟ, ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ଯୋଗ, ଧ୍ୟାନ ପ୍ରାଣାୟମ ପ୍ରତିଦିନ ଅଭ୍ୟାସ କଲେ ମାନସିକ ସ୍ଥିରତା, ଶାରିରିକ ବିକାଶ ସହିତ ବିଭିନ୍ନ ଅସାଧ ରୋଗରୁ ମୁକ୍ତି ପାଇପାରିବା । ଯୋଗ ମେଡିକାଲ ସାଇନସରେ ଗବେଷଣା କରାଯାଇ ଶହଶହ ମାନସିକ ରୋଗି, ଡାଇବେଟିସ ରୋଗରୁ ମୁକ୍ତି ପାଉଛନ୍ତି । ସରକାର ଏବେ ପ୍ରତ୍ୟେକ ହୋମିଓପାଥି, ଆୟୁର୍ବେଦିକ, ଏଲୋପାଥିକ ଚିକିତ୍ସାଳୟରେ ଯୋଗ ଚିକିତ୍ସକମାନଙ୍କୁ ନିଯୁକ୍ତି ଦିଆଯାଉଛି । ଯେଉଁମାନେ ଡିପ୍ଲୋମା ଯୋଗ, ପି.ଜି, ଡିପ୍ଲୋମା ଯୋଗ, ମାଷ୍ଟର ଡିଗ୍ରୀ ଯୋଗ ଶିକ୍ଷାଲାଭ କରିଥିବେ ସେମାନେ ଯୋଗ ଚିକିତ୍ସକ ହୋଇପାରିବେ, ଅନ୍ୟତମ ଅତିଥି ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସୃଷ୍ଟିଧର ପରିଡ଼ା ବକ୍ତବ୍ୟରେ କହିଲେ ଯେ, ଯୋଗ ବର୍ତ୍ତମାନ ସାରା ବିଶ୍ୱରେ ପ୍ରସାର ପ୍ରଚାର ହେଉଛି । ଆଧୁନିକ ଜୀନନ ଶୈଳିରେ ଯୋଗର ଆବଶ୍ୟକତା ଯଥେଷ୍ଟ ରହିଛି । ଅନୁଷ୍ଠାନର ନିର୍ଦ୍ଦେଶକ ଡାକ୍ତର ଚିତ୍ତରଂଜନ ସାହୁ, ଶୃଙ୍ଖଳିତ ଜୀବନ ନିରୋଗ, ସୁସ୍ଥ ଜୀବନ ଗଠନରେ ଯୋଗ ଅତି ଆବଶ୍ୟକ । ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସ ଯୋଗ ଶିକ୍ଷାର ଆବଶ୍ୟକତା, ନିତିନିୟମ, ଶୃଙ୍ଖଳା ତଥା ସୁସ୍ଥା ଜୀବନ ଯାପନ କରିପାରିବେ ବୋଲି କହିଥିଲେ । ଅଧ୍ୟାପକ ଅଭିଶେକ ଦାସ, ସିତୋଲା ଦାସ, ମମିତା ମହାରଣା ସମସ୍ତ ପରିଚାଳନା କରିଥିଲେ ।

# ବିଜେଡିର ମିଶ୍ରଣ ପର୍ବରେ କଂଗ୍ରେସ ଦଳରୁ ଶିବାନନ୍ଦ ପରିଚ୍ଛା ସହିତ ୮୦୦ ଯୋଗଦାନ

ବଲାଙ୍ଗୀର, ୨୩/୦୧ (ନି.ପ୍ର): ଶୈଳଶ୍ରୀ ପ୍ୟାଲେସ ଗହଳଚହଳ ହୋଇଛି । କଂଗ୍ରେସଦଳ ଛାଡି ପାଟଣାଗଡର ଯୁବନେତା ଶିବାନନ୍ଦ ପରିଚ୍ଛା ତାଙ୍କ ୮୦୦ କର୍ମୀଙ୍କୁ ଧରି ବିଜୁଜନତାଦଳରେ ମିଶିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଆସ୍ଥାପ୍ରକଟ କରି ବଲାଙ୍ଗୀର ଶୈଳଶ୍ରୀ ପ୍ୟାଲେସ ଠାରେ ବିଜେଡିର ବରିଷ୍ଠ ରାଜ୍ୟସଂପାଦକ ତଥା ରାଜ୍ୟ ହାଉସିଂବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓଙ୍କ ଠାରେ ବିଜେଡିରେ ମିଶିଛନ୍ତି । ଶିବାନନ୍ଦଙ୍କ ବାପା ସ୍ୱର୍ଗତ କିଶୋର ପରିଚ୍ଛା ଜଣେ କେନ୍ଦୁପତ୍ରକର୍ମଚାରୀ ସଂଘର ନେତା ତଥା କଂଗ୍ରେସଦଳର ଜଣେ ଟାଣୁଆନେତା ଥିଲେ । ତାଙ୍କ ଦେହାନ୍ତ ପରେ ଛାତ୍ର ରାଜନୀତିରୁ ଆସିଥିବା ତାଙ୍କ ପୁଅ ଶିବାନନ୍ଦ ପରିଚ୍ଛା କେନ୍ଦୁପତ୍ର କର୍ମଚାରୀ ସଂଘର ଡିଭିଜନ ସଂପାଦକ ଦାୟୀତ୍ୱ ନେଇଥିଲେ । କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳୀଙ୍କର ଅନେକ ସମସ୍ୟା ରହିଥିଲା । ମୁଖ୍ୟମନ୍ତ୍ରୀ ଗତମାସରେ ଏକ ସ୍ୱତନ୍ତ୍ର ପ୍ୟାକେଜ ଦେଇଥିଲେ । କେନ୍ଦୁପତ୍ର ତୋଳାଳୀ, କର୍ମଚାରୀଙ୍କୁ ଅଧିକ ଅର୍ଥ ସହାୟତା ମିଳିଲା । ଏହା ସହିତ କେନ୍ଦୁପତ୍ର ଶ୍ରମିକଙ୍କ ପୁଅ-ଝିଅ ପାଠପଢା ଖର୍ଚ୍ଚ ପାଇଁ ମଧ ମୁଖ୍ୟମନ୍ତ୍ରୀ ବ୍ୟବସ୍ଥା କରିଛନ୍ତି । ତେଣୁ ମୁଖ୍ୟମନ୍ତ୍ରୀଙ୍କ ଏଭଳି କାର୍ଯ୍ୟରେ ଖୁସିବ୍ୟକ୍ତ କରି ତଥା ବିଜେଡିଦଳ ପ୍ରତି ଆସ୍ଥାପ୍ରକଟ କରି ଆଜି ଶିବାନନ୍ଦ ତାଙ୍କ ସମର୍ଥକଙ୍କୁ ନେଇ ଶୈଳଶ୍ରୀ ପ୍ୟାଲେସରେ ବିଜେଡିଦଳରେ ଯୋଗଦେଇଛନ୍ତି ବୋଲି ଶିବାନନ୍ଦ ତାଙ୍କ ପ୍ରତିକ୍ରୀୟାରେ କହିଛନ୍ତି । ଶୈଳଶ୍ରୀ ପ୍ୟାଲେସରେ ହୋଇଥିବା ଏହି ମିଶ୍ରଣ ପର୍ବକୁ ଆଲୋକ ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ପୂର୍ବତନ ସାସଦ କଳିକେଶ ନାରାୟଣ ସିଂଦେଓ, ବରିଷ୍ଠନେତା ବନମାଳୀ ଖମାରୀ, ଗଣେଶ କୁମ୍ଭାର, ରିଙ୍କୁ ପୁରୋହିତ, ସଂଝିବ ମିଶ୍ର, ଦାମୋଦର ଯୋଷୀ, ଗୌତମ ମେହେର ପ୍ରମୁଖ ମଂଚାସୀନ ଥିଲେ । କେନ୍ଦୁପତ୍ର କର୍ମଚାରୀସଂଘରୁ ମକାରୁ ପଣ୍ଡା, ପରମା ସୁନା, ଶାନ୍ତନୁ ଭୋଇ, ଧୃବ ଚାନ୍ଦ, କୈଳାଶ ସୁନା, ରାଜାରାମ ଡନସେନା, ନୀଳମଣୀ ବୁଡେକ, ଚିତ ବେହେରା ମଧ ମଂଚାସୀନ ଥିଲେ । ଆଜିର ମିଶ୍ରଣ ପର୍ବରେ ପାଟଣାଗଡ ନିର୍ବାଚନ ମଣ୍ଡଳିର ପାଟଣାଗଡ, ବେଲପଡା ଓ ଖପ୍ରାଖୋଲ ବ୍ଲକ ଅଂଚଳର ମଦନ ବରିହା, ନୀଳମଣୀ ବରିହା, ଗୌରଚନ୍ଦ୍ର ପୋଢ, ଜଗନ୍ନାଥ ହାଡି, ହୃଷି ଉଦୁରକୁଲିଆ, ଗଂସ ବରିହା, ଗଜରାଜ ହାତୀ, ପ୍ରହଲ୍ଲାଦ ବରିହା, ନାରାୟଣ ବରିହା, କେସବ ବରିହା, ପ୍ରକାଶ ଦାସ, କେସବ ପୁଟେଲ, ପ୍ରେମାନନ୍ଦ ସାହୁ,ସାନ ସାହୁ,ବିନୋଦ ସାହୁ, ଚୌଳଚନ୍ଦ୍ର ରଣା, ସଂକିର୍ତନ ସାହୁ,ଲିଙ୍ଗରାଜ ମଲ୍ଲିକ, ଡୁଲ ମଲ୍ଲିକ, ଯୁଧିଷ୍ଠିର, ମଲ୍ଲିକ, ବୀରେନ୍ଦ୍ର ସାହୁ ପ୍ରମୁଖଙ୍କ ନେତୃତ୍ୱ ନେଇଥିଲେ । ସେହିପରି କେନ୍ଦୁପତ୍ର କର୍ମଚାରୀ ସଂଘର ମକାରୁ ପଣ୍ଡା, ପରମେ ସୁନା, ଶାନ୍ତନୁ ଭୋଇ, ଧୃବ ଚାନ୍ଦ, କୈଳାସ ସୁନା, ରାଜାରାମ ଦନସେନା, ନୀଳମଣୀ ବୁଡେକ, ଜଗଦିଶ ବନଛୋର, ଜୟସିଂ ନାଏକ, ଚୁଡାମଣୀ ବୁଡେକ, ଚିତ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ । ସମସ୍ତେ ଶିବାନନ୍ଦଙ୍କ ନେତୃତ୍ୱରେ ବଲାଙ୍ଗୀରରେ ଏକ ଶୋଭାଯାତ୍ରାରେ ଶୈଳଶ୍ରୀ ପ୍ୟାଲେସରେ ପହଂଚି ଆୟୋଜିତ ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ । ଏହି ଅବସରରେ କଳିକେଶ ସିଂଦେଓ କହିଛନ୍ତି ଯେ, ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବିଣ ପଟ୍ଟନାୟକଙ୍କ ନେତୃତ୍ୱରେ ବିକାଶଧାରା ଚାଲୁରହିଛି । କେନ୍ଦୁପତ୍ର ଶ୍ରମିକ ହୁଅନ୍ତୁ କି ଅନ୍ୟାନ୍ୟ ବର୍ଗର ଲୋକଙ୍କର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି । ତେଣୁ ଲୋକମାନେ ବିଜେଡିଦଳ ପ୍ରତି ଆକୃଷ୍ଟ ହେଉଛନ୍ତି ବୋଲି କହିଛନ୍ତି । ଏହି ମିଶ୍ରଣ ପରେ ପାଟଣାଗଡ ତଥା ବଲାଙ୍ଗୀର ଜିଲ୍ଲାରେ ବିଜେଡିଦଳ ଆହୁରି ମଜବୁତ ହେବ ବୋଲି ଶ୍ରୀ ସିଂଦେଓ କହିଛନ୍ତି ।

ସେପଟେ ଆସନ୍ତା ୨୪ ତାରିଖରୁ ରାଜ୍ୟ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ବଲାଙ୍ଗୀର ଜିଲ୍ଲାରେ କଂଗ୍ରେସର ଓଡିଶା ଯୋଡ ପଦଯାତ୍ରା ଆୟୋଜିତ ହେବାକୁ ଯାଉଛି । କିନ୍ତୁ ଏହା ପୂର୍ବରୁ ଆଜି କଂଗ୍ରେସରୁ ଶହଶହ ସଂଖ୍ୟାରେ କର୍ମ ଦଳଛାଡି ବିଜେଡିକୁ ଚାଲିଯାଇଛନ୍ତି । ଯାହାକି କଂଗ୍ରେସକୁ ଏକ ବଡଶକ୍ତ ଧକ୍କା ହୋଇଛି ।

# ସ୍ୱେରେଜ ବୋର୍ଡର ଖାମଖିଆଲି କାର୍ଯ୍ୟ ପାଇଁ ସମସ୍ୟାରେ ଜନସାଧାରଣ : ପ୍ରଶାସନ ନୀରବଦ୍ରଷ୍ଟା

ସମ୍ବଲପୁର, ୨୩/୦୧ (ନି.ପ୍ର): ସମ୍ବଲପୁର ସହରରେ ସ୍ୱେରେଜ ବିଭାଗ ଦୀର୍ଘ ବର୍ଷ ଧରି ସହରର ବିଭିନ୍ନ ରାସ୍ତାଘାଟକୁ ଖୋଲି ତାଡି କାର୍ଯ୍ୟ କରି ଆସୁଛି । ହେଲେ କଛପ ଗତିରେ ହେଉଥିବା ଏହି କାର୍ଯ୍ୟ ସରିବାର ନାଁ ନେଉନଥିବା ଯୋଗୁଁ ଖାଲଖମା ତଥା ବିପଦ ସଙ୍କୁଳ ଅବସ୍ଥାରେ ଅଧିକାଂଶ ରାସ୍ତା ପଡ଼ିରହିଛି ।

ଏପରିକି ଉଦାହରଣରେ କୁହାଯାଇପାରେ ଯେ ଦୀର୍ଘଦିନ ହେଲା ବୀରମହାରାଜପୁର ରାସ୍ତାର ଧନୁପାଲିରୁ ଖଣ୍ଡୁଆଲ ଯାଏ ରାସ୍ତା ମରଣଯନ୍ତା ପାଲଟିଛି । ଲୋକଙ୍କ ନାହିଁ ନଥିବା ସମସ୍ୟାକୁ ନେଇ ସାମାଜିକ କର୍ମୀ ତଥା ବି.ଜେ.ପି.ର ବରିଷ୍ଠ ନେତା ସୂର୍ଯ୍ୟ ପାଣିଗ୍ରାହୀ ଗଭୀର ଉଦବେଗ ପ୍ରକାଶ କରିଛନ୍ତି । ଏବେବି ରାସ୍ତାର ଅନେକ ସ୍ଥାନରେ ଏମିତି ଗର୍ତ ସୃଷ୍ଟି ହୋଇଛି ଯେ, ସେହି ରାସ୍ତାରେ ଯାତାୟାତ କଲାବେଳେ ଲୋକେ ଛୋଟ ବଡ଼ ଯାନବାହାନକୁ କୁଆଡେ ନେବେ ସେ ନେଇ ଏପଟ ସେପଟ ହେବା ସହ ଛୋଟବଡ ଦୁର୍ଘଟଣା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି । ଏହି ସମସ୍ୟାକୁ ନେଇ ଅନେକ ଥର ଅଂଚଳବାସୀ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଉଥିଲେ ମଧ୍ ଅଦ୍ୟାବଧି ରାସ୍ତାର ଅବସ୍ଥା ଯେମିତି କୁ ସେମିତି ରହିଛି । ସୂଚନା ଯୋଗ୍ୟ ଯେ ଏହି ରାସ୍ତାରେ ଧନୁପାଲି ସରସ୍ୱତୀ ଶିଶୁ ମନ୍ଦିର ଓ ଧନୁପାଲି ସରକାରୀ ନୋଡାଲ ସ୍କୁଲର ଶହଶହ ସଂଖ୍ୟାରେ ଛାତ୍ରଛାତ୍ରୀ ଯାତାୟାତ କରିଥାନ୍ତି । ପୁଣି ଏହି ରାସ୍ତା ସମ୍ବଲପୁରରୁ ବୀରମହାରାଜପୁର, ସୁବର୍ଣ୍ଣପୁର ଓ ବଲାଙ୍ଗୀରକୁ ମଧ୍ୟ ସଂଯୋଗ କରୁଥିବା ଯୋଗୁଁ ଦୈନିକ ହଜାର ହଜାର ସଂଖ୍ୟାରେ ଯାନବାହାନ ଅହରହ ଯାତାୟାତ କରିଥାଏ । ମାତ୍ର ଦୁର୍ଭାଗ୍ୟର ବିଷୟ ଏହି ରାସ୍ତାର ସାଙ୍ଘାତିକ ଅବସ୍ଥା ସମ୍ପର୍କରେ ଅଜ୍ଞ ଥିବା ସତ୍ୱେ ଜିଲ୍ଲା ପ୍ରଶାସନ ଏହି ସମସ୍ୟାର ସମାଧାନ ପ୍ରତି କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି ଶ୍ରୀ ପାଣିଗ୍ରାହୀ ଏକ ପ୍ରେସ ବିବୃତିରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ।

ଶ୍ରୀ ପାଣିଗ୍ରାହୀ ଆହୁରି କହିଛନ୍ତି ଯେ, ତୁରନ୍ତ ଏହି ରାସ୍ତାର ନିର୍ମାଣ ଓ ମରାମତି କରାଯାଉ, ନଚେତ ଆଗାମୀ ଦିନରେ ଏହି ସମସ୍ୟାକୁ ନେଇ କୌଣସି ବଡ଼ ଧରଣର ଆନ୍ଦୋଳନ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ । ଜିଲ୍ଲାପାଳ ଏହି ରାସ୍ତାର ଶୋଚନୀୟ ଅବସ୍ଥା ଅନୁଧ୍ୟାନ କରି ତୁରନ୍ତ ଏହାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାପାଇଁ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରାଇଛନ୍ତି ।

# ବସ୍ତା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ପରାକ୍ରମ ଦିବସ ପାଳିତ

ବସ୍ତା , ୨୩/୦୧ (ନି.ପ୍ର): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମଦିନକୁ ବସ୍ତାରେ 'ପରାକ୍ରମ ଦିବସ' ରୂପେ ମହା ସମାରୋହରେ ପାଳିତ କରାଯାଇଛି । ଏହି ଉପଲକ୍ଷେ ବସ୍ତା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଏକ ଜୟନ୍ତୀ ସଭା ପ୍ରଧାନାଚାର୍ଯ୍ୟ ଶ୍ରୀପତି ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ନେତାଜୀଙ୍କ ସହ ବୀର ସୁରେନ୍ଦ୍ର ସାଏ ଓ ରାଷ୍ଟ୍ରଭକ୍ତ ସଦାନନ୍ଦ ପାନ୍ତୱାଣେଙ୍କ ଜନ୍ମଦିନରେ ସମସ୍ତଙ୍କ ପାଇଁ ସ୍ମୃତି ଚାରଣ କରାଯାଇ ଥିଲା ।




ଛାତ୍ରୀ ଅନନ୍ୟା ଘୋଷ, ଅପୂର୍ବା ପରିଡା ଓ ନବଜ୍ୟୋତି ରାଉଳ ବୀରଗାଥା ଗାନ କରିଥିଲେ । ଶରତ ଗୁରୁଜୀ, ନମିତା ଓ ପୁଷ୍ପ ଗୁରୁମା ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ବକ୍ତା ଭାବେ ସମାଜସେବୀ ଶ୍ୟାମାପ୍ରସାଦ ବେହେରା ଓ ବକ୍ତା ଭାବେ ସାମ୍ବାଦିକ ରାମଚନ୍ଦ୍ର ଦେବ ଉଦବୋଧନ ଦେଇଥିଲେ । ପ୍ରଶାନ୍ତ ଗିରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ଜୟପୁର, ୨୩/୦୧ (ନି.ପ୍ର): ଜୟପୁର ନେହୁର ନଗର ସ୍ଥିତ ଅଗ୍ରସେନ ଭବନ ଠାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ସର୍ବ ଭାରତୀୟ ମାରଓାରି ଯୁବା ମଂଚର ଜୟପୁର ଶାଖା ତରଫରୁ ଆୟୋଜନ ହୋଇଥିଲେ । ଏହି ଶିବିରକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଓ ବିଜେଡି ଜିଲା ସଭାପତି ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଉଦଘାଟନ କରିଥିଲେ । ଏଥିରେ ବିଭିନ୍ନ ବିଭାଗର ଡାକ୍ତର ଉପସ୍ଥିତ ରହି ଚିକିତ୍ସା କରିଥିଲେ । ମଂଚ ଜୟପୁର ଶାଖା ତରଫରୁ ରସୋନ ଗୋୟାଲ, ବିକ୍ରମ ଜୈନ, ବରୁଣ ଜୈନ, ସଞ୍ଜୟ ଅଗ୍ରଓାଲ, କାହ୍ନା ଅଗ୍ରଓାଲ ପ୍ରମୁଖ ଶିବିର କୁ ଆୟୋଜନ କରିଥିଲେ । ଅନ୍ୟ ମାନଙ୍କ ମଧରେ ପୂର୍ବତନ ଉପାଧ୍ୟକ୍ଷ ସୁଯ୍ୟ ନାରାୟଣ ରଥ, ସୁବାସ ରାଉତ, ହିମାଂଶୁ ମହାପାତ୍ର, ପ୍ରକାଶ ନାୟକ, ରାଜପାଲ ଖୁରାନା ପ୍ରମୁଖ ଉପସ୍ଥିତ ଥିଲେ ।

# ବିନାୟକ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବିଜ୍ଞାନ ମେଳା ଅନୁଷ୍ଠିତ

ଭୁବନ, ୨୩/୦୧ (ନି.ପ୍ର): ଭୁବନର ପ୍ରଥମ ଇଂଲିଶ ମିଡିୟମ ସ୍କୁଲ ବିନାୟକ ଇଂରାଜୀ ମାଧ୍ୟମବିଦ୍ୟାଳୟର ବାର୍ଷିକ ପ୍ରଦର୍ଶନୀ ଉତ୍ସବ(ବିଜ୍ଞାନ ମେଳା) ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ସଂପାଦକ ହରିହର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ପ୍ରଦର୍ଶନୀ ଉତ୍ସବରେ ଭୁବନ ମହିଳା ମହାବିଦ୍ୟାଳୟର ସାୟନ ବିଜ୍ଞାନ ଅଧ୍ୟାପକ ଶୁଭମ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରି କଳା, ବିଜ୍ଞାନ ଓ ସ୍ଥାପତ୍ୟର ବିକାଶ ଦିଗରେ ଆଲୋକପାତ କରିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଧର ପୃଷ୍ଟି ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନିଜଭିତରେ ଥିବା ଚିନ୍ତାଶକ୍ତିକୁ ଉପଯୋଗ କରି ନୂଆ ଜିନିଷ ଉଦ୍ଭାବନ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟର ମୁଖ୍ୟ ପରାମର୍ଶଦାତା ଲକ୍ଷ୍ମଣ କୁମାର ସାହୁ, ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ବେହେରା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମିଶ୍ର ଯୋଗ ଦେଇଥିଲେ । ସ୍ୱପ୍ନିଳାବର୍ଦ୍ଧନ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୁଶ୍ରୀ ଚିନ୍ମୟୀ ପତି ଧନ୍ୟବାଦ ଅର୍ପଣ କରିଥିଲେ । କୁନିକୁନି ପିଲାଙ୍କ ଦ୍ୱାରା ସମୁଦାୟ ୫୫ଟି ପ୍ରକଳ୍ପ ସ୍ଥାନ ପାଇଥିଲା ଓ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବାର୍ଷିକ ପ୍ରଦର୍ଶନୀ ଉତ୍ସବରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସକ୍ରିୟ ଅଂଶଗ୍ରହଣ ଏବଂ ସହଯୋଗ କରିଥିଲେ ।

## ଘରୋଇ ବସ କଣ୍ଡକ୍ଟରଙ୍କୁ ମରଣାନ୍ତକ ଆକ୍ରମଣ

ଜୟପୁର, ୨୩/୦୧ (ନି.ପ୍ର): ଭୁବନେଶ୍ୱର ବରମୁଣ୍ଡା ବ ସ ଷ୍ଟ । ଣ୍ଡ ରେ ମାଲାକାନଗିରୀରୁ ଭୁବନେଶ୍ୱର ଯାଉଥିବା ଏକ ଘରୋଇ ବସର କଣ୍ଡକ୍ଟର କୁମାର ସେଠୀଙ୍କୁ ଭୁବନେଶ୍ୱରରୁ ମାଲାକାନଗିରୀ ଆସୁଥିବା ଆଉ ଗୋଟିଏ ଘରୋଇ ବସର ମାଲିକ ଏବଂ ତାଙ୍କ ଗୁଣ୍ଡା ମାନେ ମରଣାନ୍ତକ ଆକ୍ରମଣ କରିଥିବା ଟାଉନଥାନାରେ ଏତଲା ଦେଇଛନ୍ତି । ଗତ କାଲି ସଂଧ୍ୟାରେ କୁମାର ଜୟପୁର ଘରୋଇ ବସ କର୍ମଚାରୀ ସଂଘର ସଭାପତି ସୁଶାନ୍ତ ଅଧିକାରୀ, ସାଧାରଣ ସଂପାଦକ ରାଜୀବ ଟାକ୍ରୀ, ରାମନାଥ ଲାଲ, ବାବୁ କଇଲ, ରବିନ୍ଦ୍ର ନାୟକ ଆଦିଙ୍କ ସହ ଆଇଆଇସି ସମ୍ମିତ ବେହେରାଙ୍କୁ ଭେଟି ଏତଲା ଦେଇଥିଲେ । ପଅରଦିନ ସଂଧ୍ୟାରେ ଉକ୍ତ ମାଲିକ ତାଙ୍କୁ ମାରପିଟ୍ କରିବା ସହ ସେ ଧରିଥିବା ବ୍ୟାଗରୁ ୩୦ହଜାର ଟଙ୍କା ଛଡାଇ ନେଇଥିବା କୁମାର ନିଜ ଏତଲାରେ ଦର୍ଶାଇଛନ୍ତି ।

ଏପରିକି ୧୦ରୁ ୧୨ଜଣ ଗୁଣ୍ଡାଙ୍କ ସହ ଉକ୍ତ ମାଲିକ ମାରଣାସ୍ତ୍ର ଧରି ତାଙ୍କୁ ଜୀବନରେ ମାରିବାକୁ ଉଦ୍ୟମ କରିଥିବା ଏବଂ ତାଙ୍କ ଜୀବନପ୍ରତି ବିପଦ ରହିଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ।

# ସର୍ବଭାରତୀୟ ମାରୱାଡୀ ଯୁବ ମଂଚର ସ୍ୱାସ୍ଥ୍ୟ ଶିବିର

ଜୟପୁର, ୨୩/୦୧ (ନି.ପ୍ର): ସ୍ଥାନୀୟ ଅଗ୍ରସେନ ଭବନ ପରିସରରେ ସର୍ବଭାରତୀୟ ମାରୱାଡୀ ଯୁବ ମଂଚ ପକ୍ଷରୁ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶାଖାପାଟଣା ଅନୁ ଗୃଫ ଅଫ ହସ୍ପିଟାଲର ଅସ୍ଥିଶଲ୍ୟ ବିଶେଷଜ୍ଞ ଡ.ଶ୍ରୀନିବାସ ଗୋଲାଙ୍ଗୀ, କାର୍ଡିଓଲୋଜୀ ବିଶେଷଜ୍ଞ ଡ.ପାଉଲ କିରଣ, ମହାତ୍ମାଗାନ୍ଧୀ କ୍ୟାନସର ହସ୍ପିଟାଲର ସର୍ଜିକାଲ ଓନକାଲୋଜୀ ବିଶେଷଜ୍ଞ ଡ.ଶିବଶଙ୍କର ବେଉରିଆ, ଭେଷଜ ବିଶେଷଜ୍ଞ ଡ.ପ୍ୟାଲା ସାଇ ଶେଖର, ଦନ୍ତ ବିଶେଷଜ୍ଞ ଡ.ଦେବରଚନ, ଇମ୍ୟୁନି କନସଲଟାଣ୍ଟର ସୁରେଶ ୟଗାଡ଼ି, ବରଲକ୍ଷ୍ମୀ ପ୍ରମୁଖ ଭାଗ ନେଇ ୧୪୫ଜଣ ବିଭିନ୍ନ ରୋଗୀଙ୍କର ପରୀକ୍ଷା କରିବା ସହ ଚିକିତ୍ସା ପରାମର୍ଶ ଦେଇଥିଲେ । ଏହି ଶିବିରରେ ଅତିଥି ଭାବେ ଯୋଗ ଦେବାକୁ ଆସିଥିବା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ କେସିସି ବ୍ୟାଙ୍କ ସଭାପତି ଇଂ.ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ ନିଜ ନିଜ ସ୍ୱାସ୍ଥ୍ୟ ସମସ୍ୟା ସଂପର୍କରେ ଡାକ୍ତରଙ୍କୁ ଅବଗତ କରି ପରୀକ୍ଷା କରାଇଥିଲେ । ଏଥିରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ଅଂଜଳି ମିଶ୍ର, ବିଜେଡି ନେତା ହିମାଂଶୁ ମହାପାତ୍ର, ସୁବାସ ରାଉତ, ପୂର୍ବତନ ପୌର ଉପାଧ୍ୟକ୍ଷ ମୁନ୍ନା ରଥ , ବରିଷ୍ଠ ଆଇନଜୀବୀ ବିରେଶ ପଟ୍ଟନାୟକ ପ୍ରମୁଖ ଭାଗ ନେଇଥିଲେ । ଶିବିରକୁ ସଂଯୋଜକ ରୋଶନ ଗୋୟଲ, ବିକ୍ରମ ଜୈନ, ସଭାପତି ବରୁଣ ଜୈନ, ସଂପାଦକ ସଂଜୟ ଅଗ୍ରୱାଲ, ଉପସଭାପତି କାହ୍ନା ଅଗ୍ରୱାଲଙ୍କ ସହ ମଂଚର ସଦସ୍ୟ ମାନେ ପରିଚାଳନା କରିଥିଲେ ।



## ନିଳାଗୁଡା ନିକଟ ଜଙ୍ଗଲରେ ଅବକାରୀ ଚଢାଉ

ଜୟପୁର, ୨୩/୦୧ (ନି.ପ୍ର): ଅବକାରୀ ବିଭାଗ ତରଫରୁ ଚଢାଉ କରାଯାଇଛି । ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ନିକଟ ଜଙ୍ଗଲରେ ଅବକାରରୀ ବିଭାଗ ତରଫରୁ ଚଢାଉ କରାଯାଇଛି । ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୁଚନା ପାଇ ଚଢାଉ କରାଯାଇଥିଲା । ଚଢାଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ବହୁ ମଦ ଭାଟି ଭାଙ୍ଗି ଥିବା ବେଳେ ୧୪ ଶହ ଲିଟର ପୋଚ ଓ ୮୦ ଲିଟର ଦେଶି ମଦ କୁ ଜବତ କରି ନଷ୍ଟ କରିଛି । ଘଟଣା ସ୍ଥଳରୁ ମଦ ରନ୍ଧା ସରଞ୍ଜାମ,ଡ୍ରମ ଆଦିକୁ ଜବତ କରି ଥିବା ଅବକାରି ବିଭାଗ ତରଫରୁ ସୁଚନା ଦିଆଯାଇଛି ।

# ଗୋପବନ୍ଧୁ ନଗର ତୈଳିକ ବୈଶ୍ୟ ସମାଜର ବନ୍ଧୁମିଳନ

ବଲାଙ୍ଗୀର, ୨୩/୦୧ (ନି.ପ୍ର): ସ୍ଥାନୀୟ ଗୋପବନ୍ଧୁ ନଗର ସ୍ଥିତ ମାଉସୀମା ମନ୍ଦିର ପ୍ରାଙ୍ଗଣରେ ସଭାପତି ରାଜେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ତୈଳିକ ବୈଶ୍ୟ ସମାଜର ବନ୍ଧୁ ମିଳନ ତଥା ପୁଷପୁନି ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ସଭାରେ ଜିଲ୍ଲା ସଭାପତି ଉମାକାନ୍ତ ସାହୁ, ସଂପାଦକ ପ୍ରଦୀପ ସାହୁ, ଉପଦେଷ୍ଟା ଅଙ୍ଗିରା ସାହୁ, ସହ-ସଂପାଦକ ଶରତ ସାହୁ, ବଲାଙ୍ଗିର ବ୍ଲକ ପୂର୍ବତନ ସଂପାଦକ ନରସିଂହ ସାହୁ, ସଂପାଦକ ନରହରି ସାହୁ, ନେପାଳ ସାହୁ ଏବଂ ସଂପାଦକ ରୁଦ୍ର ସାହୁ ଯୋଗଦାନ କରି ସମାଜର ମଙ୍ଗଳ ପାଇଁ ବିଭିନ୍ନ ମତବ୍ୟକ୍ତ କରିଥିଲେ । ଜିଲ୍ଲା ସାଂଗଠନିକ ସଂପାଦକ ବିକାଶ ରଂଜନ ସାହୁ ସଭା ସଂଯୋଜନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭା ଆରମ୍ଭରେ ଜିଲ୍ଲା ଯୁବ କମିଟିର ସଭାପତି ଅନୁପ ସାହୁ ପୂଜାର୍ଚ୍ଚନା କରି ସଭାର ଶୁଭାରମ୍ଭ କରିଥିଲେ । ଏହି ଉପଲକ୍ଷେ ସମସ୍ତ ବର୍ଗଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀ ତଥା ମହିଳାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଗୋପବନ୍ଧୁ ନଗରର ପ୍ରାୟ ୩୦୦ ଜାତିଭାଇ ଯୋଗଦାନ କରି ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏଥିପାଇଁ ଏକ ମହିଳା କମିଟି ଗଠନ କରିବା ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା । ଏଥିରେ ନଗର କମିଟିର ଉପ-ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ଦୁର୍ଗା ସାହୁ, ଅଙ୍କିତ ସାହୁ, ମହିଳା କମିଟିର ସଂପାଦକ ସ୍ୱିଟି ସାହୁ, ସବିତା ସାହୁ, ଘନଶ୍ୟାମ ସାହୁ, ଆଶିଷ କୁମାର ସାହୁ, ପ୍ରମୋଦ ସାହୁ, ଭଗବାନ ସାହୁ, ଭରତ ଚନ୍ଦ୍ର ସାହୁ, କୃପାସିନ୍ଧୁ ସାହୁ, ନାରାୟଣ ସାହୁ, ସନାତନ ସାହୁ ଏବଂ ଗୋପବନ୍ଧୁ ନଗରର ତୈଳିକ ଜାତି ଭାଇ ଯୋଗଦାନ କରି ସହଯୋଗ କରିଥିଲେ ।

# ବଲାଙ୍ଗୀର ଲୋକ ଉତ୍ସବ ତୃତୀୟ ଦିବସରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କ ମନକୁ ମୋହିଲା

ବଲାଙ୍ଗୀର, ୨୩/୦୧ (ନି.ପ୍ର): ତୃତୀୟ ଦିବସରେ ସଂସ୍କୃତି ସନ୍ଧ୍ୟାରେ ସଭାରେ ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ମହେନ୍ଦ୍ର କୁମାର ମହାପାତ୍ର ଅଧ୍ୟକ୍ଷତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଂଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ସମ୍ମାନିତ ଅତିଥିଭାବେ ବଲାଙ୍ଗିର ସମବାୟ ବ୍ୟାଙ୍କ ଅଧ୍ୟକ୍ଷ ସ୍ମାରକ ରଞ୍ଜନ ମିଶ୍ର, କଳାକାର ଶ୍ରୀକାନ୍ତ ଉଦ୍‌ଗାତା, ସକ୍ଷରସ୍ୱତ ସାଧକ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ, ଅତିଥି କଳାକାର ନିର୍ଦ୍ଦେଶକ ସାରଙ୍ଗ ଧର ଠାକୁର, ପଡିଆ କମିଟି ଉପସଭାପତି ଗୋପାଳ ପଧାନ ମଂଚାସୀନ ଥିଲେ ଓ ଆଜିର କାର୍ଯ୍ୟକ୍ରମ ରେ ସମାନିତ ହୋଇଥିଲେ କଳାକାର ସଙ୍ଗୀତ ସାଧକ ମୁରଲୀଧର ପତି. ସଭାକୁ ପରିଚାଳନା କରିଥିଲେ ପ୍ରଚର କମିଟି ସହ ଅଧ୍ୟକ୍ଷ ବିରେନ୍ଦ୍ର କୁମାର ଝାଙ୍କର ଶେଷରେ ଧନ୍ୟବାଦ ଦେଇଥିଲେ ବିଜୟ କୁମାର ଶତପଥୀ । ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏଥିରେ ରାଜସ୍ଥାନର କାଲବଲିଆ, ମଧ୍ୟପ୍ରଦେଶର ବଧକ୍ଷଇ ପଂଚମ ବଲାଙ୍ଗିର, ତୁଳସୀ ନାଟକ କଳା ପରିଷଦ ବଲାଙ୍ଗିର, ଆସାମର ବିହୁ, ଖୁସି ଡାନ୍ସ ଏକାଡେମୀ ବଲାଙ୍ଗିର, ଦୁର୍ଗା ପୂଜା ଟ୍ରଷ୍ଟ ବଲାଙ୍ଗିର, ହରିୟାଣାର ଘୁମର, ବରଗଡ଼ ସଂସ୍କୃତି ପରିଷଦ, ଢୋଲ ମହୁରୀ ବଲାଙ୍ଗିର, ପଞ୍ଜାବର ଭାଙ୍ଗଡ଼ା, ପୌରାଂଚଳ ଯାଦବ ସମାଜ ବଲାଙ୍ଗିର, ତଥା ଦିନରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ଶ୍ରେଷ୍ଟ ଦଳ ଘୁଙ୍ଗୁର କଳା ପରିଷଦ ପୁଇଁତଲା ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅନେକ ଦର୍ଶକ ଦେଖିବା ସହିତ ସଂସ୍କୃତିକ ରସ ପାନ କରିଥିଲେ ।

# ପୁଣି ଚର୍ଚ୍ଚାରେ କୁକୁରପେଟା ଜଳସେଚନ ପ୍ରକଳ୍ପ : ୫୨ ବର୍ଷ ପରେ ବି ମିଳିନି କ୍ଷତିପୂରଣ

ଛେଣ୍ଡିପଦା : ଚାଷ ଜମିକୁ ପାଣି ଦେବା ପାଇଁ ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ କୁକୁରପେଟା ନିକଟରେ ନିର୍ମାଣ ହୋଇଛି କୁକୁରପେଟା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ । କିନ୍ତୁ ପ୍ରକଳ୍ପ ଆରମ୍ଭ ଦିନରୁ ଏହା ବିବାଦୀୟ ହୋଇ ପଡ଼ିଛି । କ୍ଷତିପୂରଣ ନ ଦେଇ ଘରୋଇ ଜମିରେ ଏହି ପ୍ରକଳ୍ପ କରାଯାଇଥିବାରୁ କ୍ଷତିଗ୍ରସ୍ତ ପ୍ରଜା ଏହାକୁ ବିରୋଧ କରି ଆସୁଛନ୍ତି । ଏପରିକି ମାଲିକାନା ସତ୍ତ୍ୱ ବି ଦାବି କରୁଛନ୍ତି । ଏବେ ଜମିହରା ପ୍ରଜାଙ୍କୁ ଉଚିତ୍ କ୍ଷତିପୂରଣ ନ ଦେବା ପର୍ଯ୍ୟନ୍ତ ଅନୁଗୁଳ ଜିଲ୍ଲାପାଳଙ୍କ ସମେତ ୩ ବରିଷ୍ଠ ଅଧିକାରୀଙ୍କ ଦରମା ବନ୍ଦ ପାଇଁ ହାଇକୋର୍ଟଙ୍କ ଆଦେଶ ପରେ ଏହି ବିବାଦ ପୁଣି ତାଜା ହୋଇଛି । ଏପଟେ ହାଇକୋର୍ଟଙ୍କ ଏହି ରାୟ ପରେ କ୍ଷତିପୂରଣ ପାଇବା ନେଇ ଜମିହରା ପ୍ରଜାଙ୍କ ମନରେ ଆଶା ସଂଚାର ହୋଇଛି ।

ଅନୁଗୁଳ-ଛେଣ୍ଡିପଦା ମୁଖ୍ୟ ରାସ୍ତା କଡ଼ରେ ରହିଛି ଏହି କୁକୁରପେଟା ଜଳସେଚନ ପ୍ରକଳ୍ପ । ୧୯୬୯ ମସିହାରେ କୁଞ୍ଜବିହାରିପୁର, କୁକୁରପେଟା, କୁକୁରପେଟା ଜଙ୍ଗଲ, ନୂଆମଉଜା, ତେନ୍ତୁଲୋଇ ଗୋପୀନାଥପୁର ମୌଜାର ୧୦୯ ଏକର ଜମିରେ ଏହି ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଥିଲା । ଏଥିରୁ ୬୪.୩୨ ଏକର ଘରୋଇ ଜମି ରହିଥିଲା । ପ୍ରକଳ୍ପ ନିର୍ମାଣ ଆରମ୍ଭ ହେଲାବେଳକୁ ଏହି ଘରୋଇ ଜମିର ମାଲିକାନା ୨୫ ପରିବାରର ରହିଥିଲା । ଏବେ ଏହା ବଢ଼ି ୧୮୮ ପରିବାରରେ ପହଞ୍ଚିଛି । ଆଶ୍ଚର୍ଯ୍ୟର କଥା, ଜମି ଅଧିଗ୍ରହଣ ସମୟରେ କ୍ଷତିଗ୍ରସ୍ତଙ୍କୁ ଆଦୌ କ୍ଷତିପୂରଣ ଦିଆଯାଇ ନ ଥିଲା । କାଗଜପତ୍ର ଠିକ୍ ନ ଥିବା ଦର୍ଶାଇ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟାକୁ ଆରମ୍ଭରୁ ବିଳମ୍ବିତ କରାଯାଇଥିଲା । କ୍ଷତିଗ୍ରସ୍ତ ପ୍ରଜା ବାରମ୍ବାର କ୍ଷତିପୂରଣ ମାଗିଥିଲେ ମଧ ସେମାନଙ୍କ ସ୍ୱରକୁ ଚାପି ଦିଆଯାଇଥିଲା ।

କ୍ଷତିପୂରଣ ମିଳି ନଥିବାରୁ ୨୦୧୨ରେ ମାଛଚାଷ ପାଇଁ ତହସିଲ ନିଲାମକୁ ବିରୋଧ କରି କ୍ଷତିଗ୍ରସ୍ତ ପରିବାର ଜଳଭଣ୍ଡାରକୁ ନିଜ ଦଖଲକୁ ନେଇଥିଲେ । ସେତେବେଳେ ଏହାକୁ ନେଇ ଏକ ବଡ଼ ବିବାଦ ସୃଷ୍ଟି ହୋଇଥିଲା । ୨୦୧୩ରେ ଉଚ୍ଚ ନ୍ୟାୟାଳୟରେ କ୍ଷତିଗ୍ରସ୍ତଙ୍କ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା । ୨୦୧୩ ଜମି ଅଧିଗ୍ରହଣ ଥଇଥାନ ନିୟମ ଅନୁଯାୟୀ କ୍ଷତିଗ୍ରସ୍ତ ପ୍ରଜାଙ୍କୁ କ୍ଷତିପୂରଣ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ହାଇକୋର୍ଟଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ମଧ ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ପ୍ରଦାନ କରାଯାଇ ନାହିଁ । ତେଣୁ ଏହି ମାମଲରେ ଅଦାଲତ କଠୋର ନିଷ୍ପତ୍ତି ନେଇଛନ୍ତି । କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରା ନ ଯିବା ପର୍ଯ୍ୟନ୍ତ ଅନୁଗୁଳ ଜିଲ୍ଲାପାଳ, ଜିଲ୍ଲାପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ଭୂମି ଅଧିଗ୍ରହଣ ଅଧିକାରୀଙ୍କ ଦରମା ବନ୍ଦ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ହାଇକୋର୍ଟଙ୍କ ଏହି ଆଦେଶ ପରେ କ୍ଷତିଗ୍ରସ୍ତ ପ୍ରଜାଙ୍କୁ କ୍ଷତିପୂରଣ ମିଳିବା ନେଇ ସମ୍ଭାବନା ବଢ଼ିଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, କ୍ଷତିଗ୍ରସ୍ତ ପ୍ରଜାଙ୍କ ଜମିର ଦର ଆକଳନ କରାଯାଇ ଚୂଡ଼ାନ୍ତ ରିପୋର୍ଟ ସରକାରଙ୍କୁ ଏ ଭିତରେ ପ୍ରଦାନ କରାଯାଇଛି । ଏଥିପାଇଁ ଆବଶ୍ୟକ ଟଙ୍କା ମଂଜୁର କରିବା ପାଇଁ ମଧ କୁହାଯାଇଛି । ଏହି ଟଙ୍କା ଆସିବା ପରେ କ୍ଷତିଗ୍ରସ୍ତ ଟଙ୍କା ପାଇଯିବେ । ଅଳ୍ପ ଦିନ ଭିତରେ ଏହି ପ୍ରକ୍ରିୟା ଶେଷ ହେବ ବୋଲି ଅନୁମାନ କରାଯାଉଛି । ମାମଲରେ ଅଦାଲତରେ ଥିବାରୁ ଏଥିନେଇ କୌଣସି ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ ।

# ବାନ୍ଧନୀ ଓ ପାଟନ ପଟୋଲା ଶାଢ଼ିର ଫ୍ୟାସନ୍



ବାନ୍ଧନୀ ପ୍ରିଣ୍ଟର ଶାଢ଼ି ଓ ଡ୍ରେସ୍‌ର ଫ୍ୟାସନ ଏହି ସମୟରେ ଖୁବ୍ ଚାଲିଛି । ରଙ୍ଗିନ ଛୋଟ ଛୋଟ ପ୍ରିଣ୍ଟର ଶାଢ଼ି ଓ ଓଢ଼ଣି ନିଶ୍ଚିତ ଭାବରେ ଦେଖିଥିବେ । ଏହାକୁ ବାନ୍ଧନୀ ପ୍ରିଣ୍ଟ କୁହାଯାଏ । ଗୁଜରାଟ ଓ ରାଜସ୍ଥାନର ପାରମ୍ପରିକ ଷ୍ଟାଇଲ ଆଜିକାଲି ସବୁ ସ୍ଥାନର ମହିଳାମାନେ ପସନ୍ଦ କରୁଥିବାର ଦେଖାଯାଉଛି । ସେଲିବ୍ରିଟିମାନେ ମଧ ଏହି ପ୍ରିଣ୍ଟର ଡ୍ରେସ୍‌ରେ ନଜର ଆସନ୍ତି । ବର୍ତ୍ତମାନ ସମୟରେ ଏହି ପ୍ରିଣ୍ଟ ଲାଟେଷ୍ଟ ଟ୍ରେଣ୍ଡ ହୋଇଗଲାଣି । କେବଳ ବାନ୍ଧନୀ ନୁହେଁ, ଅନ୍ୟ ଏକ ବିଶେଷ ପ୍ରକାରର ପ୍ରିଣ୍ଟର ଶାଢ଼ି ବା ଡ୍ରେସ୍ ମଧ ସମସ୍ତେ ପସନ୍ଦ କରୁଛନ୍ତି, ତାହା ହେଲା ପାଟନ ପଟୋଲା ଶାଢ଼ି ।





♦ପଟୋଲା ଶାଢ଼ିର ବିଶେଷତ୍ୱ ହେଲା ହେବ । ଏହାର ସିଧା ଓ ଓଲଟା ପାଇଁ ଏହାକୁ ଡବଲ୍ ଇକତ କୁହାଯାଏ ସୂତାର ଲମ୍ବା ଓ ଚଉଡ଼ାକୁ କ୍ରସ୍ କରି ସିଧା ଓ ଓଲଟା ମଧରେ ପାର୍ଥକ୍ୟ ଜଣା

♦କୁହାଯାଏ ସେ ସୋଲଙ୍କି ବଂଶର ଜଲନା ବାହାରରୁ ୭୦୦ ବୁଣାକାରଙ୍କୁ ସେ ସମୟରେ ରାଜା ବିଶେଷ ସିଲ୍‌କର ପଟ୍ଟା ପିନ୍ଧୁଥିଲେ । ବର୍ତ୍ତମାନ କେବଳ ତିନିଜଣ ଏପରି ପରିବାର ଅରିଜିନାଲ ପାଟନ ପଟୋଲା ଶାଢ଼ିର

♦ଏହି ଶାଢ଼ିର ଅନ୍ୟ ଏକ ବିଶେଷତ୍ୱ କେବେ ମଧ ହାଲୁକା ହୁଏନାହିଁ । ନର୍ତ୍ତକୀ, ହାତୀ, ଘୋଡ଼ା, ଓସ୍ତ ପତ୍ର, ଡିଜାଇନ କରାଯାଇଥାଏ ।

♦ଗୁଜରାଟରେ ବାନ୍ଧନୀ ପ୍ରିଣ୍ଟ ସହିତ ମହିଳାମାନେ ବେଶି ପସନ୍ଦ କରନ୍ତି । ଅନେକ ପୁରୁଣା । ପଟୋଲା, ପ୍ରକାରର ରେଶମୀ ଶାଢ଼ି, ଯାହାକୁ ନିର୍ଦ୍ଧାରିତ ସ୍ଥାନରେ ଗଣ୍ଠି ବାନ୍ଧି ରଙ୍ଗ ଗୁଜରାଟର ଟ୍ରେଡମାର୍କକୁ ପଟୋଲା କରିବା ପ୍ରଣାଳୀ ପାଇଁ ଦାମୀ ବୋଲି ଶାଢ଼ି ବା ଡ୍ରେସ୍‌କୁ ତିଆରି କରିବା ପାଇଁ କରାଯାଉଥିବା ରେଶମୀ ସୂତା

ଏହାର ଦୁଇଟି ଯାକ ପାର୍ଶ୍ୱରୁ ପିନ୍ଧି ଗୋଟିଏ ପ୍ରକାରର । ଏହି କାରଣ । ଡବଲ ଇକତ (ଏକା ଭଳି) ବୁଣାଯାଏ, ଯାହାଦ୍ୱାରା ଏହାର ପଡ଼େନାହିଁ ।


ରାଜା କୁମାରପାଳ ମହାରାଷ୍ଟ୍ରର ପାଟନରେ ରହିବାକୁ କହିଥିଲେ । ଅବସରରେ ପଟୋଲା ସମୟରେ ପାଟନରେ ଅଛନ୍ତି ଯେଉଁମାନେ କାରବାର କରୁଛନ୍ତି ।

ହେଉଛି ଏହାର ରଙ୍ଗ ପଟୋଲା ଶାଢ଼ିରେ ଶୁଆ ଇତ୍ୟାଦି ଆକୃତିର

ପଟୋଲା ଶାଢ଼ିକୁ ଏହି ପ୍ରିଣ୍ଟର ଇତିହାସ ଗୁଜରାଟର ଏକ ବୁଣିବା ପୂର୍ବରୁ ଦିଆଯାଏ । ଶାଢ଼ି ତିଆରି କୁହାଯାଏ । ଏହି ବ୍ୟବହାର କର୍ଣ୍ଣାଟକ ବା ପଶ୍ଚିମ ବଙ୍ଗରୁ କିଣାଯାଏ । ଏହି ସୂତା ଦ୍ୱାରା ଶାଢ଼ିର ଚମକ ଅନେକ ଗୁଣ ବଢ଼ିଥାଏ ।


# ସମଲିଙ୍ଗୀ ପଶୁ-ପକ୍ଷୀ !





ପଶୁ-ପକ୍ଷୀମାନେ ମଧ୍ୟ ସମଲିଙ୍ଗୀ ପ୍ରବଣ ହୋଇପାରନ୍ତି । ସମଲିଙ୍ଗୀ ପ୍ରବଣତା ଥିବା ପ୍ରାୟ ପାଞ୍ଚ ଶହ ପ୍ରଜାତିର ପଶୁ-ପକ୍ଷୀଙ୍କୁ ପ୍ରାଣୀବିଜ୍ଞାନୀମାନେ ଚିହ୍ନଟ କରିଛନ୍ତି । ମଣିଷର ନିକଟତର କହାଯାଉଥିବା ବୋନୋବୋକ୍ ବାନଙ୍କ ମୁକ୍ତ ଓ ଅବାଧ ଯୌନ-କ୍ରିୟା ଦେଖି ବିଜ୍ଞାନୀମାନେ ବିସ୍ମିତ ହେଇଛନ୍ତି । ଏହି ଶାନ୍ତିପ୍ରିୟ ପ୍ରାଣୀ ଅଯଥା ଲଢ଼େଇ-ଝଗଡ଼ାରେ ନ ମାତି ଶରୀରକୁ ଉପଭୋଗ କରିବା ଉପରେ ଗୁରୁତ୍ୱ ଦିଅନ୍ତି । ଦୈହିକ ଉପଭୋଗର ଆନନ୍ଦ ନିଅନ୍ତି । ଏହି ପ୍ରଜାତିର ସ୍ତ୍ରୀ ପ୍ରାଣୀଙ୍କ ମଧ୍ୟରେ ସମଲିଙ୍ଗୀ ଯୌନ-ସଂପର୍କ ଅତି ସାଧାରଣ । ସ୍ତନ୍ୟପାୟୀ ସାମୁଦ୍ରିକ ଜୀବ ବୋତଲ-ନାକିଆ ଡଲଫିନ୍ ମଧ୍ୟ ସମଲିଙ୍ଗୀ । ଏହି ପ୍ରଜାତିର ପୁରୁଷମାନେ ନିଜ ନିଜ ଭିତରେ ଏପରିକି ମୁଖ-ମୈଥୁନ ମଧ୍ୟ କରନ୍ତି । ଅନ୍ୟ ସାମୁଦ୍ରିକ ପ୍ରାଣୀଙ୍କ ଭିତରେ ଧୂସର ତିମି ଏବଂ ୱ୍ୱାଲରସ୍‌ଙ୍କମାନେ ସମଲିଙ୍ଗୀ ସଂପର୍କ ସ୍ଥାପନ କରନ୍ତି । ଏହି ପୁରୁଷ ୱ୍ୱାଲରସ୍‌ମାନେ ଯୁଗ୍ମ ଅବସ୍ଥାରେ ପାଣିରେ ଶୁଅନ୍ତି । ଆମେରିକାରେ ଦେଖାଯାଉଥିବା ବଣ-ମହିଷ କ୍ଷେତ୍ରରେ ମଧ୍ୟ ଏହା ସାଧାରଣ । ଏହି ପ୍ରଜାତିର ମହିଷୀମାନେ ବର୍ଷରେ ମାତ୍ର ଥରଟିଏ ମହିଷ ସହ ମିଳିତ ହେଉଥିବାରୁ, ମହିଷମାନେ ବର୍ଷ ତମାମ ସମଲିଙ୍ଗୀ ଯୌନ-କ୍ରୀଡ଼ା କରନ୍ତି । ଅନ୍ୟ ତୃଣଭୋଜୀଙ୍କ ମଧ୍ୟରେ କେତେକ ପ୍ରଜାତିର ହରିଣର, ଜିରାଫ୍ ଏବଂ ମାକାକୁ ବାନର ଏଭଳି ଅସ୍ୱାଭାବିକ ସଂପର୍କ ରଖନ୍ତି । ପକ୍ଷୀଙ୍କ ଭିତରେ ଗିନି କୁକୁଡ଼ା ଏବଂ ଇଉରୋପୀୟ ରାଜହଂସ ସମଲିଙ୍ଗୀ ।

# ବ୍ୟବହାର କରିନପାରିବାରୁ ଫୋନ୍ ଫେରାଇ ଦେଲା ଚୋର



ଦାମୀ ଫୋନ୍ ହଜିଯିବା ପରେ ପୁଣି ମିଳିବା ବାସ୍ତବରେ କୌଣସି ଚମତ୍କାରଠୁ କମ୍ ନୁହେଁ । ଏଭଳି ଏକ ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି । ନିକଟରେ ଜଣେ ବ୍ୟକ୍ତିଙ୍କ ସ୍ମାର୍ଟଫୋନ୍ ଏକ ଦୋକାନରେ ଚୋରି ହୋଇଯାଇଥିଲା । ଚୋରି କରିଥିବା ବ୍ୟକ୍ତି ଜଣକ କିଛି ଦିନ ପରେ ଫୋନ୍‌ଟିକୁ ଉକ୍ତ ବ୍ୟକ୍ତିଙ୍କୁ ଫେରାଇ ଦେଇଛି । ତେବେ ଏହାର କାରଣ ସବୁଠୁ ମଜାଦାର । ଚୋର ବ୍ୟବହାର କରିନପାରିବାରୁ ସ୍ମାର୍ଟଫୋନ୍‌ଟିକୁ ଫେରାଇ ଦେଇଛି । ଗତ ସେପ୍ଟେମ୍ବର ୪ ତାରିଖରେ ପୂର୍ବ ବୁର୍ଦ୍ଧୱାନ ଜିଲ୍ଲା ସ୍ଥିତ ଜମାଲପୁରର ଏକ ମିଠା ଦୋକାନରେ ଜଣେ ୨୨ ବର୍ଷୀୟ ଯୁବକ ଭୁଲବଶତଃ ୪୫ ହଜାର ଟଙ୍କାର ନିଜ ସ୍ମାର୍ଟଫୋନ୍ ଛାଡ଼ିଦେଇଥିଲେ । ସଙ୍ଗେ ସଙ୍ଗେ ଦୋକାନ କାଉଣ୍ଟରରୁ ତାହା ଚୋରି ହୋଇଗଲା । ଏହା ପରେ ଫୋନ୍ ମାଲିକ ଥାନାରେ ଅଭିଯୋଗ କଲେ । କିନ୍ତୁ ପୁଲିସ ଉକ୍ତ ମିଠା ଦୋକାନରେ ଫୋନ୍‌ଟିକୁ ପାଇଲା ନାହିଁ । ଅନ୍ୟ ଫୋନ୍‌ରେ ନିଜ ଫୋନ୍‌କୁ ଫୋନ୍ କରିବାକୁ ବ୍ୟକ୍ତି ଜଣକ ଚେଷ୍ଟା କଲେ, କିନ୍ତୁ ତାହା ସ୍ୱିଚ୍‌ଡ ଅଫ୍ ଥିଲା । ତେବେ ଗତ ରବିବାର ପୁଣି ଥରେ ନିଜ ଫୋନ୍‌କୁ ଫୋନ୍ କରିବା ପରେ ଚୋରି କରିଥିବା ବ୍ୟକ୍ତି ଜଣକ ଫୋନ୍ କଲ୍ ରିସିଭ୍ କଲେ ଏବଂ ବ୍ୟବହାର କରିନପାରିବାରୁ ଫୋନ୍ ଫେରାଇବାକୁ ଚାହୁଁଛନ୍ତି ବୋଲି କହିଲେ । ଫୋନ୍ ମାଲିକ ଚୋରର ଏ କଥା ଶୁଣି ପ୍ରଥମେ ବିଶ୍ୱସ କରିପାରିଲେ ନାହିଁ । ଏହା ପରେ ସଙ୍ଗେ ସଙ୍ଗେ ପୁଲିସ ସାହାଯ୍ୟରେ ସେହି ଦିନ ଚୋରି କରିଥିବା ବ୍ୟକ୍ତିଙ୍କ ଘରକୁ ଯାଇ ନିଜ ଫୋନ୍ ଆଣିଲେ । ବ୍ୟକ୍ତି ଜଣକ ଫୋନ୍ ଫେରାଇ ଦେଇଥିବାରୁ ଫୋନ୍ ମାଲିକ ତା’ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ପୁଲିସକୁ ଅନୁରୋଧ କଲେ । ତେଣୁ ପୁଲିସ ଫୋନ୍ ଚୋର ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ନାହିଁ ।

# ମୋଟାପଣର କାରଣ



କାନାଡ଼ାର ଗବେଷକ ଦଳ ନିକଟରେ ସଂଖ୍ୟାଧିକ ଲୋକଙ୍କୁ ନେଇ ଏକ ପରୀକ୍ଷା କରିଥିଲେ । ନାନାପ୍ରକାର ପରୀକ୍ଷାନିରୀକ୍ଷା ସହ ସନ୍ତୁଳିତ ଭୋଜନରେ କେତେଜଣଙ୍କ ଓଜନ ନିୟନ୍ତ୍ରଣ ହୋଇଥିଲା । ହେଲେ ଅନ୍ୟ କେତେଜଣଙ୍କ ଓଜନ କମିବା ବଦଳରେ ଦିନକୁ ଦିନ ବଢ଼ିବାକୁ ଲାଗିଲା ।

ଗବେଷକମାନେ ଏହାର କାରଣ ଖୋଜିବାକୁ ତତ୍‌କ୍ଷଣାତ୍ ଲାଗିପଡ଼ିଲେ ।

ଆମେରିକାରେ ଉପଲବ୍ଧ ହେଉଥିବା ଏକ ନାମକରା କମ୍ପାନୀକୁ ହ୍ୟାଣ୍ଡ ୱାଶ କାରଣରୁ ଲୋକେ ମୋଟା ହେଉଥିବାର ତଥ୍ୟ ଜଣାପଡ଼ିଲା ।

ହ୍ୟାଣ୍ଡ ୱାଶରେ ଟ୍ରିକ୍ଲୋସାନ୍ ନାମକ ଆଣ୍ଟି-ବ୍ୟାକ୍ଟେରିଆ ତତ୍ତ୍ୱ ହର୍ମୋନ୍ ସିଷ୍ଟମକୁ ପ୍ରଭାବିତ କରୁଥିବାରୁ ଲୋକେ ମୋଟା ହେଉଥିବାର ଗବେଷରୁ ପ୍ରକାଶ ।

ଆମେରିକାର କେତୋଟି ଅଂଚଳରେ ଏହି ଏହି ହ୍ୟାଣ୍ଡ ୱାଶ୍ ବିକ୍ରି ନେଇ କଟକଣା ଲାଗୁ କରାଯାଇଛି ।

ସୋସିଆଲ ସାଇଟରେ ଅନ୍-ଲାଇନ୍ ରହୁଥିବାବେଳେ ଯୁବପିଢ଼ି ଆବଶ୍ୟକତାଠାରୁ ଅଧିକ ଖାଉଥିବାର ପ୍ରକାଶ ।

ନିଜ ପ୍ରିୟ ବ୍ୟଂଜନକୁ ଟେଲିଭିଜନ କିମ୍ବା ରେଷ୍ଟୋରାଁରେ ଦେଖିବା ମାତ୍ରେ ଏଡ୍ରେନାଲିନ୍ ଓ ଏଡ୍ରେନାଲାଇନ୍ ନାମକ ହରମୋନ୍ ବାହାରୁଥିବାରୁ ମଧ୍ୟ ମୋଟାପଣ ବଢ଼ିଥାଏ ।

ଲୁଣ ଅଧିକ ପରିମାଣରେ ଖାଉଥିବା ଲୋକଙ୍କ ପେଟ ଫୁଲିବା



ସହ ଓଜନ ବଢ଼େ ।

ପ୍ଲାଷ୍ଟିକ ବୋତଲରେ ପାଣିପିଇବା ମଧ୍ୟ କ୍ଷତିକାରକ । ଏଥିରେ ଥିବା ଏକ ପ୍ରକାର ରାସାୟନିକ ଦ୍ରବ୍ୟ ମୋଟା କରାଉଥିବାର ଗବେଷକଙ୍କ ମତ ।

# ଗୋଟିଏ ବି ଗାଡ଼ି ଚାଲେ ନାହିଁ ଏହି ଗାଁରେ

ନେଦରଲ୍ୟାଣ୍ଡସ୍‌ର ଗୋଟିଏ ଛୋଟ ଗାଁ ଗିୟେଥୁର୍ନ । ଆୟତନରେ ଛୋଟ ହୋଇପାରେ । ଅଥଚ ଏହା ଦେଖିବାକୁ ଏତେ ସୁନ୍ଦର ଓ ସବୁଜିମାରା ଯେ ଥରେ ଏଠାକୁ ଗଲେ ଫେରି ଆସିବାକୁ ମନ ହେବ ନାହିଁ । ପର୍ଯ୍ୟଟକମାନଙ୍କ ପାଇଁ ଲୋକପ୍ରିୟ ଏହି ଗାଁ । କିନ୍ତୁ ଏଠାକୁ ଅତି ସୀମିତ ସଂଖ୍ୟକ ପର୍ଯ୍ୟଟକ ଆସିଥାଆନ୍ତି । ଯଦିଓ କୋଭିଡ-୧୯ ମହାମାରୀ ପରଠାରୁ ଏହି ଗାଁରେର ପର୍ଯ୍ୟଟକଙ୍କ ପାଦ ପଡ଼ିନାହିଁ । ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ନୁହେଁ, ଆଉ ଗୋଟିଏ ବିଶେଷ କାରଣ ପାଇଁ ଏହି ଗାଁର ଏତେ ପରିଚୟ । ଏହି ଗାଁ ମଧରେ ଯାତାୟତ କରିବା ପାଇଁ ଗୋଟିଏ



ବିଶେଷ କାରଣ ପାଇଁ ଏହି ଗାଁର ଏତେ ପରିଚୟ । ଏହି ଗାଁ ମଧରେ ଯାତାୟତ କରିବା ପାଇଁ ଗୋଟିଏ ବୋଲି ସଡ଼କ ପଥ ନାହିଁ । ସଡ଼କ ନଥିବାରୁ ଗାଡ଼ି ମଧ ନାହିଁ । ଆଉ ଗାଡ଼ି ନଥିବାରୁ ଏହି ଗାଁରେ କୌଣସି କୋଳାହଳ ନାହିଁ । ସାରାଦିନ ଶାନ୍ତ ଥାଏ ଏଠାକାର ପ୍ରକୃତି । ଯାତାୟତ ପାଇଁ ଯଦି ରାସ୍ତା ନଥାଏ, ତେବେ ଗାଁର ଲୋକମାନେ ଯାତାୟତ କିଭଳି ଭାବେ କରନ୍ତି ? ସବୁକିଛି ଜଳପଥରେ । ଅର୍ଥାତ୍ ଗାଁର ପ୍ରତି ପ୍ରାନ୍ତରେ ଜଳପଥର ବ୍ୟବସ୍ଥା କରାଯାଇଛି । ଏହି ଜଳପଥ ସାହାଯ୍ୟରେ ହିଁ ଏହି ଗାଁର ଲୋକମାନେ ଗୋଟିଏ ପ୍ରାନ୍ତରୁ ଆଉ

ଗୋଟିଏ ପ୍ରାନ୍ତରେ ପହଞ୍ଚି ଯାଆନ୍ତି । ଏହା ମଧରେ ଯେଉଁ ନୌକା ବ୍ୟବହାର କରାଯାଏ, ଗ୍ରାମର ଶାନ୍ତ ପରିବେଶ ବଜାୟ ରଖିବାରେ ସେଗୁଡ଼ିକରେ ଶବ୍ଦହୀନ ଇଞ୍ଜିନ ଖଞ୍ଜାଯାଇଥାଏ । ଏହି ବିଶେଷତ୍ୱ ହିଁ ଗ୍ରାମଟିକୁ ଅନନ୍ୟ କରିଛି । ଏହି ଗ୍ରାମରେ ସବୁଠାରୁ ଜୋରରେ ଯଦି କିଛି ଶୁଣାଯାଏ ତେବେ ତାହା ହୁଏତ କୌଣସି ପକ୍ଷୀର କାକଳି ହୋଇଥିବ । କାହିଁକି ଏହି ଗ୍ରାମରେ କୌଣସି ରାସ୍ତା ନାହିଁ ? ଏହି ଗ୍ରାମକୁ ନେଦରଲ୍ୟାଣ୍ଡସ୍‌ର ଭେନିସ ବୋଲି ମଧ କୁହାଯାଏ । ତେବେ ଭେନିସ ଭଳି ପ୍ରାକୃତିକ ଭାବେ ଏହି ଗାଁ ଗଢ଼ି ଉଠିନଥିଲା ।

ଏହି ଗାଁରେ ଯେତେବେଳେ ପ୍ରଥମେ ଲୋକମାନେ ବସବାସ କରିବା ଆରମ୍ଭ କରିଥିଲେ ସେହି ସମୟରେ ଗାଁ ମଧରେରର ଅନେକ ସ୍ଥାନରେର ମାଟି ତଳେ ଫମ୍ପା ଅଂଶ ଥିଲା । ଗାଁରେ ବସବାସ ଆରମ୍ଭ କଲାବେଳେ ଲୋକମାନେ ସେହି ସବୁ ସ୍ଥାନକୁ ଖୋଳିବା ଆରମ୍ଭ କରିଥିଲେ । ବର୍ଷ ବର୍ଷ ଧରି ସେହି ଫମ୍ପା ସ୍ଥାନଗୁଡ଼ିକ ଖୋଳିଲା ପରେ ଗାଁ ମଧରେର ସ୍ଥାନରେ ଛୋଟ ଛୋଟ ହ୍ରଦ ସୃଷ୍ଟି ହୋଇଗଲା । ଧୀରେ ଧୀରେ ସେହି ହ୍ରଦଗୁଡ଼ିକୁ ଯୋଡ଼ି କେନାଲ୍ ଭଳି ତିଆରି କରାଗଲା । ଗାଁ ଭିତରେ ଭିନ୍ନ ଭିନ୍ନ ଦିଗରେ ଏହି କେନାଲ ଗୁଡ଼ିକ ଯାଇଥିବାରୁ ଆଉ ପାଦ ଚଲା ରାସ୍ତା ରହିଲା



ନାହିଁ । ଏମିତିକି ଲୋକମାନେ ସାମ୍ନା ଘରେ ରହୁଥିବା ପଡ଼ୋଶୀଙ୍କ ଘରରକୁ ଯିବାକୁ ଚାହିଁଲେ କାଠ ଓ ଲୁହାରେ ତିଆରି ଛୋଟ କଲଭର୍ଟ ଉପରେ ଯାତାୟତ କରିଥାଆନ୍ତି । ଗାଁଟି ଏକ ଛୋଟ ଦ୍ୱୀପ ଭଳି ମନେହୁଏ । ପୂରା ଗାଁରେର ଛୋଟ ଛୋଟ ୧୫୦ଟି ସେତୁ ତିଆରି ହୋଇଛି । ତେବେ ଏହି ଗାଁ ବିଷୟରେ ୧୯୮୫ ମସିହାରେର ପ୍ରଥମ ଥର ପାଇଁ ବାହାର ଦୁନିଆର ଲୋକମାନେ ଜାଣିବାକୁ ପାଇଲେ । ଡଚ୍ ଫିଲ୍ମ ନିର୍ମାତା ବାର୍ଟ ହାନଷ୍ଟ୍ରା ତାଙ୍କ କମେଡି ଫିଲ୍ମ ‘ଫ୍ୟାନଫେୟାର’ର ସୁଟିଂ ଏହି ଗ୍ରାମରେ କରିଥିଲେ । ଏହି ଗାଁର ଲୋକସଂଖ୍ୟା ଅଢ଼େଇ ହଜାର ପାଖାପାଖି ହେବ । ଅତି ଆବଶ୍ୟକ ନ ହେଲେ ଏହି ଗାଁର ଲୋକମାନେ ସହରକୁ ଯାଆନ୍ତି ନାହିଁ । ବରଂ ସରକାରଙ୍କ ତରଫରୁ ଏହି ଗାଁର ଲୋକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯାଏ । ଗାଁର ଲୋକମାନେ ଅତ୍ୟନ୍ତ ସରଳ ଓ ନିରାଡମ୍ବର ଜୀବନ ଅତିବାହିତ କରିଥାଆନ୍ତି । ଏହି ଲୋକମାନଙ୍କ ଅନୁସାରେ ସେମାନଙ୍କ ଚାହିଦା ଆଦି ସ୍ୱଳ୍ପ ହୋଇଥିବାରୁ ସେମାନେ କେବେ ବି ମନଦୁଃଖରେ ରହନ୍ତି ନାହିଁ । ସ୍ୱଳ୍ପରେ ସନ୍ତୁଷ୍ଟ ରହୁଥିବାରୁ ଏହି ଗାଁର ଲୋକମାନେ ସବୁବେଳେ ହସଖୁସିରେ ଜୀବନ ବିତାଇ ଥାଆନ୍ତି । ପର୍ଯ୍ୟଟକମାନଙ୍କ ସହିତ ଏହି ଗାଁର ଲୋକମାନଙ୍କ ବ୍ୟବହାର ଅତ୍ୟନ୍ତ ନମ୍ର ହୋଇଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମର ସଂସ୍କୃତି...

ଏକ ରାଷ୍ଟ୍ରକୁ ବିନା ଯୁଦ୍ଧରେ ଧ୍ୱଂସ କରିବାକୁ ହେଲେ ଏହାର ଶିକ୍ଷା ଓ ସଂସ୍କୃତିକୁ ଧ୍ୱଂସ କରିଦିଅ, ଆପଣାଛାଏଁ ଏହା ଧ୍ୱଂସ ପାଇଯିବ- ଏକଥା କହିଥିଲେ କେହି ଜଣେ ମହାମନୀଷୀ। ବାସ୍ତବରେ ଏକ ରାଷ୍ଟ୍ରର କଳା, ସାହିତ୍ୟ ଓ ସଂସ୍କୃତି ଅନନ୍ୟ ହୋଇଥିବାରୁ ଏହା ସମଗ୍ର ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିଥାଏ ଏବଂ ସ୍ୱତନ୍ତ୍ର ସମ୍ମାନର ମଧ୍ୟ ଅଧିକାରୀ ହୋଇଥାଏ। ତେଣୁ ଏହା ଧ୍ୱଂସ ପାଇବାର ଅର୍ଥ, ସେହି ରାଷ୍ଟ୍ରଟିର ଧ୍ୱଂସ ଘଟିବ। ୟୁକ୍ରେନ୍ ବିରୁଦ୍ଧରେ ରୁଷିଆର ଯୁଦ୍ଧକୁ ବର୍ଷେ ପୂରିବାକୁ ଯାଉଛି। ଏହା ଭିତରେ ଯୁଦ୍ଧରେ ଅନେକ ପ୍ରକାରର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପ୍ରୟୋଗ କରି ରୁଷିଆ ୟୁକ୍ରେନର ଅନେକ ସଂଖ୍ୟକ ଗୁରୁତ୍ୱପୂର୍ଣ୍ଣ କୋଠାବାଡ଼ିରୁ ଆରମ୍ଭକରି ହଜାର ହଜାର ନିରୀହ ୟୁକ୍ରେନୀୟଙ୍କ ପ୍ରାଣ ନେଇ ସାରିଲାଣି; ୟୁକ୍ରେନ୍ ମଧ୍ୟ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ସହାୟତାରେ କଡ଼ା ଜବାବ ଦେବାକୁ ଯାଇ ରୁଷିଆର ବେଶ୍ କିଛି ସଂଖ୍ୟକ ସୈନ୍ୟଙ୍କ ପ୍ରାଣ ନେଇଛି। ଯୁଦ୍ଧରେ ଅନେକ ସଂଖ୍ୟକ ଲୋକ ଆହତ ମଧ୍ୟ ହୋଇଛନ୍ତି। ତେବେ ରୁଷିଆର ଏହି ଅମାନବୀୟ ଆକ୍ରମଣର କେବଳ ମୂର୍ତ୍ତ ମାନବମନେ ନୁହନ୍ତି, କେତେକ ଅମୂର୍ତ୍ତ ପଦାର୍ଥ ମଧ୍ୟ ଶିକାର ହୋଇଛନ୍ତି, ଆଉ ସେଥି ମଧ୍ୟରେ ଅନ୍ତର୍ଭୁକ୍ତ ୟୁକ୍ରେନୀୟ ସଂସ୍କୃତି। ଗତବର୍ଷ ଫେବୃଆରୀ ମାସରେ ଯୁଦ୍ଧ ଆରମ୍ଭ କରିବା ପରଠାରୁ ରୁଷୀୟ ମିସାଇଲ ଏବଂ ବୋମାଗୁଡ଼ିକ ୟୁକ୍ରେନର ପାଠାଗାର, ଅପେରା ହାଉସ ଏବଂ ଥିଏଟରଗୁଡ଼ିକୁ ଲକ୍ଷ୍ୟଭୁକ୍ତ କରିଛନ୍ତି। ରୁଷୀୟ ସୈନ୍ୟମାନେ ୟୁକ୍ରେନର ସଂଗ୍ରହାଳୟ ବା ମ୍ୟୁଜିୟମ୍‌ଗୁଡ଼ିକୁ ଲୁଣ୍ଠନ କରିବାର ଅଭିଯୋଗ ହୋଇଛି। ଗତ ଡିସେମ୍ବର ମାସରେ ଆନ୍ତର୍ଜାତିକ ଲେଖକମାନଙ୍କ ସଂଗଠନ 'ପେନ୍' ୟୁକ୍ରେନ୍ ସରକାରଙ୍କର ଏକ ପତ୍ରକୁ ଉଦ୍ଧାର କରି ଲେଖିଥିଲା ଯେ ସେହି ସମୟ ସୁଦ୍ଧା ରୁଷିଆ ଏହାର ୫୦୦ରୁ ଅଧିକ ସଂଖ୍ୟକ ସାଂସ୍କୃତିକ ମହତ୍ତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକର କ୍ଷତି ବା ଧ୍ୱଂସ କରି ସାରିଥିଲା। ଇତି ମଧ୍ୟରେ ସବୁଠାରୁ ଅଧିକ ଲୋମହର୍ଷକ ଘଟଣା ଘଟିଥିଲା ଗତ ବର୍ଷ ମାର୍ଚ୍ଚ ମାସରେ, ଯେତେବେଳେ କି ରୁଷିଆ ମରିପୋଲଠାରେ ଅବସ୍ଥିତ ୟୁକ୍ରେନର ଏକ ଥିଏଟର ଗୃହ ଉପରେ ବୋମା ମାଡ଼ କରିଥିଲା। ପରିଣତିସ୍ୱରୂପ, ସେମାନଙ୍କ ମଧ୍ୟରୁ ଅନେକଙ୍କର ପ୍ରାଣହାନି ଘଟିଥିଲା। ନିକଟରେ ଜାତିସଂଘର ସାଂସ୍କୃତିକ ସଂସ୍ଥା ୟୁନେସ୍କୋ ୟୁରୋପରେ କିଛି ବିଶେଷଜ୍ଞଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଥିବା ସମ୍ପର୍କରେ ଜଣାପଡ଼ିଛି। କୌଣସି ରୁଷୀୟ ସୈନିକ ଯଦି ୟୁକ୍ରେନ୍‌ରୁ କିଛି କଳାତ୍ମକ ବସ୍ତୁ ଚୋରି କରୁଥାନ୍ତି ବା ଚୋରି କରି ଆଣିଥିବା ବସ୍ତୁ ବିକ୍ରି କରିବାକୁ ଉଦ୍ୟମ କରୁଥାନ୍ତି, ତା'ହେଲେ ପ୍ରଶିକ୍ଷଣପ୍ରାପ୍ତ ଏହି ବିଶେଷଜ୍ଞମାନେ ସେମାନଙ୍କୁ ଚିହ୍ନଟ କରିବା ସହିତ ଧରିବାରେ ସକ୍ଷମ ହେବେ। ୟୁକ୍ରେନର ଅନୁଷ୍ଠାନ ଏବଂ କଳା ଓ ସଂସ୍କୃତିପୂର୍ଣ୍ଣ ବସ୍ତୁଗୁଡ଼ିକ ଉପରେ କେତେକ ଆକ୍ରମଣ ଫଳରେ ଏଗୁଡ଼ିକର ଚୋରି ହେବା ବା ଧ୍ୱଂସ ପାଇବା ଯୁଦ୍ଧକାଳୀନ ହିଂସାର ଅବିଚାରିତ ପରିଣତି ଭାବରେ ବିବେଚିତ ହେବାକୁ ଯାଉଥିବା ବେଳେ ଏଭଳି ସାଂସ୍କୃତିକ ସମ୍ପତ୍ତିଗୁଡ଼ିକର ଲୁଣ୍ଠନ ବା ଧ୍ୱଂସ କରିବା କ୍ଷେତ୍ରରେ ରୁଷିଆ ପ୍ରଥମ ଦେଶ ଭାବରେ ବିବେଚିତ ହେବାକୁ ଯାଉନାହିଁ। ବରଂ ଇତିହାସ ସାକ୍ଷୀ, ଏହା ଏକ ସାଧାରଣ କଥା ଭାବରେ ଏଯାବତ୍ ରହିଆସିଛି। ଉପନିବେଶବାଦୀ ଶାସନ କାଳରେ ଲୁଣ୍ଠନଜନିତ ପ୍ରସଙ୍ଗଗୁଡ଼ିକ ମଧ୍ୟରୁ ଆଜି ସୁଦ୍ଧା ଅନେକ ଅସମାଧିତ ରହିଛି। ଏସିଆ ଏବଂ ଆଫ୍ରିକା ମହାଦେଶର ବହୁ ମୂଲ୍ୟବାନ୍ କଳାତ୍ମକ ବସ୍ତୁ ଏବଂ ଗହଣାଗାଣ୍ଠି ତଥା ପୁରାତନ ସାମଗ୍ରୀଗୁଡ଼ିକୁ ଫେରାଇବା ପାଇଁ ୟୁରୋପୀୟ ରାଷ୍ଟ୍ରମାନଙ୍କ ଉପରେ ବେଳକୁ ବେଳ ଚାପ ବଢ଼ି ଚାଲିଛି। ଡିସେମ୍ବର ମାସରେ ଜର୍ମାନୀ ନାଇଜେରିଆରୁ ଚୋରିକରି ନେଇଥିବା ୨୧ଟି ବେନିନ୍ ବ୍ରୋଞ୍ଜ୍ ଏବଂ ଐତିହାସିକ କଳାକୃତିଗୁଡ଼ିକୁ ଫେରାଇଛି। ଭାରତର କୋହିନୁର ହୀରା ଏବେ ସୁଦ୍ଧା ବ୍ରିଟିଶ୍ ଶାସକମାନଙ୍କ ମୁକୁଟରେ ମଣି ହୋଇ ରହିଛି। ନାଜିମାନେ ଅନେକ ସଂଖ୍ୟକ ଘର ଉପରେ ଆକ୍ରମଣ କରି ସେଥିରେ ବାସ କରୁଥିବା ଲୋକମାନଙ୍କୁ ବେଘର କରିବାପରେ ସେସବୁରୁ ତଥା ସଂଗ୍ରହାଳୟଗୁଡ଼ିକରୁ ବେଶ୍ କିଛି ସଂଖ୍ୟକ ଇହୁଦୀ କଳା ଏବଂ ଚିତ୍ରକୁ ଲୁଣ୍ଠନ କରିଥିଲେ। କଳା ବିରୁଦ୍ଧରେ ଏପରି ଚୋରି ଏବଂ ହିଂସାର ଶୈଳୀପଛରେ ନିହିତ ଥାଏ ରାଜନୀତିକ ଏବଂ ଅର୍ଥନୀତିକ ଲକ୍ଷ୍ୟ ସମୂହ। ଯୁଦ୍ଧଗୁଡ଼ିକର ଇତିହାସ ବଖାଣିଥାଏ ଯେ ଯୁଦ୍ଧ ଏବଂ ରାଜ୍ୟ ବିଜୟ କରିବା ପରେ ବିଜେତାମାନେ ନିଜକୁ ପରାଜିତ କରିଥିବା ଲୋକ ବା ରାଜ୍ୟମାନଙ୍କର ମାଲିକ ଭାବରେ ବିବେଚନା କରିଥାନ୍ତି। ତେଣୁ ସୁନା ହେଉ ବା ନଗଦ ଅର୍ଥ କି ମୂଲ୍ୟବାନ କଳାତ୍ମକ ବସ୍ତୁଗୁଡ଼ିକ ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କ ଦ୍ୱାରା ଯୁଦ୍ଧରୁ ନ୍ୟାୟୋଚିତ ଭାବରେ ପ୍ରାପ୍ତ ସମ୍ପଦ ଓ ଲାଭ ଭାବରେ ଗ୍ରହଣ କରାଯାଇଥାଏ। ପରନ୍ତୁ ଶତ୍ରୁ ପକ୍ଷର ସାଂସ୍କୃତିକ ପରମ୍ପରା, ସ୍ଥଳୀ ଏବଂ ସାମଗ୍ରୀଗୁଡ଼ିକୁ ଧ୍ୱଂସ କରାଯିବା ବା ସେଗୁଡ଼ିକୁ ଅପବିତ୍ର କି ଅପମାନ କରାଯିବାକୁ ପ୍ରାୟତଃ ସେଗୁଡ଼ିକର ପରିଚୟ ବିଲୋପୀକରଣ ଭାବରେ ମଧ୍ୟ ଗ୍ରହଣ କରାଯାଇଥାଏ। ଏହି ପ୍ରକ୍ରିୟା ଆକ୍ରମଣକାରୀଙ୍କ ଆକ୍ରମଣର ବହୁବର୍ଷ ପର ପର୍ଯ୍ୟନ୍ତ ମଧ୍ୟ ସେଗୁଡ଼ିକର ଗୁଂଜରଣ ସୃଷ୍ଟି କରି ଚାଲିଥାଏ। ଶହ ଶହ ବର୍ଷ ପୂର୍ବେ ସ୍ପେନୀୟ ଉପନିବେଶବାଦୀଙ୍କ ଦ୍ୱାରା ଦକ୍ଷିଣ ଆମେରିକାର ଲୋକମାନଙ୍କ ଉପରେ ସେମାନଙ୍କର ଭାଷାକୁ ଲଦି ଦିଆଗଲା, ଯଦ୍ୱାରା ଏହି ଲୋକମାନଙ୍କ ସ୍ୱଦେଶୀ ଭାଷା ବର୍ତ୍ତମାନ ଲୋପ ପାଇବାର ଦ୍ୱାରଦେଶରେ ଉପନୀତ। ଏକ ରାଜ୍ୟ ବା ଦେଶକୁ ବିଜୟ କରିବା ପରେ ବିଜେତା ସେହି ଅଂଚଳ ଉପରେ ନିଜର ପ୍ରଭୁତ୍ୱ ଜାହିର କରିଥାନ୍ତି ଏବଂ ସେଠାକାର କଳା ସଂସ୍କୃତିର ବିଲୋପ ଘଟାଇ ନିଜର କଳା, ସଂସ୍କୃତିକୁ ବିଜିତ ଅଂଚଳ ଉପରେ ଲଦିଦେବାକୁ ଉଦ୍ୟମ କରିଥାନ୍ତି। ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ କହିଛନ୍ତି ଯେ ୟୁକ୍ରେନକୁ ସେ ଏକ ପୃଥକ୍ ଐତିହାସିକ ସତ୍ତା ଦୃଷ୍ଟିରେ ଦେଖନ୍ତି ନାହିଁ। ଏହା ସତ୍ତ୍ୱେ ତାଙ୍କର କାର୍ଯ୍ୟକଳାପ ଜରିଆରେ ସେ ୟୁକ୍ରେନର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଧ୍ୱଂସ ସାଧନ କରିବାକୁ ପଶ୍ଚାତ୍‌ପଦ୍ ହୋଇ ନାହାଁନ୍ତି। ତେଣୁ ରୁଷିଆର ଏହି ଯୁଦ୍ଧ ଯେ ଇତିହାସର ଅନ୍ୟ ଯୁଦ୍ଧମାନଙ୍କଠାରୁ ଭିନ୍ନ, ତାହା କଦାଚିତ୍ କୁହାଯାଇପାରିବ।

## ଏବେ ମଧ୍ୟ ସାମ୍ରାଜ୍ୟବାଦୀ ମାନସିକତାର ନିଶାରେ ବ୍ରିଟେନ



ଡ .ସମନ୍ୱୟ ନନ୍ଦ

ବୋଧ ହୁଏ ବ୍ରିଟିଶ ମାନଙ୍କର ସାମ୍ରାଜ୍ୟବାଦୀ ମାନସିକତାର ହ୍ୟାଙ୍ଗ ଓଭର ଏବେ ମଧ୍ୟ ରହିଛି। ସେମାନେ ପୂର୍ବରୁ କହୁଥିଲେ ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟ କେବେ ଅସ୍ତ ହୁଏ ନାହିଁ। ବୋଧ ହୁଏ ଗୋରା ମାନଙ୍କର ସେହି ମାନସିକତା ଆଜି ମଧ୍ୟ ରହିଛି। ସେମାନେ ଏବେ ମଧ୍ୟ ନିଜକୁ ସେହି ମାନସିକତାରେ ରଖିଛନ୍ତି। ଏବେର ଘଟଣାରୁ ଏହା ହିଁ ସ୍ପଷ୍ଟ ହେଉଛି।

ଭାରତକୁ ଅନେକ ବର୍ଷ ଧରି ଶାସନ କରିଥିବା ଓ ଭାରତରୁ ଲକ୍ଷ ଲକ୍ଷ କୋଟି ଟଙ୍କା ଲୁଣ୍ଠନ କରି ବିକଶିତ ଦେଶରେ ପରିଣତ ହୋଇଥିବା ବ୍ରିଟେନର ଏକ ସଂସ୍ଥା ରହିଛି ଯାହାର ନାମ ହେଉଛି ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେସନ ବା ବିବିସି। ଏହି ସଂସ୍ଥା ପକ୍ଷରୁ ଏକ ଡକ୍ୟୁମେଂଟାରୀ ଜାରୀ କରା ଯାଇଛି। ଡକ୍ୟୁମେଂଟାରୀର ନାମ ହେଉଛି - ଇଣ୍ଡିଆ ଦି ମୋଦୀ କ୍ୱେଶ୍ଚେନ। ଦୁଇଟି ପାର୍ଟରେ ଏହି ଡକ୍ୟୁମେଂଟାରୀ ପ୍ରସ୍ତୁତ କରା ଯାଇଛି। ଏହି ଡକ୍ୟୁମେଂଟାରୀରେ ୨୦୦୨ ମସିହାରେ ଗୁଜରାତରେ ହୋଇଥିବା ଦଙ୍ଗା ପାଇଁ ଗୁଜରାତର ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦାୟୀ କରା କରି ପ୍ରଦର୍ଶିତ କରା ଯାଇଛି।

ଏହି ଡକ୍ୟୁମେଂଟାରୀରେ କୌଣସି ତଥ୍ୟ - ପ୍ରମାଣ ନାହିଁ। ମୋଦୀ ଓ ଭାରତ ବିରୋଧୀ ବୋଲି ଧରା ଯାଉଥିବା ବ୍ରେକିଂ ଇଣ୍ଡିଆ ଫୋର୍ସର ସଦସ୍ୟ ମାନଙ୍କର ବକ୍ତବ୍ୟ ଓ ଅନ୍ୟ ମାନଙ୍କ ବକ୍ତବ୍ୟକୁ ନେଇ ଏ ଭଳି ଏକ ଚିତ୍ର ପ୍ରସ୍ତୁତ କରିବାକୁ ଚେଷ୍ଟା କରା ଯାଉଛି। ଏହି ମାମଲାରେ ତଳ କୋର୍ଟଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ଯାଏ, ସୁପ୍ରିମକୋର୍ଟର ତଦାରଖରେ ଏସଆଇଟି ଦ୍ୱାରା ଜାଂଚ କରା ଯିବା ପରେ ନରେନ୍ଦ୍ର ମୋଦୀ ଯେ ଏହି ମାମଲାରେ କୌଣସି ପ୍ରକାର ଭୁଲ ନ ଥିଲା ଓ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ତାହା ସ୍ପଷ୍ଟ ହୋଇ ସାରିଛି। କଂଗ୍ରେସର ଶାସନକାଳରେ ଜଣେ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କୁ ୯-୯ ଘଂଟା ପଚାରା ଉଚୁରା କରା ଯାଇଥିଲା। ସମସ୍ତ ଜାଂଚ ପରେ ତାଙ୍କୁ କ୍ଲିନ ଚିଟ ଦିଆ ଯାଇଥିଲା। ବିବିସି ଏଭଳି ଏକ ଡକ୍ୟୁମେଂଟାରୀ ପ୍ରସ୍ତୁତ କରି ଭାରତର ପୋଲିସ-ଆଇନ ଓ ନ୍ୟାୟ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠା ଯାଇଛି। ବିଶ୍ୱର ସବୁଠାରୁ ବଡ ଗଣତନ୍ତ୍ରର ଶାସନ ବ୍ୟବସ୍ଥାକୁ ବିନା କୌଣସି ତଥ୍ୟ ପ୍ରମାଣରେ ପକ୍ଷପାତୀ ଭାବେ ପ୍ରଶ୍ନ ଉଠା ଯାଇଛି।

ଏବେ ପ୍ରଶ୍ନ ଉଠୁଛି ଯେ ବିବିସି ଦୀର୍ଘ ୨୦ ବର୍ଷ ପରେ ଏପରି କାହିଁକି କଲା। ବିବିସି ସଂସ୍ଥା ହେଉଛି ବ୍ରିଟେନର ସରକାରୀ ସଂସ୍ଥା। ବ୍ରିଟେନର ଗୋରା ମାନେ ଆମ ଉପରେ ଦୀର୍ଘ ଦିନ ଧରି ରାଜୁତି କରିଥିଲେ। ଭାରତର ଲୋକ ମାନଙ୍କୁ ଶୋଷଣ କରି ଧନ- ସମ୍ପଦ- ବୈଭବକୁ ଲୁଣ୍ଠନ କରି ନେଇଥିଲେ। ଯେତେବେଳେ ସେମାନେ ଭାରତ ଛାଡି ଯିବାକୁ ବାଧ୍ୟ ହେଲେ ସେତେବେଳେ ସେମାନେ ତଥାପି ଭାବୁଥିଲେ ଯେ ଭାରତ ନିକଟରେ ପୁଣି ଥରେ ସାରା ବିଶ୍ୱକୁ ନେତୃତ୍ୱ କରିବାର ସାମର୍ଥ୍ୟ ରହିଛି। ତେଣୁ ସେମାନେ ଭାରତକୁ ବିଭାଜିତ କରି ପାକିସ୍ତାନ ତିଆରି କଲେ ଯଦ୍ୱାରା ପାକିସ୍ତାନ ଭାରତକୁ ହଇରାଣ କରିବ ଓ ଭାରତ ଆଗକୁ ବଢି ପାରିବ ନାହିଁ। ସେମାନେ ଆଉ ଏକ କାମ କରିଥିଲେ। ସେମାନେ ଭାରତ ଛାଡି ଗଲା ବେଳେ ଯେଉଁ ଲୋକ ମାନଙ୍କ ହାତରେ ଶାସନ କ୍ଷମତା ଦେଇଥିଲେ ସେମାନେ ଯଦିଓ ଭାରତୀୟ ଥିଲେ, ହେଲେ ସେମାନଙ୍କର ଭାରତୀୟ ସଂସ୍କୃତି, ପ୍ରତୀକ ଓ ପରମ୍ପରାରେ କୌଣସି ବିଶ୍ୱାସ ନ ଥିଲା। ସେମାନେ ଭାରତୀୟତାକୁ ଅତ୍ୟନ୍ତ ହୀନ ଓ ଘୃଣା ଦୃଷ୍ଟିରେ ଦେଖୁଥିଲେ। ସେମାନେ ଭାରତକୁ ଭାରତର ମୂଳ ପରିଚୟ ଆଧାରରେ ନୁହେଁ ବରଂ ଗୋରା ମାଲିକ ମାନଙ୍କର ଚିନ୍ତନ ସେମାନଙ୍କର ବ୍ୟବସ୍ଥା ଆଧାରରେ ଗଢିବାକୁ ଲାଗିଥିଲେ। ବ୍ରିଟେନର ଗୋରା ମାନଙ୍କୁ ଏଭଳି ନେତୃତ୍ୱ ହାତରେ ଭାରତର ଶାସନ କ୍ଷମତା ଦେବାରେ କୌଣସି ଅସୁବିଧା ନ ଥିଲା, କାରଣ ସେମାନେ ଜାଣିଥିଲେ ଯେ ଏହା ଦ୍ୱାରା ପ୍ରକାରାନ୍ତରେ ତାଙ୍କର ଶାସନ ହିଁ ଚାଲୁ ରହିବ। ଏଭଳି ଦୀର୍ଘ ସମୟ ଧରି ଚାଲୁ ମଧ୍ୟ ରହିଥିଲା। ହେଲେ ୨୦୧୪ ମସିହାରେ ସବୁ କିଛି ଓଲଟା ପାଲଟା ହୋଇ ଗଲା। ୨୦୧୪ ମସିହା ସାଧାରଣ ନିର୍ବାଚନରେ ପ୍ରଥମ ଥର ପାଇଁ ଦେଶର ୧୩୦ କୋଟି ଜନସାଧାରଣ ଏଭଳି ଏକ ସରକାରକୁ ନିର୍ବାଚିତ କଲେ ଯାହା ଏହି ଦେଶର ମାଟି, ସଂସ୍କୃତି ସଭ୍ୟତା, ପ୍ରତୀକରୁ ପ୍ରେରଣା ଲାଭ କରୁଥିଲା, ଗୋରା ମାନଙ୍କ ଠାରୁ ନୁହେଁ। ଏହା ବ୍ରିଟେନର ଗୋରା ମାନଙ୍କ ପାଇଁ ତଥା ଭାରତରେ ଥିବା ସେମାନଙ୍କର ମାନସିକ ଭାବେ ଗୋଲାମ ମାନଙ୍କ ଏକ ଶକ୍ତ ଧକ୍କା ଥିଲା। ସେମାନେ ଏହାକୁ ହଜମ କରି ପାରୁ ନ ଥିଲେ। ୨୦୧୪ ମସିହା ପରେ ୨୦୧୯ ମସିହାରେ ମଧ୍ୟ ଏହି ସରକାରକୁ ଲୋକ ମାନେ ପୁଣି ଥରେ ଜିତାଇଲେ। ଏହା ଗୋରା ମାନଙ୍କ ପାଇଁ ଓ ଭାରତରେ ଥିବା ବ୍ରେକିଂ ଇଣ୍ଡିଆ ଫୋର୍ସର ସଦସ୍ୟ ମାନଙ୍କ ପାଇଁ ଅସହ୍ୟ ଥିଲା। ଏବେର ସରକାର ଭାରତର ପୁରାତନ ସଭ୍ୟତା, ସଂସ୍କୃତି ଆଧାରରେ ଅଗ୍ରସର ହେଉଛି। କେବଳ ସେତିକି ନୁହେଁ। ଭାରତର ସାଂସ୍କୃତିକ ଉତଥାନ ସହିତ ଭାରତ ଆର୍ଥିକ ପ୍ରଗତି ମଧ୍ୟ ଦୃତ ଗତିରେ କରୁଛି। ଏବେ ଭାରତ ଗୋରା ମାନଙ୍କ ଆଗରେ ଆଖିରେ ଆଖି ମିଶାଇ କଥା କହୁଛି ଓ ତାଙ୍କୁ ଉଚିତ ଜବାବ ଦେଉଛି। ଆର୍ଥିକ ମାମଲାରେ ଭାରତ ବ୍ରିଟେନକୁ ମଧ୍ୟ ପଛରେ ପକାଇ ସାରିଲାଣି। ଯେଉଁ ଦେଶଉପରେ ଦୀର୍ଘ ଦିନ ଧରି ଗୋରା ମାନେ ଶାସନ କରିଥିଲେ ତାର ଏଭଳି ପ୍ରଗତି ହେବାକୁ ଦେଖିବା ତାଙ୍କ ପକ୍ଷେ ସହ୍ୟ ହେଉ ନାହିଁ।

ଏବେ ଏହି ଶକ୍ତି ମାନେ ତାଙ୍କ ଦେଶର ଏହି ବିବିସି ନାମକ ଉପରକରଣ ଜରିଆରେ ଏହି ଡକ୍ୟୁମେଂଟାରୀ ଜାରି କରିଛନ୍ତି। ଏହି ଡକ୍ୟୁମେଂଟାରୀ ଆସିବା ପରେ ଭାରତରେ ବସିଥିବା ତାଙ୍କର ମାନସପୁତ୍ର ମାନେ ଖୁସିରେ ନାଚ – ଗୀତ କରିବା ଓ ଡେଇଁବା ଆରମ୍ଭ କରି ଦେଇଛନ୍ତି। ସେମାନଙ୍କର ଖୁସିର ସୀମା ନାହିଁ। ତେବେ ଭାରତର ଲୋକ ମାନେ ଏହାକୁ ଭଲ ଭାବେ ବୁଝି ସାରିଛନ୍ତି। ତେଣୁ ଏହି ନାଚକୁଦ କରୁଥିବା ଗୋଷ୍ଠୀକୁ ଏଥିରୁ କୌଣସି ଲାଭ ହେବ, ସେପରି ଲାଗୁ ନାହିଁ।

ଚୀନର ସରକାରୀ ସମ୍ବାଦପତ୍ର ଗ୍ଲୋବାଲ ଟାଇମ୍ସ ଖୋଲା ଖୋଲି ଭାବେ ଭାରତ ବିରୋଧୀ। ତେବେ ଏହି ସମ୍ବାଦପତ୍ରର ଏକ ସ୍ତମ୍ଭଲେଖକ ଏହି ପ୍ରସଙ୍ଗକୁ ନେଇ ଯାହା ଲେଖିଛନ୍ତି ତାହା ଯଥାର୍ଥ ଭଳି ମନେ ହେଉଛି। ସେ ଲେଖିଛନ୍ତି – "ଭାରତ ଉପରେ ଅଧିରାଜତ୍ୱ ଥିବାର ମାନସିକତା ବ୍ରିଟେନ ମଧ୍ୟରେ ଏବେ ମଧ୍ୟ ରହିଛି। ବ୍ରିଟେନର ଅଧୀନରେ ଥିବା ଏକ ଦେଶ ଭାରତ ଯେତେବେଳେ ତାଙ୍କୁ ଜିଡିପି କ୍ଷେତ୍ରରେ ପଛରେ ପକାଇ ଦେଇଛି ସେତେବେଳେ ବ୍ରିଟେନକୁ ଏହା ମାନସିକ ଭାବେ କଷ୍ଟ ଦେଉଛି। ଭାରତ ଯେତେ ବିକଶିତ ହେବ ବ୍ରିଟେନର କଷ୍ଟ ବଢି ବଢି ଚାଲିବ।" ବର୍ତ୍ତମାନର ଘଟଣା ଉପରେ ଚୀନର ସ୍ତମ୍ଭ ଲେଖକଙ୍କ ଏହି ବ୍ୟାଖ୍ୟା ଠାରୁ ଯଥାର୍ଥ ବ୍ୟଖ୍ୟା ବୋଧ ହୁଏ ଆଉ ହୋଇ ନ ପାରେ। ଯେଉଁ ଦେଶ ତାଙ୍କର ଅଧୀନରେ ଥିଲା ସେହି ଦେଶ ଆଜି ତାଙ୍କ ଠାରୁ ଆର୍ଥିକ ଦୃଷ୍ଟିରେ ଆଗକୁ ଚାଲିଗଲାଣି। ତେଣୁ ଗୋରା ମାନେ ଛଟପଟ ହେବା ସ୍ୱାଭବିକ।

ଭାରତ ସରକାର ଏହାକୁ ନେଇ ଅତ୍ୟନ୍ତ କଠୋର ପ୍ରତିକ୍ରିୟା ଦେଇଛନ୍ତି। ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଅରିନ୍ଦମ ବାଗଚୀ ଏ ସମ୍ପର୍କରେ ପଚାରା ଯାଇଥିବା ପ୍ରଶ୍ନର ଉତରରେ କହିଛନ୍ତି – "ମୋତେ ସ୍ପଷ୍ଟ କରିବାକୁ ଦିଅନ୍ତୁ ଆମ ମତରେ ଏହା ଏକ ପ୍ରପାଗଣ୍ଡା ପିସ୍ ଅଟେ। ଏହାର ଉଦ୍ଦେଶ୍ୟ ଏଭଳି ଏକ ନ୍ୟାରେଟିଭକୁ ପ୍ରସ୍ତୁତ କରିବା ଯାହାକୁ ଲୋକ ମାନେ ବହୁ ପୂର୍ବରୁ ଖାରଜ କରି ସାରିଛନ୍ତି। ଏଭଳି ଫିଲ୍ମ ବା ଡକ୍ୟୁମେଂଟାରୀ ତିଆରି କରିଥିବା ଏଜେନ୍ସୀ ଓ ବ୍ୟକ୍ତି ଏହି ନ୍ୟାରେଟିଭକୁ ପୁଣି ଥରେ ଚଳାଇବାକୁ ଚାହୁଁଛନ୍ତି।"

ଏହି ଡକ୍ୟୁମେଂଟାରୀକୁ ନେଇ ଭାରତରେ ଗୋରାଙ୍କର ମାନସିକ ଗୋଲାମ ମାନେ ହିଁ ଖୁସିରେ ନାଚୁଛନ୍ତି ତା ନୁହେଁ ବ୍ରିଟେନ ସଂସଦରେ ପାକିସ୍ତାନ ବଂଶୋଭବ ସାଂସଦ ଇମରାନ ହୁସେନ ମଧ୍ୟ ନାଚିବା ଆରମ୍ଭ କରି ଦେଇଛନ୍ତି ହେଲେ ବ୍ରିଟେନର ପ୍ରଧାନମନ୍ତ୍ରୀ ଋଷି ସୁନକ ଏହି ପାକିସ୍ତାନୀ ବଂଶୋଭବ ସାଂସଦଙ୍କୁ ଚୁପ କରାଇ ଦେଇଥିଲେ। ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ପର୍କରେ ଚରିତ୍ରିକରଣ ସହ ସେ ସହମତ ନାହାନ୍ତି। ଏହା କେବଳ ହୁସେନଙ୍କୁ ଚାପୁଡା ନଥିଲା ଡକ୍ୟୁମଂଟାରୀ ତିଆରି କରିଥିବା ଗୋରା ମାନଙ୍କୁ ମଧ୍ୟ ଚାପୁଡା ଥିଲା।

ତେବେ ଗୋଟିଏ କଥା ସ୍ପଷ୍ଟ ଯେ ଭାରତ ଯେତେ ଅଗ୍ରସର ହେବ ଗୋରା ମାନେ ସେତେ ଛଟପଟ ହେବେ। ସେମାନେ ଆଗାମୀ ଦିନରେ ଏଭଳି ଆହୁରି ଆକ୍ରମଣ କରିବେ। ଭାରତବାସୀଙ୍କୁ ଏଥି ପାଇଁ ପ୍ରସ୍ତୁତ ରହିବାକୁ ପଡିବ।

## ବକ୍ସି ଜଗବନ୍ଧୁ



ବାଦଲ ଭୂୟାଁ



ପାଇକ ବିଦ୍ରୋହର କର୍ଣ୍ଣଧାର ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର। ସିପାହୀ ବିଦ୍ରୋହର ଚାରି ଦଶନ୍ଧି ପୂର୍ବରୁ ୧୮୧୭ରେ ଘୁମୁସରର କନ୍ଧମାନଙ୍କ ଦ୍ୱାରା ଏହି ବିଦ୍ରୋହ ଆରମ୍ଭ ହୋଇଥିଲା। ଫିରିଙ୍ଗି ଶାସନ ବିରୋଧରେ ପାଇକ ବିଦ୍ରୋହର ମଙ୍ଗ ଧରିଥିଲେ ଏହି କ୍ରାନ୍ତିବୀର। ବକ୍ସି ଜଗବନ୍ଧୁଙ୍କ ଜୀବନକାଳ ଏ ପର୍ଯ୍ୟନ୍ତ ଅଜଣା ହୋଇରହିଛି। ୧୭୮୦ରୁ ୧୮୨୯ ମଧରେ ତାଙ୍କ ଜୀବନକାଳ ସୀମାବଦ୍ଧ ବୋଲି କେତେକ ଐତିହାସିକ ମତ ଦିଅନ୍ତି। କନ୍ଧମାନେ ସଂଗଠିତ ହୋଇ ବାଣପୁର ପର୍ଯ୍ୟନ୍ତ ଆସି ବ୍ରିଟିଶ ସଂପତ୍ତି ଲୁଣ୍ଠନ କରିବା ପରେ ପରେ ଖୋର୍ଦ୍ଧାର ପାଇକମାନେ ସେମାନଙ୍କ ସହ ଯୋଗଦେଇଥିଲେ। ପରିଣାମ ସ୍ୱରୂପ ବିଦ୍ରୋହ ବ୍ୟାପିଥିଲା। ବ୍ରହ୍ମଗିରି ଅନ୍ତର୍ଗତ ରୋଡ଼ଙ୍ଗର ଅଧିବାସୀ ବକ୍ସି ଜଗବନ୍ଧୁ ବଂଶାନୁକ୍ରମେ ଖୋର୍ଦ୍ଧା ରାଜାଙ୍କ ସେନାପତି ଥିଲେ। ଘୁମୁସର, ଶେରଗଡ଼ ଓ ବଡ଼ମ୍ବା ରାଜ ପରିବାରମାନଙ୍କ ସହ ତାଙ୍କର ପାରିବାରିକ ସଂପର୍କ ଥିଲା। ସେ ଥିଲେ ବିଶାଳ ଶରୀରର ଅଧିକାରୀ। ବେଶ ସୁସ୍ଥ ସବଳ ଓ ଶକ୍ତିଶାଳୀ ମଣିଷ। ଖୋର୍ଦ୍ଧାର କୌଣସି ଏକ ମନ୍ଦିରରେ ପଡ଼ି ରହିଥିବା ବିରାଟ ପଥର ଖଣ୍ଡକୁ ସେ ଉଠାଇ ପାରୁଥିଲେ। ରୋଡ଼ଙ୍ଗ ଜମିଦାରୀରୁ ତାଙ୍କୁ ଉଚ୍ଛେଦ କରିବା ଲାଗି ଷଡ଼ଯନ୍ତ୍ର ହେବାରୁ ଇଂରେଜ ବିରୋଧୀ ହୋଇଥିଲେ। ବିଦେଶୀଙ୍କୁ ତଡ଼ିବା ପାଇଁ ସେ ପାଇକମାନଙ୍କୁ ଏକତ୍ର କରିଥିଲେ। ବକ୍ସିଙ୍କ ନେତୃତ୍ୱରେ ପାଇକମାନେ ପୁରୀ ଦଖଲ କରିବାରେ ସଫଳ ହୋଇଥିଲେ। ପୁରୀର ଗଜପତି ରାଜା ଦ୍ୱିତୀୟ ମୁକୁନ୍ଦଦେବଙ୍କୁ ଖୋର୍ଦ୍ଧା ସିଂହାସନରେ ବସାଇବା ଥିଲା ତାଙ୍କର ଲକ୍ଷ୍ୟ। ତେବେ ରାଜା ରାଜି ନ ହେବାରୁ ବକ୍ସି ହତାଶ ହୋଇଥିଲେ। ଇଂରେଜମାନେ ଏକ ବର୍ଷ ମଧରେ ପାଇକ ବିଦ୍ରୋହକୁ ଦମନ କରିବାରେ ସଫଳ ହୋଇଥିଲେ ହେଁ ବକ୍ସିଙ୍କୁ ଛୁଇଁପାରି ନଥିଲେ। ତାଙ୍କର ପତ୍ନୀ, ପୁତ୍ର ଆଦିଙ୍କୁ ବନ୍ଦୀ କରାଯାଇଥିଲା। ଏହା ସତ୍ତ୍ୱେ ସେ ଆତ୍ମସମର୍ପଣ କରିନଥିଲେ। ଇଂରେଜମାନେ ଉପାୟହୀନ ହୋଇ ତାଙ୍କ ପରିବାରର ସଦସ୍ୟମାନଙ୍କୁ ମୁକ୍ତ କରିଥିଲେ। ବକ୍ସି ବଣ-ଜଙ୍ଗଲରେ ଲୁଚିରହି ୧୮୨୪ ପର୍ଯ୍ୟନ୍ତ ଇଂରେଜମାନଙ୍କର ମୁକାବିଲା କରିଥିଲେ। ଶେଷରେ ନୟାଗଡ଼ ରାଜାଙ୍କ ପରାମର୍ଶକ୍ରମେ ଆତ୍ମସମର୍ପଣ କରିଥିଲେ। ତାଙ୍କୁ କଟକରେ ନଜରବନ୍ଦୀ ରଖାଯାଇଥିଲା। ପ୍ରାୟ ତିନିବର୍ଷ ଆଠ ମାସ ନଜରବନ୍ଦୀ ରହିବା ପରେ ୧୮୨୯ ଜାନୁଆରୀ ଆଜିର ଦିନରେ ତାଙ୍କର ପରଲୋକ ହୋଇଥିଲା।


+ପ୍ରତିଷ୍ଠାତା ସମ୍ପାଦକ
'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,
ମୋ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫





### ଶୂନ୍ୟ ଶୂନ୍ୟ ମହାଶୂନ୍ୟ

ନିରଞ୍ଜନ ସାହୁ

ଏହି ଜୀବନର ଶୂନ୍ୟତା ଭିତରେ
ତୁମେ ତ ପୂର୍ଣ୍ଣତା ମୋର
ତୁମ ବିନା ଏହି ଜୀବନରେ ମୋର
ଭରା ଖାଲି ହାହାକାର ।
ନିସ୍ୱତା ଆଉ ନୀରବତା ଯେବେ
ରାଜୁତି କରଇ ଏଠି
ନିରୋଳାରେ ବସି ଦେଖୁଥାଏ ମୁହିଁ
ତୁମେ କରୁଥାଅ ବେଠି
ବୁଝିପାରେନା ମୁଁ କାହିଁକି ମୋ ପାଇଁ
ହୁଅ ତୁମେ ହରବର ।
ସମୟ ବଦଳେ ବାରମ୍ବାର ଏଠି
ମଣିଷ ବଦଳି ଯାଏ
ତୁମେ କିନ୍ତୁ ଏକା ବଦଳିପାରନା
ତେଣୁ ମୁହିଁ ଭଲପାଏ
ନିଃସ୍ୱାର୍ଥପରତା ରକ୍ଷାକରି ତୁମେ
କର ମୋର ଉପକାର ।



+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩


### ମୋ ପ୍ରେମିକା ପରି କିଏ ହେବ

ପବିତ୍ର ବେହେରା

ମୋ ପ୍ରେମିକା ପରି କିଏ ହେବ
ସକାଳୁ ସକାଳୁ ରାଉ ରାଉ ହେଉଥିବ
ଲାଷ୍ଟ ସିନ୍ ସଦା ଦେଖୁଥିବ
ଝିଅଙ୍କ ସହିତ କଥାହେଲେ ଟିକେ ଜଳିପଡି ଯାଉଥିବ
ମା କାଳୀ କି ତାକୁ କହିବ
ସତେ କି ସେ ମୋତେ ଗୋଟା ଗିଳି ଦେବ
ମୋ ପ୍ରେମିକା ପରି କିଏ ହେବ ।
ମୋ ପ୍ରେମିକା ପରି କିଏ ହେବ
କଥା କଥାରେ ସେ ହସିଦେଇ
ପକେଟ୍ ସବୁ ଖାଲି କରିଦେଉଥିବ
ପାଉଁଜି ପିନ୍ଧି ଛମ୍ ଛମ୍ କରି ସେ କଲେଜ ଆସିବ
ହିଲ୍ ମାରି ନଖରା ଦେଖେଇ ଚାଲିଯାଉଥିବ
ସେ ଭଲ ଝିଅ ବୋଲାଇବ
କିଛି ଜାଣିନି ତାକୁ କହିବ
ଆମେ ଟିକେ ସ୍ମାଇଲ ମାରିଲେ ଗରଗର ଖାଲି ହେବ
ମୋ ପ୍ରେମିକା ପରି କିଏ ହେବ ।
ସନ୍ଧ୍ୟା ହେଲେ ସିଏ ପାର୍କ ବୁଲିବାକୁ ଯିବ
ଥିଏଟର ତା'ର ବପାର କହୁଥିବ
ଖାଇବା ପିଇବାରେ ଟିକେ ହେଳା ନଥିବ
ବର୍ଗର, ପିଜା, ବିରିଆନି ଖାଲି ଖାଉଥିବ
ସତେ କି କୁମ୍ଭକର୍ଣ୍ଣ ତାକୁ କହିବ ।
ରାଗିକି ଟିକିଏ କହିଦେଲେ କିଛି
ସେ କୁମ୍ଭୀର କାନ୍ଦଣା କାନ୍ଦିବ
ସତେ କି ସାରା ଦୁନିଆଁଟା ଭିଜିଯିବ
ସୁନା ଲୁହ ତା'ର ଝରି ପଡୁଥିବ
ସୁନା ଧନ କହି ତାକୁ କେତେ ଗେଲ କରିବାକୁ ହେବ
କେତେ ଯେ ସେ ଭାଉ ଖାଇବ
ସତେ କି ସେ କିଛି ଖାଉନି କହିବ ।
ମୋ ପ୍ରେମିକା ପରି କିଏ ହେବ ।


+ବକ୍ସି ବଜାର, ବାଟଗାଁ,
ରେଢ଼ାଖୋଲ ସମ୍ବଲପୁର
ମୋ :୭୭୫୧୦୭୫୩୫୦

### ମେଳନ

ଦୀପକ କୁମାର ମିଶ୍ର

ବିଛିନ୍ନ ମନର ମିଳନରେ
ବିଭେଦତାର ଶବ୍ଦର ରାବରେ
ଜନ୍ମ ନିଏ ଯେ ମେଳନ
କାଠର କଣ୍ଢେଇ ଗାଏ ଗୀତ
ଦୋଳି ସହିତ ବସେ ପେଁଙ୍କାଳି ମିତ
କେତେ ହସ, ନାଚ, ଗୀତ,କଥା
କିଣାବିକାର କ୍ଷଣସ୍ଥାୟୀ ଜୀବନ
ସବୁ ଅର୍ଥହୀନ ବାର୍ତ୍ତାଳାପ
ଲାଗେ ଖାଲି ଗୋଟେ
ପବନରେ ଗାର।
କିଏ ହଜିଯାଏ,
କିଏ ପୁଣି ମିଳିଯାଏ
ମୂକ ବଧିର ସମ୍ବେଦନ ହୀନ ପ୍ରେମ
ଆରମ୍ଭ ହେଉ ହେଉ ସରିଯାଏ।
ଭାଷା ତା'ର କଦର୍ଥ ସଂଜ୍ଞାହୀନ
ଜଡ଼ତାର ଯାକଜକମତାରେ ପୂର୍ଣ୍ଣ
ନିତି ସଞ୍ଜରେ, କଢ଼ିରୁ
ଧୀରେ ଧୀରେ ବଢ଼ି
ହଠାତ ଛିଣ୍ଡିଯାଏ ଫୁଲେଇ ନଈ ପରି
ରହିଯାଏ ଖାଲି କିଛି
ଧ୍ୱନି ପ୍ରତିଧ୍ୱନିତ ସ୍ମୃତିର ସମୟ।
ସମସ୍ତେ ବାସନ୍ତି ଅତର ଅତର
କିନ୍ତୁ ବାସହୀନ ତା'ର ଛାତି
ରଙ୍ଗୀନ୍ ଦୁଃଖକୁ ମାଖିଛି ଦେହରେ
ଶୂନ୍ୟତାରେ ବନ୍ଧା
ଜର୍ଜରିତ ନିୟତିର ରାତି
ଶ୍ୱାସରୁଦ୍ଧ ହୁଏ ଏକ ଅଶାନ୍ତ ଚୁକ୍ତିରେ
ଧୂଳି ଧୂସରିତ ଧୂମାଳିଆ ହୋଇ।
ଶରୀର ମାନଙ୍କର
ସମଷ୍ଟିରେ ଅଶରୀର ଶରୀର
ଅନେକ ସ୍ୱରର ମିଳନରେ
ବେସୁରା କୁହାଟ
ତା'ର ଭାଷା କେବଳ କୋଳାହଳ
ଅଣନିଶ୍ୱାସୀହୁଏ ଖର ପ୍ରଶ୍ୱାସରେ
କାଣିଚାଏ ବି ନିଶ୍ୱାସ ନଥାଏ
ଖାଲି ଖବର କାଗଜର
ମଝି ପୃଷ୍ଠାରେ ଲେଖା
ଅଙ୍କ ତା'ର ଭାଗ୍ୟ।
ଝୁଲଣରେ ଝୁଲନ୍ତି ସବୁ ଆଗନ୍ତୁକ
ମେଳନ ମେଲାଣି ଦିଏ
ରହେ ଶେଷ ପର୍ଯ୍ୟନ୍ତ ନିଶ୍ଚଳ ନିରବ
ଚାଲି ଯାଆନ୍ତି ସଭିଏଁ
ଯେଝା ବାଟରେ ଯିଏ
ହୋଇ ଖୁସି ବିହ୍ୱଳିତ
ଦରାଣ୍ଡି ହେଉଥାଏ ବିଚରା
ଏକଲାପଣକୁ କରି କୋଳାଗ୍ରତ
କେବଳ ଯୁଝୁଥାଏ କିଛି
ଶ୍ୱାନମାନଙ୍କର
ବିକଳ ଚିତ୍କାର
ଆଉ ଖୋଜୁଥାଏ
ହଜାରେ ପାଦମାନଙ୍କ ଭିଡ଼ରେ
ନିଜର ମାଂସହୀନ ଶରୀରର
ପଚାସଢା ମୃତ ପଦଚିହ୍ନ।


+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ମୁକୁତା ପରି
### ଦୀପ୍ତି ମିଶ୍ର



ଉପରେ ଉପରେ ହସୁ ଥାଏ ସିଏ
ଭିତରେ ଝରୁଛି ଯନ୍ତ୍ରଣା ଲହୁ...
ଉପରେ ସିନା ସେ ସାହସ ବାନ୍ଧିଛି
କେତେ ଦୁଃଖ କହ ସହିବ ଆଉ ?

ଜୀବନର ମାନେ କିଏ ବା ଜାଣିଛି
କେବେ ତ ସଂଘର୍ଷ କେବେ ସହଜ,
କେବେ ପଥେ ପୁଣି କଣ୍ଟା ରେ ଚାଲିବା
କେବେ ଫୁଲ ବନେ ହସ ମଉଜ ।

ଆପଣାର ବୋଲି ଭାବେ ସେ ଯାହାକୁ
ନିମିଷକ ମଧ୍ୟେ ହୁଏ ସେ ପର ,
ବିଧିର ବିଧାନ ମାନି ନେବା ଛଡ଼ା
ଆଉ
କିଛି ବାଟ ନ ଥାଏ ତା'ର ।

ବିରହରେ ତାକୁ ଝୁରି ଝୁରି ମରେ
ଅତୀତ କଥାକୁ ନିତି ସୁମରି.....

ତାର ରୂପ ଚିତ୍ର ମନ ମଲାଟ ରେ
ଆଙ୍କି ଆଙ୍କି ବେଳ ଯାଏ ତ ସରି ।

ପ୍ରେମ ଅନୁରାଗ ଖୋଜି ଖୋଜି ସିଏ
ହତାଶ କୁହୁଡ଼ି ଦେହରେ ମାଖି.....
ପ୍ରତାରଣା ଜାଲେ ଛନ୍ଦି ହୋଇ ଯାଏ
ବେଦନା ସିକ୍ତ କାହାଣୀ ଲେଖି ।

ଉପରେ ଯାହା ବି ଘଟି ଯାଉ ପଛେ
ଭିତର ମନକୁ ଶାନ୍ତ କରି ,
ସାଗର ସଦୃଶ ବିଶାଳ ହୃଦୟେ
ରଖିଥା ସେନେହ ମୁକୁତା ପରି ।

+ ବାରିପଦା
ମୋ- ୯୪୩୮୪୦୪୩୦୮

## ପ୍ରୀତିଲେଖା
### ଭରତ ଚନ୍ଦ୍ର ଦାଶ



ପ୍ରୀତିଲେଖା
ଏବେ କିଛିଦିନ ହେବ
ସୃଜନ ମନସ୍କ
କବିତା ମନସ୍କ
ପରୀକ୍ଷା ମନସ୍କ
ନା ଡର ପାଉଛି
ନା କଥା ହେବାପାଇଁ
ନିଜକୁ ସଜାଇପାରୁଛି
କହିଲେ କହୁଛି -
ମୁଁ ବ୍ୟସ୍ତ ଅଛି
ଚିନ୍ତନରେ ଚେତନାରେ
ଜୀବନ ତ ଏକ
ପରୀକ୍ଷା ଓ ପରୀକ୍ଷଣର ଭିତ୍ତିଭୂମି

ଫଳାଫଳକୁ ଅନିଶା
ଅଛି କାହାର ଯେ
କର୍ମ ହିଁ ତ କର୍ମର
ଫଳ ସ୍ୱତଃସ୍ଫୁର୍ତ୍ତ ଆସେ
ଆଶାର ଅନୁରୂପ
ଆଶାତୀତ ଭାବେ
ପ୍ରୀତିଲେଖା କିନ୍ତୁ ନିର୍ବିକାର ନିର୍ଲିପ୍ତ ।

ଅନେକ ଦିନ ହେବ
ଦେଖା ହୋଇନାହିଁ
ପ୍ରୀତିଲେଖା ସହ
ଅପ୍ରୀତିରେ ଅଛି
ଜାଣେନି ବା ଜାଣିବାର
ସମୟ ପାଇନି ଦେଖିବାକୁ
ବାସ୍ତବରେ ନ ହେଲେ

ନ ହେଉ ଚିତ୍ରପଟଟିଏ
ଦିଅ ଭ୍ରାମ୍ୟଭାଷ ଯନ୍ତ୍ରରେ ।

କ'ଣ ଭାବିଲା କେଜାଣି
ପ୍ରୀତି କହିଲା ଏବେ ନୁହେଁ
ଆଉ କେତେବେଳେ
ହେଲେ ସେ କ'ଣ ବୁଝେ
ଦେଖିବାକୁ ଚାହୁଁଥିବା
ମନଟା ଅବୁଝା ବୋଲି ।

ମନ ମରିଗଲେ
ସରାଗ ଚାଲିଯାଏ
ସରାଗ ଅଛି ବୋଲି ତ
ସୁହାଗ ଟିଏ
ବସାବାନ୍ଧିଛି ମନରେ
ମୁଁ ର ଅବର୍ତ୍ତମାନରେ

ତୁମ ଅସ୍ତିତ୍ୱର ଗୁଣଗାନ
ସ୍ଥିତିଶୂନ୍ୟ ମହାଶୂନ୍ୟରେ
ପ୍ରୀତିଲେଖା ନିରୁତ୍ତର
ନିରବ ନିଷ୍ପନ୍ଦ ନିର୍ବାକରେ ।

♥ ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର - ୭୫୬ ୧୨୬
ମୋ: ୯୪୩୭୩୭୨୧୬୬

## କଥା କୁହା ଆଖି
### ରାହାସ କୁମାର ବେହେରା



କଥା କୁହା ଆଖି ତୋର ଭାରି ନିରିମାଖୀ
ଇଶାରାରେ ଛାତିତଳେ ହୁଏ ଜାକିଜୁକି ।
ଆଂକେ ମିଠା ପ୍ରତିଛବି ରୂପେ କରିବାଇ
ଲାଜକୁରୀ ଲାଜବତୀ ସପନେ ଆସଇ ।

ଆଖିର ସେ ମାଦକତା କରେ ମତୁଆଲା
ମନ ଭ୍ରମରା ନାଚଇ ହୋଇଣ ଚଗଲା ।
ଶୁଆଇ ଦିଏନି ଘାରେ ତାର ପ୍ରୀତି କାୟା
ଖୁଆଇ ଦିଏନି ମାରେ ଅଜଣା ତା ମାୟା ।

ଅଳପ ବୟସୀ ପ୍ରିୟା ହାଣୁଛି ନୟନେ
ଧକ ଧକ ହୁଏ ଛାତି ଅଜଣା ଦହନେ ।
ଆଖି ତୀର ଜୋଖେ ହୁଏ ଯେଉଁ ବଡ଼ କ୍ଷତ
ଅନେକ ତନ୍ତ୍ରଣା ତେଣୁ ବହେନାହିଁ ରକ୍ତ ।

ଆଖି ଦିଶେ ପାରିଜାତ ଜୁଇ ଜାଇ ହେନା
ଚାହିଁ ଦେଲେ ଖୋଲି ଥରେ ପ୍ରେମ ଚୁନାଚୁନା ।
ସେ ଆଖିରେ ଅଛି ପୂରି କନ୍ଦର୍ପର ଠାଣି
ଅଟକାଏ ପ୍ରଶ୍ୱାସ ଯେ ପାରେ ନାହିଁ ଜାଣି ।

ସେ ଆଖିର ଝୁଲାପଣେ ଜୀବନ୍ତ ନିସ୍ତେଜ
ମୃତପ୍ରାୟ ପ୍ରାଣ ଦେଖି ଚଞ୍ଚଳ ସତେଜ ।

ବାଲ୍ୟମ୍ବା, ଭାପୁର
ଢେଙ୍କାନାଳ :୭୫୯୦୧୫
ମୋ: ୯୪୩୮୧୧୪୩୬୮

## ଶ୍ରାବଣରେ ତୁ ରହିଯା'...
### ତାରାପ୍ରସାଦ ଜେନା



ଶ୍ରାବଣରେ ତୁ ରହିଯା' ତୁ ଆସନା ଆଖି ଲୁହ
ଫଗୁଣରେ ତୁ ଆସିଯା' ଟିକେ ଛୁଇଁଦେ ମୋ ଦେହ,
......ସାକୀ ମୋର ଆସିଲାଣି ବୁଝିଦେବ ପ୍ରାଣ କୋହ
...........ଶ୍ରାବଣରେ ତୁ ରହିଯା'
ତୁ ଆସନା ଆଖି ଲୁହ ! ୦ !

ଯଉବନ ମତୁଆଲା ଥିଲେ କେତେ ସାଥୀ ସାଙ୍ଗ
ମନ ନୁହେଁ ଧନ ପାଇଁ କରୁଥିଲେ ଏଠି ରଙ୍ଗ,
ଆଜି ଆଉ ଭଲେଇରେ ଦେଖାନ୍ତିନି କେହି ମୁହଁ
ମାନ୍ତିନିନି କେହି ସତେ ପ୍ରେମେ ମୋତେ ବାଦସାହ ! ୧ !

ଘର ଦ୍ୱାର ସବୁ ଭୁଲି ବନିଗଲି ଗୋଟେ ପାନ୍ଥ
ପାନ୍ଥଶାଳେ ହୋଇଗଲି ଆଶ୍ରୟର ଭାବ ସନ୍ଥ,
ସୁରା ଭିଡ଼େ ପାଇଗଲି ଦରହସା ସାକୀ ସ୍ନେହ
ସାରା ଦୁଃଖ ଆକାଶର ଚମକିଲା ସୁଖ ବାହ ! ୨ !

ଯାତନାର ଯୂପକାଠେ ବଳି ହୋଇଥାନ୍ତି ଆଜି
ଛଳନାର ଦୁନିଆରେ ଦୁଃଖୀ ଜଣେ ମୁଁ ଯେ ଅଛି,
ଆଖି ଦେଖି ସାକୀ ସଖୀ ଆଶ୍ୱାସର ହେଲା ଗେହ
ତା'ରି ଲାଗି ଜୀବନଟା ହେଲାନାହିଁ ଆଉ ଦାହ
ଫଗୁଣରେ ତୁ ଆସିଯା' ଛୁଇଁଦେ ମୋର ଦେହ ! ୩ !

ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬,
(ମୋ)-୯୩୪୮୦୫୪୩୦୦

## ଏଇତ ଆରମ୍ଭ ..
### ଗିରିଶ ପାତ୍ର



ଆଜି ବେସି ମନେ ପଡେ ,
ମୋର କିଛି ପ୍ରତିସ୍ମୃତି ।
ଯାହା ଏକ ଅଭୁଲା ଗପ ,
ଶୁଣେ ମୁଁ ଦିନରାତି ।
ସପନର ଦୁନିଆଁର ଏଇତ ପ୍ରାରମ୍ଭ ,
ମୋର ସବୁ ସ୍ମୃତିର ..
ଏଇତ ଆରମ୍ଭ..ଏଇତ ଆରମ୍ଭ ।

କିଛି ବଦଳରେ ଆଉ କିଛି,
ସୁନ୍ଦର ଏଇ ଦୁନିଆଁ ।
ଜୀବନ ଚଳାପଥର ଆମେ,
ଦୁଇ ଦିନିଆ କୁଣିଆ ।
ସୁଖ ଦୁଃଖର ଏ ଦୁନିଆଁ, ଏଇତ

ସେ ସ୍ତମ୍ଭ ,
ଜୀବନ ଇତିହାସର...
ଏଇତ ଆରମ୍ଭ..ଏଇତ ଆରମ୍ଭ ।

କଲମକୁ ଜିତେଇ ବାର ଇଚ୍ଛା,
ମନରେ ବାନ୍ଧିଛି ଆଶା ।
କଲମ କାଳୀରେ ଆଙ୍କିହୁଏ,
କବିର ମନର ଭାଷା ।
ସେଇ ପଥେ ପଥେ...
ଏଇତ ଶୁଭାରମ୍ଭ...
କିଛି ଆଶାରେ ଆଶାରେ...
ଏଇତ ଆରମ୍ଭ..ଏଇତ ଆରମ୍ଭ ।

ମଣିଷ ଆକାରେ ଗଢିହେବା ପାଇଁ,
କର୍ମ ହିଁ ହେବ ସାହାରା
ଡେଣା ମେଲେଇ ବୁଲିବା ପାଇଁକି,
ଉଡା ପକ୍ଷୀ ଟିଏ ମୁଁ ବାଆରା ।

ଲୋକ ସକାଶେ ବଦଳିବି ମୁଁ..
ବଦଳିବ ମୋର ରଙ୍ଗ
ସତ ପଥେ ଆଗେଇଯିବାର...
ଏଇତ ଆରମ୍ଭ...ଏଇତ ଆରମ୍ଭ ।

ଦେଶର ସେବା ଟିକିଏ କରିବା ପାଇଁ,
ମନ ହୁଏ ଭାରି ଘାରି ।
ଅଜସ୍ର ଯୁଦ୍ଧରେ କଲମକୁ ଛାଡି,
ହେଇଯାଆନ୍ତି କି ?
ଖଣ୍ଡା ଧାରି ।
ଭାରତ ମାଁର ସେଇ ପ୍ରତୀକ ଯାହାର
ରଙ୍ଗ ତ୍ରିରଙ୍ଗ...ଦେଶର ହିତେ..
ଇଏତ ଆରମ୍ଭ.. ଏଇତ ଆରମ୍ଭ ।
କପାଳେ ଯାହା ହେଇଛି ଲେଖା,
କିଏ ମେଣ୍ଟାଇବ କହ ।
ଯନ୍ତ୍ରଣା ଯଦି ଦେବାର ନଥିଲେ ,
କିଏ ଝୁଣ୍ଟେଇବ କହ ।
ଦୁନିଆଁରେ ସତ କର୍ମ କରିଥିଲେ,

ମରିଯାଇଥିଲେ ଜୀବନ୍ତ,
କିଛି ସତ ଶିକ୍ଷାର
ଏଇତ ଆରମ୍ଭ...
ଏଇତ ଆରମ୍ଭ ।

ରେଙ୍ଗାଲି, ଲୋଇସିଂହା
ବଲାଙ୍ଗିର
୮୪୫୫୯୯୨୪୦୨

## ଏକାକୀତ୍ୱ ....
### ଜ୍ୟୋତିରଂଜନ ଯତି



ଆଜି କାହିଁ ଭାରି ଇଛା ହୁଏ ..
ଏକାନ୍ତରେ ରହିବାକୁ ।
ହୃତ ସ୍ପନ୍ଦନର ଆଢୁଆଳେ
ଯନ୍ତ୍ରଣାକୁ ଛୁଇଁବାକୁ ।

ସେ ଥିଲା ମୋ ମନ ଅଗଣାରେ
ଛଳନାର ବାଲିଘର ।
ଆଜି କାହିଁ ଇଛା ହୁଏ ସେହି
ବାଲିଘର ଭାଙ୍ଗିବାକୁ ।

ସପନ ତ ଭାଙ୍ଗିଯାଏ ଏଠି
ଭାଙ୍ଗିଦିଏ ଏ ମନକୁ ।
ଆଜି ଆଉ ଧୈର୍ଯ୍ୟ ନାହିଁ
ସ୍ୱପ୍ନଟିଏ ଦେଖିବାକୁ ।

ସ୍ୱପ୍ନ କେବେ କାହିଁ ନିଏ ନାହିଁ
ବାସ୍ତବ ରଙ୍ଗ ରୂପକୁ ।
ଆଜି କାହିଁ ଇଛା ହୁଏ ସେଇ
ବାସ୍ତବରେ ଜିଇଁବାକୁ ।

ମନାକରେ ଶାରୀ ଆଜି ତାର

ପଞ୍ଜୁରୀରେ ରହିବାକୁ ।
ଠିକଣା ତା ଖୋଜେ ପରିଚୟ
ଦୂର ଦେଶ ଗଗନକୁ ।

ଅସହାୟ ଲାଗେ ଏ ପଞ୍ଜୁରୀ
ଜାଗେ ଇଛା ଭାଙ୍ଗିବାକୁ ।
ଲକ୍ଷହୀନ ଯାତ୍ରୀ ସାଜି ଚାଲେ
ଆଗକୁ ବହୁ ଆଗକୁ ।
କେଉଁଠି ଶେଷ ଏକାନ୍ତ ପଥ
ଜଣା ନାହିଁ ଏ ମନକୁ ।।

ଶାନ୍ତି ଲାଗେ ବୋଲି ଚାଲେ ବୋଧେ
ଅପନ୍ତରା ସେ ପଥକୁ ।

ଜୀବନଟା ମାୟା ମରିଚିକା
ବାଛିଲି ଏକାକୀତ୍ୱକୁ ।।

ଆରିକମା, ଖୋର୍ଦ୍ଧା

## କିଏ ତୁମେ ?
### ସୁନୁଲତା ଘଡେଇ



ପ୍ରଶ୍ନ ଥିଲା କିଏ ତୁମେ ?
କେମିତି କହିବି ମୋର କ'ଣ
ତୁମେ !!
ଅକାରଣେ ଓଠର
ମୃଦ୍ୟୁହସର କାରଣ ତୁମେ
ଶବ୍ଦହୀନ ପ୍ରେମର ପରିଭାଷା ତୁମେ
ସ୍ପର୍ଶହୀନ ଗୋଧୂଳିର ମଳୟ ତୁମେ
ପୁଲ୍ଲକିତ ପ୍ରାଣର
ମଧୂର ମୂର୍ଚ୍ଛନା ତୁମେ

ରୋମାଞ୍ଚିତ କାୟାର ଭାବନା
ତୁମେ ।

ନୀରବତାର ଭାଷା,
ଅଭିମାନର ମାନ ତୁମେ
ପୂର୍ଣମୀ ଜ୍ୟୋସ୍ନାର ସ୍ନିଗ୍ଧତା ତୁମେ ।

ଲୁଚିଲୁଚି ସ୍ୱପ୍ନରେ ଆସୁଥିବା
ସ୍ୱପ୍ନନାୟକ ତୁମେ ।
କେମିତି କହିବି,
କାହିଁକି କହିବି ମୋ ପାଇଁ କ'ଣ ତୁମେ
ଏତିକି କ'ଣ ଯଥେଷ୍ଟ ନୁହେଁ ?
ଶବ୍ଦ ଠାରୁ ନୀରବତା ଭଲ
ସେ ନୀରବତାର ଧ୍ୱନି ତୁମେ !!

ସବୁ ସମ୍ପର୍କର କ'ଣ ପୂର୍ଣ୍ଣତା
ଥାଏ.... ?
ପୂର୍ଣ୍ଣତା ଏକ କଳ୍ପନା....
ଯା ତୁ ଅର୍ଦ୍ଧ ସମ୍ପର୍କଟିଏ ହୋଇ
ଆସ୍ଥାନରେ ଥାଆ......

ସାନପଦନା, କେନ୍ଦୁଝର, ଓଡ଼ିଶା

## ପ୍ରେମ
### ଦିବାକର ନାୟକ



ଗୋଟେ ଝିଅ ଯେତେ ଭଲ ଲାଗେ ସେତେ
ଲେଖା ହୋଇପାରେ ଗୀତ
ପ୍ରେମ ଏମିତିକା ଜୀବସାର ସେତ
ସାରା ଜୀବନକୁ ହିତ (୦)

କଲମ କାଳିରେ ହୁଏନା ଯା' ଲେଖି
ରକତରେ ହୁଏ ଲେଖି
ପାଠଶାଳାରେ ବି ହୁଏନା ଯା' ଶିଖି
ଶାଠରେ ହୁଏ ତା' ଶିଖି


ମନ ମରୁରେ ବି ବହି ଯାଇପାରେ
ଆବେଗର ନୀଳ ସ୍ରୋତ..
ଗୋଟେ ଝିଅ ଯେତେ ଭଲ ଲାଗେ ସେତେ
ଲେଖା ହୋଇପାରେ ଗୀତ (୧)

ସୋରିଷ ଫୁଲ ବି ଲାଗିପାରେ କେବେ
ଅପରୂପା ସୁନା ଗୋରୀ
ସୁର ତାଳ ଲୟ ନ ଜାଣିବା ଓଠ
ଗୁଞ୍ଜନ ତୋଳେ ଥିରି

ଅପବାଦ ଲାଗେ ଧନ୍ୟବାଦ ପରି
ଜହ୍ନକୁ ପାଏ ହାତ..
ଗୋଟେ ଝିଅ ଯେତେ ଭଲ ଲାଗେ ସେତେ
ଲେଖା ହୋଇପାରେ ଗୀତ (୨)

ପାଟପୁର, କନିସି, ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୮୬୧୯୯୮୧

## ଶୀତ ସକାଳ
### ବର୍ଷାରାଣୀ ମହାମଲ୍ଲିକ



ଦେହ ଥରଥର ଭାରି କଳବଳ
ଶୀତ ର ପ୍ରକୋପ ରେ,
ଶୀତୁଆ ସକାଳ ଭାରି ମନୋହର
କଟେ ବଡ଼ ମଉଜ ରେ ।

ହାଡ଼ଭଙ୍ଗା ଶୀତେ ଇଚ୍ଛା ହୁଏ ନାହିଁ
ଛାଡ଼ିବାକୁ ଶେଯ କମ୍ବଳ,

ସକାଳ ଗାଧୁଆ ମସ୍ତ ବଡ଼ କାମ
ଦୁଃଖ ଅଟେ ସେ ପ୍ରବଳ ।

ଶୀତ ସକାଳ ରେ ଖୋଜୁଥାଏ ମନ
ଟିକେ ନିଆ ଟିକେ ଖରା,
ଚାଖିବା କୁ ଜିଭ ଖୋଜୁଥାଏ ସଦା
ଗରମ ପକୁଡ଼ି ବରା ।

ପରିମଳ ହୋଇଥାଏ ପରିବେଶ
ସଫା ସଫା ଲାଗୁଥାଏ

ପଖାଳ ସାଙ୍ଗରେ ବଡ଼ି ଚୂଡ଼ା ଭଜା
ଭାରି ମିଠା ଲାଗିଥାଏ ।


ଖରା ବି ନ ଥାଏ, ନ ଥାଏ ବରଷା
କଷ୍ଟ ବେଶୀ ଲାଗେ ନାହିଁ,
ସୁନ୍ଦର ସତେଜ ରହେ ଦେହ ମନ
ବିଷାଦତା ଛୁଏଁ ନାହିଁ ।।

ଶୀତ ସକାଳ ର ପହିଲି କିରଣ
ଧରଣୀ କୁ ଯେବେ ଚୁମେ,

ଅପୂର୍ବ ପୁଲକ ହୁଏ ଜାଗ୍ରତ
ହୃଦୟ ଆହ୍ଲାଦେ ଝୁମେ ।।

ଜିଲ୍ଲା :ବରଗଡ଼

## ସାଥୀ ତୁମେ ଫେରିଆସ
### ଶରତ କୁମାର ମିଶ୍ର



ବରଷାରାଣୀର ରିମଝିମ୍ ସୁରେ
କେବେ ଦିନେ ନାଚୁଥିଲି
କୁଆଁର ପୁନେଇଁ ଯୋଛନାରେ
ଦିନେ ମୁଁ କେବେ ଖେଳିଥିଲି ।

ସଂଗେ ଯେବେ ଥିଲ ଶରଧାରେ

ମୋତେ କରୁଥିଲ ଗଳାହାର
ହାତ ଛାଡ଼ି ଯେବେ ଚାଲିଗଲ ପ୍ରିୟା
ସବୁ ତ ଲାଗେ ଅସାର ।

ଶୀତରେ ବସନ୍ତର ମାଦକତା
ଆଉ ଗ୍ରୀଷ୍ମେ ବର୍ଷାର ଶୀତଳତା
ତୁମେ ସିନା ଆଣିଥିଲ ପ୍ରିୟା
ମୋ ଜୀବନରେ ମଧୁରତା ।

ତୁମେ ଯେବେ ଛାଡ଼ି ଚାଲିଗଲ
ମୋତେ
ସବୁ ଆଜି ଦିଶେ ଧୂଆଁଧୂଆଁ

ନପାଇ ଆଜି ତୁମରି ପରଶ
ଛାତିତଳେ ଅବା ଲାଗିଯାଏ ନିଆଁ ।

ଅସହ୍ୟ ହେଉଛି ଦିନୁଦିନ ତୁମ
ସ୍ମୃତି ପାହାଡ଼ର ବୋଝ
କେମିତି ସାଇତି ରଖିବି ତାହାକୁ
ତା ପାଇଁ ଜାଗାଟେ ଖୋଜ ।

ଫେରିଆସୁ ପୁଣି ସେ ପୁରୁଣା ଦିନ
ଫେରିଆସୁ ସେହି ସୁନା ଦିନ
ଖୁସିରେ ଗଢି ବାଲିଘରଟିଏ
ରଖିବି ମୁଁ ତତେ ଯତନେ ସବୁଦିନ ।

ପଟିଆ,ଭୁବନେଶ୍ୱର,
ପିନ - ୭୫୧୦୨୪
ମୋ- ୮୯୧୭୩୩୭୨୩୫

## ସୁରକ୍ଷିତ ଜୀବନ
### ଜୟଶ୍ରୀ ପଟ୍ଟନାୟକ



ଖାଲଖମା ସବୁ ଦେଖିକି ବନ୍ଧୁ ହେ
ଚଳାଇବ ଗାଡି ଧୀରେ
ପ୍ରତି ଜୀବନ ତ ଅମୂଲ୍ୟ ଅଟଇ
ସେ କଥା ଭାବିବ ଥରେ ।

ସମୟକୁ ଦେଖି ଘରୁ ବାହାରିଲେ
ପହଁଚିବ ସୁବିଧାରେ
ବିକଳ ହୋଇକି ଚଳାଇଲେ ଗାଡି
ପଡିବା ଅସୁବିଧାରେ
ସଡକ ସୁରକ୍ଷା ଜୀବନର ରକ୍ଷା
ମାନିବ ଏକଥା ଥରେ ।

ଆଗ ଲୋକକୁ ତ ବାଟ ଛାଡିଦେବା
ପଛରେ ହୋଇକି ଠିଆ
ତା ବାଟକୁ ଟପି ଅତିକ୍ରମ କଲେ
ନଷ୍ଟୟ ଥରିବ ହିଆ
ସଡକ ନିୟମ ମାନ ଚଳାଇଲେ
ଘଟେନି ଦୁର୍ଘଟଣାରେ ।

♥ ଗଙ୍ଗନଗର, ଭୁବନେଶ୍ୱର
ମୋ:୭୯୭୮୧୧୦୪୭୪

## ଯାଆରେ ଉଡି ମୋ ଟିକିଗୁଡି
### ଜଗଦୀଶ ସାହୁ



ଯାଆରେ ଉଡି ମୋ ଟିକିଗୁଡି
ସରଗପୁରେ
ନୀଳଗଗନ ବୁଲି ଆସିବୁ
ମନଖୁସିରେ !

ମୋ ମନକଥା ଜହ୍ନମାମୁଁକୁ
ଦବୁ ଜଣାଇ
ମୋ ହାତଧରି ତାଙ୍କ ଘରକୁ
ନେବେ ବୁଲେଇ !

ଦୂର ଆକାଶେ ଦେଖିଛି ସିନା
ଜହ୍ନମାମୁଁକୁ
ଯାଇନି କେବେ ବୁଲିବା ପାଇଁ
ତାଙ୍କ ଘରକୁ !

ଥଣ୍ଡା କିରଣ ଦିଅନ୍ତି ସିଏ
ସଂସାର ହିତେ

ଭଲ ପାଆନ୍ତି ତାଂକୁ ଭଣଜା
ଭାଣିଜି ଯେତେ !

ତାରା ମାଉସୀ ଦେଖିଲେ ମୋତେ
କୋଳେଇ ନେବ
କେତେ ରକମ ପିଠା ଓ ମିଠା
ଖୁଆଇ ଦେବ !

ମାମୁଁଙ୍କ ଘର ବୁଲିବା ପାଇଁ
ମନ ବଳିଛି
ଗୁଡିରେ ତୋର ଫେରିବା ବାଟ
ଚାହିଁ ବସିଛି !

ସଞ୍ଚପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬

## କେତେ ଦୂରେ ?
### ହରେରାମ ପଣ୍ଡା



କାଉଁରୀ ରାଇଜ ରାଜଜେମା ତୁହି
କି ଯାଦୁ ଜାଣିଛୁ ସତେ ,
ମନ କିଣିନେଲୁ କେମିତି କେଜାଣି
ବାଟବଣା କଲୁ ମତେ ।

ଫଗୁଣ ହାତରେ ଚିଠି ଦେଇଥିଲୁ
କେତକୀ ଅତର ସିଞ୍ଚି ,
ମନ ଅଳିନ୍ଦର ସେପାଖେ ପବନ
ଦେଲା ସେ ମହକ ବିଞ୍ଚି ।

କୁଆଁରୀ ଛାତିରେ ଢେଉ ଭାଙ୍ଗୁଥିଲା
ଲକ୍ଷେ ଛବିଲା ସପନ ,
ଖିଆଲୀ ସପନେ ବିଭୋର ହୋଇ ତୁ
ଖୋଜୁଥିଲୁ ଗୋଟେ ମନ ।

ସେଦିନ ରାତିରେ ସପନରେ ଆସି
ଶୋଇଥିଲୁ କୋଳେ ମୋର ,
ସପନ ଅଧାରୁ କୁଆଡ଼େ ଗଲୁ ତୁ
କରିଦେଇ ମତେ ପର ?

ହଜେଇଛି କେତେ ନିଦ ମୋ ଆଖିରୁ
କହି ପାରିବୁ ତୁ ଗଣି ,

ପାଇଛୁ କି ମୋର ନିଦର ଠିକଣା
ପାରିଛୁ କି ନାହିଁ ଗଣି ।

ଅବୁଝା ଗଣିତ ପରି ତୋ ମନଟା
କେମିତି ବୁଝିବ କିଏ ?
ରାତି ଅଳପକୁ ସପନ ଅନେକ
ମନ ଚହଲେଇ ଦିଏ ।

ଆଜିବି ଭାବୁଛି ଖୋଜୁଖୋଜୁ ତତେ
ପାଇଯିବି କାଳେ ମୁହିଁ,
ପାଇଲେ ଏଥର ମନ ସିନ୍ଦୁକରେ
ରଖିବି ଚାବି ପକେଇ ।

ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ କୁଆଁସ,
ମେର୍ଦ୍ଧା କାଟିଆଛକ, ଯାଜପୁର
(ମୋ) ୯୪୩୮୦୬୫୧୯୫

# କାଗଜ କଳ ଶ୍ରମିକ ସଂଘର ସାଧାରଣ ବୈଠକ

ଜୟପୁର, ୨୩/୦୧ (ନି.ପ୍ର): ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ ସେବା କାଗଜ କଳର ପ୍ରଥମ ୟୁନିଅନର ସାଧାରଣ ବୈଠକ ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସମ୍ପାଦକ ପ୍ରଦୀପ କୁମାର ପାଣ୍ଡିଆ କାରଖାନାର ସ୍ଥିତି ଏବଂ ଶ୍ରମିକମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ । କାରଖାନା ପୁନଃ କାର୍ଯ୍ୟକ୍ଷମ ହେଲେ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ହେବ ବୋଲି ଯେଉଁ ଆଶାର ସଂଚାର ହୋଇଥିଲା ତାହା ଦିନକୁ ଦିନ ମଉଳିବାରେ ଲାଗିଛି । କମ୍ପାନୀ ବିଭିନ୍ନ ଆଳ ଦେଖାଇ ଅଧା ଦରମା ଦେଉଛି ଏବଂ ତାହା ମଧ ତିନି ଚାରି ମାସରେ ଥରେ ଦେଉଛି । ଠିକା ଶ୍ରମିକ ମାନେ ଚାରିରୁ ପାଂଚ ମାସ ହେଲା ଦରମା ପାଇନାହାନ୍ତି । କାରଖାନାରେ ଉତ୍ପାଦନ ବର୍ଷକ ପରେ ମଧ ସ୍ୱାଭାବିକ ହୋଇପାରିଲା ନାହିଁ । ଶ୍ରମିକ ମାନଙ୍କ ଦୀର୍ଘ ସୂତ୍ରୀ ଚୁକ୍ତିନାମାର ସର୍ତ ସବୁ କାଟିବାରେ ଲାଗିଛି । ଏଭଳି ପରିସ୍ଥିତିରେ ଡିଏଲଓଙ୍କୁ ମିଟିଂ ଡାକିବାକୁ କୁହାଯାଇଛି ଏବଂ ତୁରନ୍ତ ପୁରାଦରମା ଦେବା ପାଇଁ ଚାରୋଟି ଯାକ ୟୁନିଅନ ମ୍ୟାନେଜମେଂଟକୁ ଲେଖି ଦେଇଛନ୍ତି । ଆଗାମୀ ଦିନରେ କାର୍ଯ୍ୟକ୍ରମ ସବୁ ୟୁନିଅନ ବସି ସ୍ଥିର କରିବ । ସଭାପତି ଅଭିଭାଷଣରେ ପ୍ରମୋଦ କୁମାର ମହାନ୍ତି କହିଥିଲେ ଯେ, ନୂଆ ମଦର୍ ଆର୍ଥ୍ କମ୍ପାନୀ ୧୫୦ କୋଟି ଟଙ୍କା ଋଣ ନେଲା କାରଖାନା ପୁନଃ କାର୍ଯ୍ୟକ୍ଷମ କରାଇବା ପାଇଁ, କିନ୍ତୁ ସଠିକ୍ କାମରେ ବିନିଯୋଗ ନକରି ହରିଲୁଟ୍ କରିବା ଉଦ୍ଦେଶ୍ୟରେ ଗୌତମ ଥାପରକୁ ୧୦୦ କୋଟି ଟଙ୍କା ଦେଇଦେଲା ଯାହା ଫଳରେ କାରଖାନାକୁ ସଠିକ୍ ଉତ୍ପାଦନକ୍ଷମ କରେଇ ପାରିଲା ନାହିଁ । କାରଖାନାର ମ୍ୟାନେଜମେଣ୍ଟ ହସ୍ତାନ୍ତର ମଧ ଅତି ଚତୁରତାର ସହ ହୋଇଛି ।୧୯୮୭ ରୁ କାଗଜ କଳ ଅବସ୍ଥା ଖରାପ ଆଡ଼କୁ ଗତି କରିବା ଜାଣି ଶ୍ରମିକ ସଂଘ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଲଗାତାର ଆନ୍ଦୋଳନ କରିବା ପରେ କାରଖାନାକୁ ଚଲେଇବା ପାଇଁ ପଦକ୍ଷେପ ତ୍ୱରାନ୍ୱିତ କରାଗଲା । କିନ୍ତୁ, ଏବେ କେହି ଧ୍ୟାନ ଦେବା ଜଣାପଡୁନାହିଁ । ଆସନ୍ତା ୨୩ ଜାନୁଆରୀରେ ଜୟପୁର ମୁଖ୍ୟ ଟ୍ରାଫିକ ଛକରେ ଶ୍ରମିକ ମାନେ ବିକ୍ଷୋଭ ପ୍ରଦର୍ଶନ କରିବେ ଏବଂ ପ୍ରଚାରପତ୍ର ମାଧମରେ ବାସ୍ତବ ତଥ୍ୟ ଜନସାଧାରଣଙ୍କୁ ଅବଗତ କରାଇବେ । ଆସନ୍ତା ଦିନରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖୋଲା ଚିଠି ପ୍ରକାଶ କରି ବିଜୁବାବୁଙ୍କ ଅନ୍ୟ ଏକ କୃତି ସେବା କାଗଜ କଳକୁ ବଂଚେଇବା ପାଇଁ ନିବେଦନ କରାଯିବ । ଆଗାମୀ ବିଧାନସଭା ଅଧିବେଶନ ପୂର୍ବରୁ ସମସ୍ତ ଦଳଙ୍କୁ ପତ୍ର ପ୍ରଦାନ କରିବା ସହ ବିଧାନସଭାରେ ଆଲୋଚନା କରିବାକୁ ନିବେଦନ କରାଯିବ । କେଉଁ ଆଧାରରେ ଏ କମ୍ପାନୀକୁ ମୁଖ୍ୟ ଶାସନ ସଚିବ ଏନ୍ ଓ ସି ଦେଲେ ତା'ର ଉତର ଆର୍ ଟି ଆଇ ମାଧମରେ ମଗାଯିବ । ଜିଲ୍ଲାପାଳ ଡିସେମ୍ବର - ୯ ମିଟିଂ ସ୍ଥଗିତ ରଖିବା ପରେ କାହିଁକି ଆଉ ମିଟିଂ ଡାକୁ ନାହାଁନ୍ତି ସେ ବିଷୟରେ ସ୍ୱଚ୍ଛ ଶାସନର ଅଧିକାରୀ ଫାଇଭ - ଟି ସଚିବଙ୍କୁ ମଧ ପଚାରିବାକୁ ହେବ । ୟୁନିଅନର ଲକ୍ଷ୍ୟ ହେଉଛି ଏ କାରଖାନାକୁ ବଂଚେଇବା ଏବଂ ଶ୍ରମିକମାନଙ୍କ ସମସ୍ୟା ସମାଧାନ କରିବା ।

ଆଜିର ବୈଠକରେ ୧୬ ଜଣିଆ କାର୍ଯ୍ୟକାରୀ କମିଟି ବଛା ଯାଇଛି । ପ୍ରମୋଦ କୁମାର ମହାନ୍ତି ସଭାପତି ଓ ପ୍ରଦୀପ କୁମାର ପାଣ୍ଡିଆ ସାଧାରଣ ସମ୍ପାଦକ ନିର୍ବାଚିତ ହୋଇଥିବା ବେଳେ ପ୍ରଦୀପ ରଥ, ବନମାଳୀ ପାତ୍ର, ପ୍ରମୋଦ ତିଓ୍ୱାରୀ, ଅଶ୍ୱିନୀ ମହାନ୍ତି, ସୁରେଶ ସାମନ୍ତସିଂହାର, ଅଲେଖ ପାତ୍ର, ଉମା ଶଙ୍କର ଶତପଥୀ, ବାମ ଦେବ ଖାଡଙ୍ଗାଙ୍କୁ ବିଭିନ୍ନ ପଦବୀର ଦାୟିତ୍ୱ ଦିଆଯାଇଛି । ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ମଧ୍ୟରୁ ବସନ୍ତ ବେହେରା, ନାରାୟଣ ଦାଶ, ଦତ ପ୍ରସାଦ ଅଗସ୍ତି ଓ ସରୋଜ ପଣ୍ଡାଙ୍କୁ ୟୁନିଅନର ସ୍ଥାୟୀ ନିମନ୍ତ୍ରିତ ସଭ୍ୟ ଭାବେ ସମ୍ମାନର ସହ ଗ୍ରହଣ କରାଯାଇଛି । ସଭା ଶେଷରେ ଶଶାଙ୍କ ଶେଖର ମଣ୍ଡଳ ସମସ୍ତଙ୍କୁ ଧନ୍ୟବାଦ ଜଣେଇଥିଲେ ।


# କାଗଜ କଳ ଶ୍ରମିକ ସଂଘର ସାଧାରଣ ବୈଠକ

ଜୟପୁର, ୨୩/୦୧ (ନି.ପ୍ର): ଆଜି ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ ସେବା କାଗଜ କଳ ର ପ୍ରଥମ ୟୁନିଅନର ସାଧାରଣ ବୈଠକ ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସମ୍ପାଦକ ପ୍ରଦୀପ କୁମାର ପାଣ୍ଡିଆ କାରଖାନା ର ସ୍ଥିତି ଏବଂ ଶ୍ରମିକମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ । କାରଖାନା ପୁନଃ କାର୍ଯ୍ୟକ୍ଷମ ହେଲେ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ହେବ ବୋଲି ଯେଉଁ ଆଶାର ସଂଚାର ହୋଇ ଥିଲା ତାହା ଦିନ କୁ ଦିନ ମଉଳିବାରେ ଲାଗିଛି । କମ୍ପାନୀ ବିଭିନ୍ନ ଆଳ ଦେଖାଇ ଅଧା ଦରମା ଦେଉଛି ଏବଂ ତାହା ମଧ ତିନି ଚାରି ମାସରେ ଥରେ ଦେଉଛି । ଠିକା ଶ୍ରମିକ ମାନେ ଚାରିରୁ ପାଂଚ ମାସ ହେଲା ଦରମା ପାଇନାହାନ୍ତି । କାରଖାନା ରେ ଉତ୍ପାଦନ ବର୍ଷକ ପରେ ମଧ ସ୍ୱାଭାବିକ ହୋଇ ପାରିଲା ନାହିଁ । ଶ୍ରମିକ ମାନଙ୍କ ଦୀର୍ଘ ସୂତ୍ରୀ ଚୁକ୍ତିନାମା ର ସର୍ତ ସବୁ କାଟିବାରେ ଲାଗିଛି । ଏଭଳି ପରିସ୍ଥିତି ରେ ଡିଏଲ୍ଓ ଙ୍କୁ ମିଟିଂ ଡାକିବାକୁ କୁହାଯାଇଛି ଏବଂ ତୁରନ୍ତ ପୁରାଦରମା ଦେବା ପାଇଁ ଚାରୋଟି ଯାକ ୟୁନିଅନ ମ୍ୟାନେଜମେଂଟକୁ ଲେଖି ଦେଇଛନ୍ତି । ଆଗାମୀ ଦିନରେ କାର୍ଯ୍ୟକ୍ରମ ସବୁ ୟୁନିଅନ ବସି ସ୍ଥିର କରିବ । ସଭାପତି ଅଭିଭାଷଣ ରେ ପ୍ରମୋଦ କୁମାର ମହାନ୍ତି କହିଥିଲେ ଯେ ନୂଆ ମଦର୍ ଆର୍ଥ୍ କମ୍ପାନୀ ୧୫୦ କୋଟି ଟଙ୍କା ଋଣ ନେଲା କାରଖାନା ପୁନଃ କାର୍ଯ୍ୟକ୍ଷମ କରାଇବା ପାଇଁ , କିନ୍ତୁ ସଠିକ୍ କାମରେ ବିନିଯୋଗ ନକରି ହରିଲୁଟ୍ କରିବା ଉଦ୍ଦେଶ୍ୟରେ ଗୌତମ ଥାପରକୁ ୧୦୦ କୋଟି ଟଙ୍କା ଦେଇଦେଲା ଯାହା ଫଳରେ କାରଖାନା କୁ ସଠିକ୍ ଉତ୍ପାଦନକ୍ଷମ କରେଇ ପାରିଲା ନାହିଁ । କାରଖାନା ର ମ୍ୟାନେଜମେଂଟ ହସ୍ତାନ୍ତର ମଧ ଅତି ଚତୁରତାର ସହ ହୋଇଛି । ୧୯୮୭ ରୁ କାଗଜ କଳ ଅବସ୍ଥା ଖରାପ ଆଡ଼କୁ ଗତି କରିବା ଜାଣି ଶ୍ରମିକ ସଂଘ ସରକାର ଙ୍କ ଦୃଷ୍ଟି ଆକର୍ଷଣ କରି ଲଗାତାର ଆନ୍ଦୋଳନ କରିବା ପରେ କାରଖାନା କୁ ଚଲେଇବା ପାଇଁ ପଦକ୍ଷେପ ତ୍ୱରାନ୍ୱିତ କରାଗଲା । କିନ୍ତୁ ଏବେ କେହି ଧ୍ୟାନ ଦେବା ଜଣାପଡୁନାହି । ଆସନ୍ତା ୨୩ ଜାନୁଆରୀ ରେ ଜୟପୁର ମୁଖ୍ୟ ଟ୍ରାଫିକ ଛକରେ ଶ୍ରମିକ ମାନେ ବିକ୍ଷୋଭ ପ୍ରଦର୍ଶନ କରିବେ ଏବଂ ପ୍ରଚାରପତ୍ର ମାଧମରେ ବାସ୍ତବ ତଥ୍ୟ ଜନସାଧାରଣଙ୍କୁ ଅବଗତ କରାଇବେ । ଆସନ୍ତା ଦିନରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ୟଶ୍ୟରେ ଖୋଲା ଚିଠି ପ୍ରକାଶ କରି ବିଜୁବାବୁଙ୍କ ଅନ୍ୟ ଏକ କୃତି ସେବା କାଗଜ କଳ କୁ ବଂଚେଇବା ପାଇଁ ନିବେଦନ କରାଯିବ । ଆଗାମୀ ବିଧାନସଭା ଅଧିବେଶନ ପୂର୍ବରୁ ସମସ୍ତ ଦଳଙ୍କୁ ପତ୍ର ପ୍ରଦାନ କରିବା ସହ ବିଧାନ ସଭା ରେ ଆଲୋଚନା କରିବାକୁ ନିବେଦନ କରାଯିବ । କେଉଁ ଆଧାରରେ ଏ କମ୍ପାନୀ କୁ ମୁଖ୍ୟ ଶାସନ ସଚିବ ଏନ୍ ଓ ସି ଦେଲେ ତା'ର ଉତର ଆର୍ ଟି ଆଇ ମାଧମରେ ମଗାଯିବ । ଜିଲ୍ଲାପାଳ ଡିସେମ୍ବର - ୯ ମିଟିଂ ସ୍ଥଗିତ ରଖିବା ପରେ କାହିଁକି ଆଉ ମିଟିଂ ଡାକୁ ନାହାଁନ୍ତି ସେ ବିଷୟରେ ସ୍ୱଚ୍ଛ ଶାସନ ର ଅଧିକାରୀ ୫ - ଟି ସଚିବଙ୍କୁ ମଧ ପଚାରିବାକୁ ହେବ । ୟୁନିଅନର ଲକ୍ଷ୍ୟ ହେଉଛି ଏ କାରଖାନାକୁ ବଂଚେଇବା ଏବଂ ଶ୍ରମିକମାନଙ୍କ ସମସ୍ୟା ସମାଧାନ କରିବା । ଆଜିର ବୈଠକରେ ୧୬ ଜଣିଆ କାର୍ଯ୍ୟକାରୀ କମିଟି ବଛା ଯାଇଛି । ପ୍ରମୋଦ କୁମାର ମହାନ୍ତି ସଭାପତି ,ଓ ପ୍ରଦୀପ କୁମାର ପାଣ୍ଡିଆ ସାଧାରଣ ସମ୍ପାଦକ ନିର୍ବାଚିତ ହୋଇଥିବା ବେଳେ ପ୍ରଦୀପ ରଥ , ବନମାଳୀ ପାତ୍ର, ପ୍ରମୋଦ ତିଓ୍ୱାରୀ,ଅଶ୍ୱିନୀ ମହାନ୍ତି, ସୁରେଶ ସାମନ୍ତସିଂହାର, ଅଲେଖ ପାତ୍ର, ଉମା ଶଙ୍କର ଶତପଥୀ,ବାମ ଦେବ ଖାଡଙ୍ଗାଙ୍କୁ ବିଭିନ୍ନ ପଦବୀ ର ଦାୟିତ୍ୱ ଦିଆଯାଇଛି । ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ମଧ୍ୟରୁ ବସନ୍ତ ବେହେରା, ନାରାୟଣ ଦାଶ, ଦତ ପ୍ରସାଦ ଅଗସ୍ତି ଓ ସରୋଜ ପଣ୍ଡାଙ୍କୁ ୟୁନିଅନର ସ୍ଥାୟୀ ନିମନ୍ତ୍ରିତ ସଭ୍ୟ ଭାବେ ସମ୍ମାନ ର ସହ ଗ୍ରହଣ କରାଯାଇଛି । ସଭା ଶେଷରେ ଶଶାଙ୍କ ଶେଖର ମଣ୍ଡଳ ସମସ୍ତଙ୍କୁ ଧନ୍ୟବାଦ ଜଣେଇ ଥିଲେ ।


# ଚିତ୍ରକୋଣ୍ଡା ଜଳଭଣ୍ଡାରରେ ଡ଼ଙ୍ଗା ବୁଡି ଘଟଣା : ନିଖୋଜ ମାଛଧରାଳିଙ୍କ ଶବ ଉଦ୍ଧାର

ମାଲକାନଗିରି, ୨୩/୦୧ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଜଳଭଣ୍ଡାରରେ ଶନିବାର ମାଛ ଧରୁଥିବା ବେଳେ ଡଙ୍ଗାରୁ ଖସିପଡି ନିଖୋଜ ଥିବା ମାଛ ଧରାଳିର ମୃତ ଶରୀର ୧୮ ଘଣ୍ଟା ପରେ ଅଗ୍ନିଶମ ବାହିନୀ ଉଦ୍ଧାର କରିଛନ୍ତି । ଉଦ୍ଧାର ମୃତଶରୀରକୁ ପୁଲିସ ଜବତ କରି ବ୍ୟବଚ୍ଛେଦ ପରେ ତାଙ୍କ ପରିବାରଙ୍କୁ ହସ୍ତାନ୍ତର କରିଥିବାର ପାପରମେଟଲା ଥାନା ଅଧିକାରୀ ମାନସ ରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି । ଏଭଳି ଅଭାବନୀୟ ଘଟଣା ଘଟିଛି ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଂଚଳ ବଡପଡା ପଂଚାୟତ କାଦଗୁମା ଗ୍ରାମରେ ।

କାଦଗୁମ୍ମା ଗ୍ରାମର ମଙ୍ଗରା ପାଙ୍ଗି ( ୪୬ ) ଓ ତାଙ୍କ ପତ୍ନୀ ସୋଲେଇ ପାଙ୍ଗି ଏକ ହୁଲି ଡ଼ଙ୍ଗାରେ ମାଛ ଧରିବାକୁ ଚିତ୍ରକୋଣ୍ଡା ଜଳଭଣ୍ଡାରକୁ ଯାଇଥିଲେ । ମଙ୍ଗରା ପାଙ୍ଗି ଡ଼ଙ୍ଗାରେ ବସି ମାଛ ଧରିବା ପାଇଁ ଜାଲ ପକାଉଥିବା ସମୟରେ ହଠାତ ତାଙ୍କ ଗୋଡ ଖସିଯିବାରୁ ସେ ଭାରସାମ୍ୟ ହରାଇ ଡଙ୍ଗାରୁ ଖସିପଡି ଜଳଭଣ୍ଡାର ଭିତରେ ବୁଡିଯାଇଥିଲେ । ଜଳଭଣ୍ଡାରରେ ବୁଡି ନିଖୋଜ ହୋଇଯାଇଥିବା ନେଇ ମଙ୍ଗରାଙ୍କ ସ୍ତ୍ରୀ ଥାନାରେ ଜଣାଇଥିଲେ । ଥାନା ଅଧିକାରୀ ଶ୍ରୀ ସ୍ୱାଇଁ ଚିତ୍ରକୋଣ୍ଡାସ୍ଥିତ ଅଗ୍ନିଶମ ବାହିନୀଙ୍କୁ ଡାକି ବୁଡ଼ି ଯାଇଥିବା ସ୍ଥାନରେ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ ନିଖୋଜ ମଙ୍ଗରା ପାଙ୍ଗିଙ୍କର କୌଣସି ସନ୍ଧାନ ମିଳିନଥିଲା । ରବିବାର ସକାଳୁ ପୁଣି ଅଗ୍ନିଶମ ବାହିନୀ ଓ ପୁଲିସ ପକ୍ଷରୁ ଜଳଭଣ୍ଡାରର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ଦିନ ୧୦ ଟାରେ ମଙ୍ଗରାଙ୍କ ମୃତ ଶରୀରକୁ ଠାବ କରି ଉଦ୍ଧାର କରିଥିଲେ । ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପରେ ତାଙ୍କ ପରିବାରଙ୍କୁ ହସ୍ତାନ୍ତର କରିଛି ପୁଲିସ । ମୃତ ମଙ୍ଗରାଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ସହାୟତା ରାଶି ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ସଂସ୍କୃତି ସଂସଦ ଓ ଏସସିଡି ଆଖି ଡାକ୍ତରଖାନା ପକ୍ଷରୁ ଚକ୍ଷୁ ଶିବିର: ୧୬୯ ଜଣ ରୋଗୀ ପାଇଲେ ଚକ୍ଷୁସେବା

ବଲାଙ୍ଗୀର, ୨୩/୦୧ (ନି.ପ୍ର): ସ୍ଥାନୀୟ ପ୍ୟାଲେସ ଲାଇନ ସଂସ୍କୃତି ଶିବିର ଓ ପପଲ ପଦର ଟିଟିଲାଗଡର ଏସସିଡି ଆଖି ଡାକ୍ତରଖାନା ପକ୍ଷରୁ ଏକ ଚକ୍ଷୁ ଶିବିର ଅନୁଷ୍ଠିତ ହୋଇଯାଇଛି । ସମୁଦାୟ ୧୬୯ ଜଣ ରୋଗୀ ଚକ୍ଷୁ ଶିବିରରେ ସେବା ପାଇଥିବାବେଳେ ୪୪ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ, ୩୩ଜଣଙ୍କୁ ଅସ୍ତ୍ରୋପ୍ରଚାର ପାଇଁ ଟିଟିଲାଗଡକୁ ସ୍ଥାନାନ୍ତରିତ ଓ ୫୫ ଜଣଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିବା ସୂଚନା ମିଳିଛି ।

ବଲାଙ୍ଗୀର ଉପଜିଲ୍ଲାପାଳ କୁମାର ନାଗଭୁଷଣ ମୁଖ୍ୟଅତିଥି ଓ ଜିଲ୍ଲା କ୍ରୀଡା ସଂଘର ସଂପାଦକ ହରୀନାରାୟଣ ପୁଜାରୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉକ୍ତ ଶିବିରର ଶୁଭାରମ୍ଭ କରିଥିଲେ । ଏସସିଡି ଡା. ମୋହିତ ମୋହନ ଦାଶ ଓ ଡା. ସାହୁଙ୍କ ନେତୃତ୍ୱରେ କୋଡିନେଟର ଶୈଲେନ୍ଦ୍ର ନାଏକ, ବୈଷୟୀକ ସହାୟକ ପ୍ରେମାରଞ୍ଜନ ସାଗର, ସଙ୍ଗିତା ବାରିକ ଓ ଚନ୍ଦ୍ରକାନ୍ତ ମହାନନ୍ଦ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ସେହିପରି ସଂସ୍କୃତି ସଂସଦର ସଭାପତି ନରେଶ କୁମାର ବେହେରା, ଉପସଭାପତି ବୁଲୁ ବିଶୋଇ, ସାଧାରଣ ସଂପାଦକ ପ୍ଲେଡନ ତାଣ୍ଡି, କୋଷାଧକ୍ଷ ସନ୍ତୋଷ ପାଣିଗ୍ରାହୀ, ସଂସଦ ପରାମର୍ଶଦାତା ଓଙ୍କାର ନାୟକ, ଗଜେଶ ବାଗ, ମଦନ ଆଚାର୍ଯ୍ୟ, ସଲିଲ ଦାଶ, ଭବାନୀ ପଟ୍ଟନାୟକ, ପ୍ରକାଶ ପଣ୍ଡା, ପ୍ରଫୁଲ୍ଲ ପଣ୍ଡା, ପିତାମ୍ବର ଖମାରୀ, ଦେବାଶିଷ ଲେଙ୍କା, ସଞ୍ଜୟ, ସୁମନ୍ତ ବିଶୋଇ, ରମେଶ ବେହେରା, ଟିଂଟୁ ଦାନୀ, ରିଙ୍କୁ ଦିକ୍ଷିତ, ସମାଜସେବୀ ରମେଶ ବାଗ, ଭରତ ବେହେରା ଓ ଅଜିତ ସାଗର ପ୍ରମୁଖ ରୋଗୀଙ୍କୁ ଦେଖାରେଖା କରିବା ସହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ଶିବିରକୁ ପହଂଚି ରୋଗୀଙ୍କ ହାଲ ଚାଲ ବୁଝିଥିଲେ ।

# ଜଙ୍ଗଲ ଅଗ୍ନି କ୍ଷୟକ୍ଷତି ଯୋଜନା ଅଧୀନରେ ବିଭିନ୍ନ କାର୍ଯ୍ୟକଳାପ ଉପରେ ସଚେତନତା

ବଲାଙ୍ଗୀର, ୨୩/୦୧ (ନି.ପ୍ର): ଜିଲ୍ଲା ପାଇଁ ଅନୁମୋଦିତ ଜିଲ୍ଲା ଜଙ୍ଗଲ ଅଗ୍ନି କ୍ଷୟକ୍ଷତି ଯୋଜନା ଅଧୀନରେ ବିଭିନ୍ନ କାର୍ଯ୍ୟକଳାପ ଯେପରିକି ଏକ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ, ପ୍ରତ୍ୟେକ ରେଞ୍ଜରେ ୧୦ଟି ଅଗ୍ନିଶମ ବିଭାଗର ସଦସ୍ୟଙ୍କ ଯୋଗଦାନ, ରେଞ୍ଜ ଅଫିସ୍ ଏବଂ ଡିଭିଜନ୍ କାର୍ଯ୍ୟାଳୟରେ ଘଂଟା ଘଂଟା ନିୟନ୍ତ୍ରଣ ପ୍ରକୋଷ୍ଠର କାର୍ଯ୍ୟ, ଅଗ୍ନି ପ୍ରବଣ ଜଙ୍ଗଲ ଅଂଚଳ ଏବଂ ସୀମାନ୍ତ ଗ୍ରାମଗୁଡ଼ିକର ଚିହ୍ନଟ, ଆର୍ଏଫ୍ ସୀମା ଏବଂ କମ୍ପାର୍ଟମେଂଟ ଲାଇନ୍‌ଗୁଡ଼ିକରେ ପ୍ରାୟ ୧୨୦୦ ଅଗ୍ନି ଲାଇନ୍ ନିର୍ମାଣ ଏବଂ ଏହି ବିଭାଗ ଦ୍ୱାରା ୧୫୦ରୁ ଅଧିକ ଅଗ୍ନି ପତ୍ର ଫୁଲ ଲଗାଇବା ଆରମ୍ଭ ହୋଇଛି । ମାନବ ସମ୍ବଳର ଅଭାବକୁ ଦୃଷ୍ଟିରେ ରଖି ଅଗ୍ନି ପ୍ରବଣ ବନ ସୁରକ୍ଷା ସମିତିରୁ ଆମା ଜଙ୍ଗଲା ଯୋଜନା ଅନ୍ତର୍ଗତ ୪୦ ଯୋଗ୍ୟ ଆନିମେଟରଙ୍କୁ ଜଙ୍ଗଲ ଅଗ୍ନି ଉପରେ ବିଶେଷ ଧ୍ୟାନଦେଇ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଯୋଜନା ଅନ୍ତର୍ଗତ ଆପଦା ମିତ୍ରର ୧୨ ଦିନିଆ ଆବାସିକ ପାଠ୍ୟକ୍ରମ ସହିତ ତାଲିମ ଦିଆଯାଉଛି । ଅଧିକ ଚତୁରତାର ସହିତ ରାସ୍ତାରେ ସମସ୍ତ ଅପ୍ରତ୍ୟାଶିତ ଆହ୍ୱାନର ମୁକାବିଲା କରିବା ସହିତ ଫ୍ରଂଟଲାଇନ କର୍ମଚାରୀ ଏବଂ ଅଗ୍ନିଶମ ବିଭାଗର ସଦସ୍ୟମାନଙ୍କୁ ମଧ ଜାନୁଆରୀ ୨୦୨୨ ଶେଷ ସୁଦ୍ଧା ଧାର୍ଯ୍ୟ କରାଯାଇଛି । ଜିଲ୍ଲାକୁ ଜଙ୍ଗଲ ଅଗ୍ନିମୁକ୍ତ ଜୋନ୍ କରିବା ପାଇଁ ୨୦୨୩ ମସିହାରେ ଯଥା ସମ୍ଭବ ଅଳ୍ପ ଅଗ୍ନିକାଣ୍ଡ ଘଟି ଜଙ୍ଗଲ ଅଗ୍ନିରୁ ପରିବେଶକୁ ବଂଚାଇବା ପାଇଁ ଆହ୍ୱାନ ଦିଆଯାଇଛି ।

# ଡକାୟତି ମାମଲାରେ ୨ ଗିରଫ

ଜୟପୁର, ୨୩/୦୧ (ନି.ପ୍ର): ଡକାୟତି ମାମଲାର ପ୍ରଦାଫାସ କଲା ଜୟପୁର ସଦର ପୋଲିସ । ଏହି ମାମଲାରେ ୨ ଜଣକୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ଗଡଗଦର ଅଜୟ ହରିଜନ ଓ ଡମ୍ବୁର ବେନିଆ । ପୋଲିସ ସୁଚନା ଅନୁଯାଇ ଗତ ୧୪.୧୦.୨୨ ରେ ଜଣେ ମଧ ପ୍ରଦେଶର ବୁଲା ବେପାରି ଜୟ ପାଲ ବଞ୍ଜାରା ମାଲକାନଗିରି ଜିଲା ଗୋବିନ୍ଦପାଲ୍ଲି ରୁ ବାଇକ ଯୋଗେ ଜୟପୁର ଆସୁଥିବା ସୂଚନା ପାଇ ଏକ ୭ ଜଣିଆ ଡକାୟତି ଟିମ ପାତ୍ରପୁଟ ନିକଟରେ ଛପିଥିଲେ । ଉକ୍ତ ବେପାରିକୁ କାବୁ କରି ଜଙ୍ଗଲକୁ ନେଇଥିଲେ ତାଙ୍କୁ ଧମକ ଚମକ ଦେଇ ପ୍ରଥମେ ତାଠାରୁ ୭ ଶହ ଟଙ୍କା ନେବା ସହ ଫୋନ ପେ ରେ ଥିବା ୮ ହଜାର ୮ ଶହ ଟଙ୍କା ନେଇଥିଲେ । ପରେ ଉକ୍ତ ବେପାରିକୁ ଧକମ ଦେଇ ତୋ ଏକାଉଂଟରେ ତୁରନ୍ତ ୫୦ ହଜାର ଟଙ୍କା ଦାବି କରିଥିଲେ ନଚେତ ହତ୍ୟା କରିବାକୁ ଧମକ ଦେଇଥିଲେ । ଫଳରେ ବ୍ୟବସାୟି ଜଣକ ତାଙ୍କ ଭାଇକୁ କଲ କରି ୪୦ ହଜାର ଟଙ୍କା ମଗାଇଥିଲେ । ପରେ ଡକାୟତି ଦଳ ଫୋନ ପେ ର ଉକ୍ତ ଟଙ୍କାକୁ ନେଇ ଛାଡି ଥିଲେ । ପରେ ଉକ୍ତ ବ୍ୟବସାୟୀ ଜଣକ ଜୟପୁର ସଦର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଗୁରୁତର ସହ ନେଇ ପୋଲିସ ମାମଲା ରୁଜୁ କରିଥିଲା । ସେହି ଦିନ ଠାରୁ ଅଭିଯୁକ୍ତ ମାନେ ଫେରାର ଥିବା ବେଳେ ଆଜି ୨ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି । ଏହି ମାମଲା ରେ ଜଡିତ ଥିବା ୫ ଅଭିଯୁକ୍ତ ଖୁବ ଶିଘ୍ର ଗିରଫ କରାଯିବ ବୋଲି ସଦର ଥାନା ଅଧିକାରି ଈଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ଠାରୁ ୨ଟି ମୋବାଇଲ,୨ଟି ବାଇକକୁ ଜବତ କରି ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଗିରଫ ଅଭିଯୁକ୍ତ ନାମରେ ଆଗରୁ ଅପରାଧିକ ମାମଲା ରେ ଜେଲ ଜାଇ ଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ବିଶ୍ୱକପ ହକି ପରେ ବିର୍ସାମୁଣ୍ଡା ଷ୍ଟାଡିୟମର ଭବିଷ୍ୟତ ଓ ବିମାନ ସେବା ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଆରମ୍ଭ

ରାଉରକେଲା, ୨୩/୦୧ (ନି.ପ୍ର): ରାଉରକେଲା ସହରରେ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ହକି ବିଶ୍ୱକପ ଚାଲିଥିବା ବେଳେ ବହୁ ଅର୍ଥ ବ୍ୟୟରେ ନିର୍ମିତ ଏହି ଷ୍ଟାଡିୟମର ଭବିଷ୍ୟତ କଣ ହେବ ଏହା ଭିତରେ ନିର୍ମିତ ହୋଇଥିବା ବହୁ ଆଲିସାନ ବଂଗଲା ଓ ଘରର ଭବିଷ୍ୟତ କଣ ହେବ ଓ ବିମାନ ସେବା ନିୟମିତ ଖେଳ ପରେ ରହିବ କି ନାହିଁ ସେନେଇ ଏବେ ସହରର ବୁଦ୍ଧିଜୀବୀ ମହଲରେ ଆଲୋଚନା ଜୋର ଧରିଛି । ମାତ୍ର ୧୫ ମାସ ଭିତରେ ଏହି ପ୍ରକଳ୍ପ ଶେଷ ହୋଇ ବିଶ୍ୱକପ ସରିବାକୁ ବସିଲାଣି, ଏଫଆଇଏଚରୁ ଆସିଥିବା ଅଧିକାରୀ ମାନେ ମଧ ଫେରିବାକୁ ବସିଲେଣି, ଛେଣ୍ଡ କଲୋନୀର ଏହି ଅଂଚଳରେ ବିଗତ କିଛି ଦିନ ଧରି ଚାଲିଥିବା କୋଳାହଳ ଆଉ ରହିବ ନାଁ ନାହିଁ, ଭିତରେ ଦୋକାନ କରି ବେଶ ଦୁଇପଇସା ରୋଜଗାର କରିଥିବା ଦୋକାନୀ ମାନେ ଆଗକୁ କରିବେ କଣ ଏହିଭଳି ନାନା ପ୍ରଶ୍ନ ଏବେ ସାଧାରଣରେ ଉଠିବା ସହ ଆଲୋଚନା ଚାଲିଛି । ଏନେଇ କେବେ କୌଣସି ଅଧିକାରୀ ସ୍ପଷ୍ଟ କରିନଥିବା ବେଳେ ପାନପୋଷ ହକି ଷ୍ଟାଡିୟମ ପାଖରେ ରହିଛି ତାହାର ମଧ ଭବିଷ୍ୟତ ଆଗକୁ କଣ ରହିବ ସେ ନେଇ ଆଉ ଏକ ପ୍ରଶ୍ନ ଯୋଡି ହୋଇଯାଇଛି । ତେବେ ସରକାରୀ ବେସରକାରୀ ସ୍ତରରେ ପ୍ରଚାର ଚାଲିଛି ରାଉରକେଲା ଆଉ ଷ୍ଟିଲ ସିଟି ନୁହେଁ ସ୍ପୋର୍ଟସ ସିଟି ଭାବେ ପରିଚୟ ପାଇବ । ଯଦି ଏହା ହୁଏ ତେବେ ତାର ଆଗାମୀ ଦିନର କାର୍ଯ୍ୟକ୍ରମର ରୁପରେଖ ଗୁଡିକ କଣ, କିଭଳି ଏହି ଷ୍ଟାଡିୟମ ବ୍ୟବହାର ହେବ ତାହା ସ୍ପଷ୍ଟ କିଏ କରିବ ବୋଲି ପ୍ରଶ୍ନ ହୋଇଛି । ତେବେ ଗୋଟାଏ କଥା ଏଠାରେ ତିଆରି ହୋଇଥିବା ଆଲିସାନ ବଙ୍ଗଳା ଗୁଡିକ ନିଶ୍ଚୟ ଉନ୍ନତମାନର । ମୁଖ୍ୟମନ୍ତ୍ରୀ, ଫାଇଭ-ଟି ସଚିବଙ୍କ ସମେତ ବହୁ ଭିଭିଆଇପି ଏହା ଭିତରେ ରହିସାରିଥିବାରୁ ଆଗାମୀ ଦିନରେ ରାଜ୍ୟ ସରକାରଙ୍କର ଏହି ବଙ୍ଗଳା ଗୁଡିକ ଅତିଥିଭବନ ଭାବେ ବ୍ୟବହାର ହୋଇପାରିବ ବୋଲି କୁହାଯାଉଛି । କାରଣ ରାଜ୍ୟରୁ ଆସୁଥିବା ଭିଭିଆଇପି ମାନେ ସବୁବେଳେ ଆରଏସପିର ଅତିଥିଭବନ ଉପରେ ନିର୍ଭର କରୁଥିଲେ, ତେଣୁ ଏହାକୁ ସରକାର ସେ ଦିଗରେ ବ୍ୟବହାର କରିପାରନ୍ତି ଓ ଏଥିଲାଗି କିଚେନ ବ୍ୟବସ୍ଥାକୁ ଉନ୍ନତ କରାଯାଇପାରିଲେ ନିଶ୍ଚୟ ଏହାର ସରକାରଙ୍କର ନମ୍ବର ୧ ଅତିଥି ଭବନ ହୋଇପାରିବ । ତେବେ ଏହାକୁ ନେଇ ଲାଗି ରହିଥିବା ଖେଳ ପଡିଆ (ଷ୍ଟାଡିୟମ) କଣ ହେବ, କେତେ ଦିନ ଏଠି କେଉଁ ଧରଣର ଖେଳ ହେବ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି । ଏହାସହ ଯୋଡି ହୋଇଥିବା ବିମାନ ବନ୍ଦର ଯଦି ନିୟମିତ ଚାଲେ, ତେବେ ଏହି ଷ୍ଟାଡିୟମରେ ପୁଣି ଜାତୀୟ ଆର୍ନ୍ତଜାତୀୟ ସ୍ତରର ଖେଳ ହୋଇପାରିବ ଓ ଏହାର ନିର୍ମାଣ ଦିଗଟି ସାକାର ହେବ । ସେହିଭଳି ଏଠାରେ ହୋଇଥିବା ବିମାନ ସେବା ନିୟମିତ ହୋଇଛି ବିଶ୍ୱକପ ଖେଳ ସମୟରେ । କାରଣ ଏହି ଷ୍ଟାଡିୟମ ସହ ବିମାନ ସେବାର ସଂପର୍କ ନିହାତି ଜରୁରୀ । କଳିଙ୍ଗ ଷ୍ଟାଡିୟମ ଭୁବନେଶ୍ୱରରେ ଜାତୀୟ ଆର୍ନ୍ତଜାତୀୟ ସ୍ତରର ଖେଳ ହୋଇପାରୁଛି, କାରଣ ସେଠି ନିୟମିତ ବିମାନ ବ୍ୟବସ୍ଥା ରହିଛି, ତେଣୁ କୌଣସି ସମସ୍ୟା ନାହିଁ । ସରକାର ରାଉରକେଲାର ବିମାନ ବ୍ୟବସ୍ଥାକୁ ଅଧିକ ସରଳ ସୁଦୃଢ କରାଇପାରିଲେ ଏହି ଷ୍ଟାଡିୟମ ସହ ସହରର ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟୀକ ଉନ୍ନତି ହୋଇପାରିବା ସହ ସହରଟି ଅଧିକ ଚଳଚଂଚଳ ରହିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

# ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ୍) ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗୀର, ୨୩/୦୧ (ନି.ପ୍ର): ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ୍) ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ କଦଳିମୁଣ୍ଡା ନର୍ସରୀ ବଲାଙ୍ଗିର ଠାରେ ଶିତୋଷ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଥମିକ ଶିକ୍ଷକଙ୍କ ୩ ଦଫା ଦାବି ଯଥା ଶିକ୍ଷା ସହାୟକର ୬ ବର୍ଷ କାର୍ଯ୍ୟକାଳ କୁ ମୂଳ ଚାକିରି ରେ ଗଣନା ସହ ୬ଟି ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ, ଅବିକଳ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ନୂତନ ପେନସନ ବ୍ୟବସ୍ଥାକୁ ଉଚ୍ଛେଦ କରି ପୁରୁଣା ପେନସନକୁ ପୁନଃ ପ୍ରଚଳନ କରିବା ଇତ୍ୟାଦି ଘୋଷଣା ସମ୍ପର୍କରେ ସରକାରଙ୍କ ଅସ୍ପଷ୍ଟ ନିତିକୁ ବୈଠକରେ ଦୃଢ ନିନ୍ଦା କରାଯାଇଥିଲା । ପ୍ରକାଶ ଥାଉକି ଗତ ୨୭.୧୧.୨୦୨୨ ତାରିଖ ଠାରୁ ୪ ଦିନ ଧରି ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ (ୟୁପିଟିଏଫ୍) ୩ ଦଫା ଦାବି ନେଇ ଲୋୟର ପିଏମ୍‌ଜି ଠାରେ ଦେଢ ଲକ୍ଷ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇ ଥିଲେ । ସରକାରଙ୍କ ଲିଖିତ ପ୍ରତିଶୃତି କୁ ଆଲୋଚନା ପରେ ମହାସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା । ସରକାରଙ୍କ ପ୍ରତିନିଧି ତଥା ମୁଖ୍ୟ ଶାସନ ସଚିବ ଦାବି ପୂରଣ ସପକ୍ଷରେ ୨୧.୧୨.୨୦୨୨ ରେ ଉଚ୍ଚ ସ୍ତରୀୟ କମିଟି ଏବଂ ୨୯.୧୨.୨୦୨୨ ରିଖରେ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ସହ ବିସ୍ତୃତ ଆଲୋଚନା କରି ଶିଘ୍ର ଦାବି ପୁରଣ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ଏହାରି ଭିତରେ ସରକାର କୌଣସି ନିର୍ଦ୍ଦିଷ୍ଟ ଘୋଷଣା ନ କରି ତାରିଖ ପରେ ତାରିଖ ଗଡାଇ ଚାଲିଥିବାରୁ ଓଡିଶା ଦେଢ ଲକ୍ଷ ଶିକ୍ଷକଙ୍କର ପୁଞ୍ଜିଭୁତ ଅସନ୍ତୋଷ ଦେଖାଯାଇଛି । ଉପରୋକ୍ତ ୩ ଦଫା ଦାବିକୁ ଆଗାମୀ ବାର୍ଷିକ ବଜେଟ ପ୍ରସ୍ତୁତି ପୂର୍ବରୁ ସରକାର ଅତିଶିଘ୍ର ଘୋଷଣା କରିବାକୁ ବୈଠକରେ ଦୃଢ ଦାବି କରାଯାଇଥିଲା ।

# ମହାନ ଲୋକନାଟ୍ୟ ଦଣ୍ଡ ସମାଜର ଜିଲ୍ଲା ଜାଗରଣ ମଂଚ ପକ୍ଷରୁ ଚିନ୍ତନ ବୈଠକ ଅନୁଷ୍ଠିତ

କନ୍ଧମାଳ, ୨୩/୦୧ (ନି.ପ୍ର): ଫୁଲବାଣୀ ସଦର ମହକୁମା ହାଟପଦା ସ୍ଥାନୀୟ ମାଁ ନାରାୟଣୀ ଯାତ୍ରା ପଡ଼ିଆ ସ୍ଥିତ ସମ୍ମିଳନୀ କକ୍ଷରେ ଜାଗରଣ ମଂଚ ଆବାହକ ପରେଶ ମହାପାତ୍ରଙ୍କର ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନବୀନ କିଶୋର ପଣ୍ଡା ଅଧକ୍ଷତା କରିଥିଲେ । ଆୟୋଜିତ ବୈଠକରେ ଜାଗରଣ ମଂଚର ନୂତନ କର୍ମକର୍ତା ଚୟନ କରାଯାଇଥିବା ବେଳେ ଆସନ୍ତା ଫେବୃଆରୀ ୨୧,୨୨ ଦୁଇ ଦିନ ଧରି କନ୍ଧମାଳ, ବୌଦ୍ଧ ଓ ଦଶପଲ୍ଲା ଅଂଚଳ ଦଣ୍ଡ ସମାଜର ସମସ୍ତ କର୍ମକର୍ତାଙ୍କର ସହଯୋଗରେ ଚତୁର୍ଥ ଚିନ୍ତନ ବୈଠକ ଫୁଲବାଣୀ ଠାରେ ଅନୁଷ୍ଠିତ ହେବା ନିମନ୍ତେ ବୈଠକରେ ନିଷ୍ପତି ହୋଇଥିଲା । ଆଗାମୀ ଦିନରେ ହେବାକୁ ଥିବା ଚିନ୍ତନ ବୈଠକରେ ସମସ୍ତ ଅଂଚଳରେ ଶିକ୍ଷାର ଉନ୍ନତି ଓ ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି କରିବା । ଗୋମାତାଙ୍କ ଦ୍ୱାରା ଜୈବିକ କୃଷିର ଉନ୍ନତି, ଗୋମାତାଙ୍କର ଆଧାତ୍ମିକ ଦିଗ ପ୍ରତି ଆଲୋକପାତ କରିବା, ଗୋମାତା ପ୍ରତି ଶ୍ରଦ୍ଧା ସମ୍ମାନକୁ ପୁନଃରୁଦ୍ଧାର କରିବା । ସଂସ୍କୃତି ପରମ୍ପରା ବିଜ୍ଞାନ ସମ୍ମତ କାରଣଗୁଡ଼ିକ ଜାଣିବା ନିମନ୍ତେ ଆଗ୍ରହ ସୃଷ୍ଟି କରିବା । ସମାଜ ରେ ପ୍ରଚଳିତ କୁ ସଂସ୍କାର ଅନ୍ଧ ବିଶ୍ୱାସ କୁ ଦୂର କରାଯିବା । ପରିବେଶ ସୁରକ୍ଷା ପ୍ରତି ଚିନ୍ତା କରାଯିବା । ଏହା ସହିତ ଦଣ୍ଡୁଆମାନଙ୍କୁ କଳାକାର ଭତା ପ୍ରଦାନ କରିବା, କାମନା ଘରର ଉନ୍ନତି ପାଇଁ ସରକାରୀ ସାହାର୍ଯ୍ୟ ପାଇଁ ଦାବୀ କରିବା, ଦଣ୍ଡ ସମୟରେ ଦଣ୍ଡୁଆମାନଙ୍କର ଦୁର୍ଘଟଣା ଜନିତ ମୃତ୍ୟୁ ହେଲେ ଆର୍ଥିକ ସହାୟତା ୫ ଲକ୍ଷ ଟଙ୍କା ଦାବୀ କରିବା ପାଇଁ ନିଷ୍ପତି ହୋଇଥିଲା । ଫୁଲବାଣୀ ସହର ଦେଇ ଯାଇଥିବା ରାଜପଥ ନିମନ୍ତେ ଫୁଲବାଣୀ କେନ୍ଦ୍ରୀୟ ବିଦ୍ୟାଳୟ ପଛ ପଟ ଠାରୁ କଲାଡି କୁ ପର୍ଯ୍ୟନ୍ତ ଏକ ବାଇପାସ ରାସ୍ତା ନିର୍ମାଣ କରିବା ପାଇଁ ଜାଗରଣ ମଂଚ ବହୁଦିନରୁ ଦାବୀ କିରି ଆସୁଛି । ହେଲେ ପ୍ରଶାସନ କର୍ଣ୍ଣପାତ କରୁ ନାହାନ୍ତି । ସେହି ଦିନ ସେହି ଦାବି କୁ ଦହରାଇ ଜିଲ୍ଲାପାଳ ଭେଟି ଦାବିପତ୍ର ପ୍ରଦାନ କରିବା ସହ ସମସ୍ତ ଦାବୀ ପୂରଣ ନିମନ୍ତେ ଆନ୍ଦୋଳନ କରାଯିବା ନିମନ୍ତେ ନିଷ୍ପତି ହୋଇଥିଲା । ଉକ୍ତ ବୈଠକରେ ଜାଗରଣ ମଂଚର ନୂତନ କର୍ମକର୍ତା ଚୟନ ହୋଇଥିବା ରୁ ସର୍ବସମ୍ମତି କ୍ରମେ ସଭାପତି ଭାବେ ଶେଷଦେ୍ୱ ଜାନୀ ମନୋନୀତ ହୋଇଥିବା ବେଳେ ଉପସଭାପତି ଭାବେ ବିକାଶ ମହାନ୍ତି,ବ୍ରଜ କିଶୋର ପଟ୍ଟନାୟକ, ନବୀନ କୁମାର ସାହୁ,ବଂଶୀଧର ପଣ୍ଡା,ମହୋନ ପ୍ରଧାନ, ସମ୍ପାଦକ ଭାବେ ଭି ସୁବ୍ରମନ୍ୟମ ଦାସ,ଆଂଚଳିକ ସମ୍ପାଦକ ଭାବେ କିଶୋର ଚନ୍ଦ୍ର କହଁର,ନିରଞ୍ଜନ ମହାନ୍ତି, ଶ୍ରୀଧର ପୃଷ୍ଟି,ଅଶୋକ ପାଳ,ନୃସିଂହ କାର୍ଜି ମନୋନୀତ ହୋଇଥିବା ବେଳେ ଯୁଗ୍ମ ସମ୍ପାଦକ ଭାବେ ସୁବାସ ବିସି ମାଝୀ, ରବି ଚନ୍ଦ୍ର ଲହରିଆ,କୋଷାଧକ୍ଷ ଭାବେ ସନ୍ତୋଷ ପଣ୍ଡା ,ସଙ୍ଗଠନ ସମ୍ପାଦକ ଭାବେ ନିରଞ୍ଜନ ସାହୁ,ସରୋଜ ପଟ୍ଟନାୟକ,ବିପିନି ଚନ୍ଦ୍ର ପାତ୍ର,ହିସାବ ରକ୍ଷକ ଭାବେ ରାଜ କିଶୋର ପାଢ଼ୀ ମନୋନୀତ ହୋଇଥିବା ବେଳେ ଉପଦେଷ୍ଟା ମଣ୍ଡଳୀ ଭାବେ ନବୀନ କିଶୋର ପଣ୍ଡା,ନାରାୟଣ ସାହୁ,ରମେଶ ଚନ୍ଦ୍ର ମହାନ୍ତି, ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ । ଉକ୍ତ ବୈଠକରେ ସଂସ୍କୃତି ଓ ପରମ୍ପରା ର ରକ୍ଷା ନିମନ୍ତେ ଦଣ୍ଡନାଚ ଭଳି ଏକ ମହାନ କାର୍ଯ୍ୟକ୍ରମ କରୁଥିବା କନ୍ଧମାଳ, ଦଶପଲ୍ଲା, ବୌଦ୍ଧ ଅଂଚଳ ଦଣ୍ଡ ସମାଜର କର୍ମକର୍ତାମାନେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

# ଶ୍ରୀଅନୁକୂଳ ଚନ୍ଦ୍ରଙ୍କ ୧୩୫ତମ ଆବିର୍ଭାବ ଦିବସ ଉତ୍ସବ

ଜଳେଶ୍ୱର,୨୩/୦୧ (ନି.ପ୍ର): ଜନଜୀବନରେ ବହୁ ସମସ୍ୟା ଦେଖା ଦେଉଥିବା ବେଳେ ଦିବ୍ୟ ଓ ଆଧ୍ୟାତ୍ମୀକ ଜ୍ଞାନ ସମସ୍ତଙ୍କୁ ସେଥିରୁ ନିବୃତ କରିଥାଏ । ତେଣୁ ଗୁରୁର ଆବଶ୍ୟକତା ଅଧିକ ବୋଲି ଆଜି ଜଳେଶ୍ୱରର ସତ୍‌ସଙ୍ଗ ବିହାରରେ ଆୟୋଜିତ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ୧୩୫ତମ ଆବିର୍ଭାବ ଦିବସ, ବାର୍ଷିକ ଉତ୍ସବ ଓ ମନ୍ଦିର ପ୍ରତିଷ୍ଠାର ୧୪ତମ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ସତ୍‌ସଙ୍ଗ ବିହାର ପରିସରରେ ଆୟୋଜିତ ଉତ୍ସବ ଚଳିତବର୍ଷ ଆଜି ଅନୁଷ୍ଠିତ ହୋଇଛି । ଏଥିରେ ଦେଓଘରର ସହ ସଂପାଦକ ଡ. ବିନାୟକ ମହାପାତ୍ର ଅଧ୍ୟକ୍ଷତା କରି ସାମ୍ପ୍ରତିକ ସଭାଯାତ୍ରାରେ ହେଉଥିବା ଶୋଭାଯାତ୍ରାରେ ମାର୍ମିକ ଓ ଧର୍ମିକ ଚେତନତାର ଶୋଭାଯାତ୍ରା ଦ୍ୱାରା ସମାଜରେ ଅଧିକ ସଚେତନତା ସୃଷ୍ଟି ହୋଇଥାଏ । ଅତୃପ୍ତି ହିଁ ଧର୍ମ ଯେତେ ମିଳିଲେ ବି ଅଧିକ ପାଇବାର ଉଚ୍ଛା ମଣିଷର ଥିବା ବେଳେ ଭଗବାନ ସମସ୍ତ ତୃପ୍ତି ଦେବାରେ ବାଧକ ହୁଅନ୍ତି । ଫଳରେ ତାର ସାଧନା ଅଧିକ ଉଚ୍ଚତର ହୋଇଥାଏ ବୋଲି କହିଥିଲେ । ଉଦ୍‌ଘାଟକ ଭାବେ ଡ. ବିଜୟ କୁମାର ନାୟକ ଯୋଗ ଦେଇ ଦୃଢ଼ ଆତ୍ମ ବିଶ୍ୱାସ ଓ ସାଧନା ଦ୍ୱାରା ଆଧ୍ୟାତ୍ମିକ ଚିନ୍ତା ଚେତନତାକୁ ଓଟାରି ଅଣାଯାଇପାରେ ବୋଲି ଶ୍ରୀ ଅନୁକୂଳ ଚନ୍ଦ୍ର ପ୍ରମାଣ କରି ଦେଖାଇଛନ୍ତି ବୋଲି କହିଥିଲେ । ମୁଖ୍ୟ ଅତିଥିଭାବେ ଦେଓଘରର ଅନ୍ୟତମ ମୁଖ୍ୟ ଦିପାନନ୍ଦ ପ୍ରଦାନ ଯୋଗ ଦେଇ ଜୀବନର ଗତିପଥରେ ବହୁ ସମସ୍ୟା ଆସୁଥିଲେ ମଧ୍ୟ ଆଧ୍ୟାତ୍ମିକ ଜ୍ଞାନ ଓ ସାଧନା ସହିତ ସଦ୍‌ଗୁରୁଙ୍କ ଆର୍ଶିବାଦ ଅଗ୍ରସର ହେବାକୁ ଶକ୍ତି ଯୋଗାଇଥାଏ ବୋଲି କହିଥିଲେ । ବିଶିଷ୍ଟ ଅତିଥିଭାବେ ଦେଓଘରର ଶ୍ରୀଧର ସୁନ୍ଦର ମିଶ୍ର, ଦୀଘାର ଦିଲ୍ଲିପ କୁମାର ପ୍ରଧାନ ଯୋଗ ଦେଇ ଭଜନ, ଭୋଜନ, ଯାଜନ ଓ ଦୀକ୍ଷା ଆଧ୍ୟାତ୍ମିକତାରେ ପୂର୍ଣ୍ଣତା ଆଣିଥାଏ ବୋଲି କହିଥିଲେ । ସତ୍‌ସଙ୍ଗ ବିହାରର ଅନ୍ୟତମ ମୁଖ୍ୟ କେଦାରନାଥ ମହାନ୍ତି ପ୍ରାରମ୍ଭୀକ ଉଦ୍‌ବୋଧନ ଓ ଧନ୍ୟବାଦ ଦେଇ ଜଳେଶ୍ୱରରେ ୧୪ବର୍ଷ ଧରି ମନ୍ଦିର ପ୍ରତିଷ୍ଠାର ଏବଂ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ଆବିର୍ଭାବର ବାର୍ଷିକ ଉତ୍ସବ ପାଳନ କରି ଆସୁଥିବା ବେଳେ ସମଗ୍ର ଉତ୍ତର ବାଲେଶ୍ୱର ଓ ଦକ୍ଷିଣ ମେଦିନୀପୁର ଜିଲା ଆଧ୍ୟାତ୍ମୀକ ବାତାବରଣ ଆଣିବାରେ ସକ୍ଷମ ହୋଇଛି ବୋଲି କହିଥିଲେ । କ୍ଷତିଶ ଭାଇଙ୍କ ସଂଗିତାଞ୍ଜଳୀ ଓ ବିଷ୍ଣୁ ଭାଇଙ୍କ ପାଲା ପରିବେଷଣରେ ପ୍ରାୟ ୨୦ ହଜାର ଶ୍ରଦ୍ଧାଳୁ ଭକ୍ତାମୃତ ରସପାନ କରିଥିଲେ । ଏକ ବିରାଟ ଧାର୍ମିକ ଶୋଭାଯାତ୍ରା ଡାକବଙ୍ଗଳାରୁ ବାହାରି ସତ୍‌ସଙ୍ଗ ବିହାର ପର୍ଯ୍ୟନ୍ତ ଯାଇଥିଲା ।

# ଅମିତାଭ ମିଶ୍ରଙ୍କ ସ୍ମୃତିରେ ଏମକେସି ପୁସ୍ତକ ଲୋକାର୍ପିତ



ବାରିପଦା,୨୩/୦୧ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ, କଂଟାପାଳର ପ୍ରଧାନଶିକ୍ଷକ ଅମିତାଭ ମିଶ୍ରଙ୍କ ଲିଖିତ ପୁସ୍ତକ ସ୍ମୃତିରେ ଏମକେସି ଲୋକାର୍ପିତ ହୋଇଯାଇଛି । ଶ୍ରୀ ମିଶ୍ର ଙ୍କର ଏମକେସି ହାଇସ୍କୁଲରେ ପନ୍ଦର ବର୍ଷର ରହଣି ମଧ୍ୟରେ ସେ ସାଉଁଟିଥିବା କିଛି ସ୍ମୃତି ଓ ବିରଳ ସ୍ଥିରଚିତ୍ର ପୁସ୍ତକରେ ସ୍ଥାନିତ ହୋଇଛି । ପୁସ୍ତକର ପ୍ରକାଶନ ଦାୟିତ୍ୱ ମୟୂରଭଂଜ ସାହିତ୍ୟ ଏକାଡେମୀ ବହନ କରିଛନ୍ତି । ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ଼ଃ ସରୋଜ ନାୟକ, ଅଧ୍ୟାପକ ସମରେନ୍ଦ୍ର କୁମାର ବସା, ସାହିତ୍ୟିକ ଇଂ ମାନସ ଷଡଙ୍ଗୀ, ଅଧ୍ୟାପକ ଅଶୋକ କୁମାର ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁସ୍ତକଟିକୁ ଲୋକାର୍ପଣ କରିଥିଲେ । ଶ୍ରୀ ମିଶ୍ର ଙ୍କ ଲିଖିତ ଅନ୍ୟାନ୍ୟ ପୁସ୍ତକ ଭଳି ଏହି ପୁସ୍ତକଟି ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି କୁହାଯାଇଛି ।

# ରୋଟାରୀ କ୍ଲବର 'କିଡଫେଷ୍ଟ-୨୦୨୩' ଉଦ୍‌ଯାପିତ

ବାଲେଶ୍ୱର,୨୩/୦୧ (ନି.ପ୍ର): ବାଲେଶ୍ୱର ରୋଟାରୀ କ୍ଲବ ଓ ରୋଟ୍ରାକ୍ଟ କ୍ଲବର ମିଳିତ ସହଯୋଗରେ ସ୍ଥାନୀୟ ଟାଉନ ହଲରେ ଚାଲିଥିବା ଦୁଇଦିନିଆ ଶିଶୁ ମହୋତ୍ସବ 'କିଡଫେଷ୍ଟ-୨୦୨୩'ରବିବାର ସଂଧ୍ୟାରେ ଉଦଯାପିତ ହୋଇଯାଇଛି । ଏଥିରେ ଶିଶୁମାନଙ୍କ ମଧ୍ୟରେ ନାଚ, ଗୀତ, କୌତୁକିଆ ପୋଷାକ, ଚିତ୍ରାଙ୍କନ, ତର୍କ, ଭାଷଣ, ପୋଷ୍ଟର ତିଆରି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦିବସରେ ପୌରାଧ୍ୟକ୍ଷା ସବିତା ସାହୁ ଏହି ଶିଶୁ ଉତ୍ସବକୁ ଉଦଘାଟନ କରଥିବା ବେଳେ କାଉନସିଲର ସଞ୍ଜୀବ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରବିବାର ଉଦଯାପନ ସଂଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶରେ ଏହି ଉତ୍ସବ ବେଶ ସହାୟକ ହୋଇପାରିଛି ବୋଲି ମତ ପ୍ରକାଶ କରିଥିଷଲ । ଅନ୍ୟତମ ଅତିଥି ଭାବେ ଯୁବନେତା ବିକ୍ରମ ପଣ୍ଡା ଯୋଗଦେଇ ଶିଶୁମାନଙ୍କୁ ନେଇ ଆୟୋଜିତ ଏହି ଉତ୍ସବ ଅନ୍ୟମାନଙ୍କ ପାଇଁ ଉଦହାରଣ ହୋଇପାରିଛି ବୋଲି କହିଥିଲେ । ବିଭିନ୍ନ ବିଭାଗ ପ୍ରତିଯୋଗିତାରେ କୃତିତ୍ୱ ପ୍ରଦର୍ଶନ କରିଥିବା ଶିଶୁଙ୍କୁ ଏହି ଅବସରରେ ଅତିଥିମାନେ ପୁରସ୍କୃତ କରିଥିଲେ । ରୋଟାରିଆନ ଡ. ଶ୍ରୀମାନ ଶ୍ରୀଚନ୍ଦନ ଉଦଯାପନ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ରୋଟାରୀ ଇନର ହୁଇଲ କ୍ଲବ ସଭାପତି ସିପ୍ରାରେଖା ମହାପାତ୍ର, ରୋଟ୍ରାକ୍ଟ କ୍ଲବ ସଭାପତି ପ୍ରଭୁଜ୍ୟୋତି ମହାପାତ୍ର, ସମ୍ପାଦକ ବିରଜା ପ୍ରସାଦ ଦାସ ଓ ଚେୟାରମ୍ୟାନ ଶାଶ୍ୱତ ଜୈନ, ରୋଟାରିଆନ ପ୍ରଫେସର ଶାନ୍ତନୁ ପାଣି, ଡ. ମାତୃଦତ୍ତ ଦାସ, ସିଏ ପ୍ରଦୀପ୍ତ କୁମାର ପଣ୍ଡା ପ୍ରମୁଖ ଏଥିରେ ମଞ୍ଚାସୀନ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ବିବାହକୁ ନେଇ ଚର୍ଚ୍ଚାରେ....

କୌଣସି ମୁହୂର୍ତରେ ବିବାହ କରିବାକୁ ଯୋଜନା କରୁଛନ୍ତି କି ? ଜବାବରେ ରାହୁଲ କହିଥିଲେ, ସଠିକ୍ ଜୀବନସାଥୀ ମିଳିଲେ, ନିଶ୍ଚୟ ବିବାହ କରିବି । ବିବାହ ପାଇଁ କୌଣସି ମାନଦଣ୍ଡ ଥିବା ପ୍ରଶ୍ନରେ ରାହୁଲ କହିଥିଲେ, ବିବାହ ପାଇଁ ଜଣେ ବୁଦ୍ଧିମାନ ବ୍ୟକ୍ତି ଦରକାର, ଯିଏ ସମସ୍ତଙ୍କୁ ସ୍ନେହ କରୁଥିବ । ଏହା ପୂର୍ବରୁ ମଧ ରାହୁଲ ତାଙ୍କ ବିବାହକୁ ନେଇ ବୟାନ ଦେଇସାରିଛନ୍ତି । ଡିସେମ୍ବରରେ ଏକ ୟୁଟ୍ୟୁବ ଚ୍ୟାନେଲକୁ ଦେଇଥିବା ସାକ୍ଷାତକାରରେ ରାହୁଲ ଗାନ୍ଧୀ କହିଥିଲେ ଯେ ମା' ସୋନିଆ ଗାନ୍ଧୀ ଓ ଜେଜେମା' ଇନ୍ଦିରା ଗାନ୍ଧୀଙ୍କ ଗୁଣ ଥିବା ଝିଅ ତାଙ୍କର ଜୀବନସାଥୀ ହୋଇପାରିବେ । ବର୍ତମାନ ରାହୁଲ ଗାନ୍ଧୀ ଜମ୍ମୁ-କାଶ୍ମୀରରେ ଭାରତ ଯୋଡ଼ରେ ସାମିଲ ଅଛନ୍ତି ।

## ଏଥର ଖଣ୍ଡଗିରିରେ ହୋଇପାରିବନି ....

ସ୍ୱର୍ଣ୍ଣମନ୍ଦିରରେ ନଜର ଆସିବେ ରାଣୀ ପଣ୍ଡା । ଘୋଡା ହାତୀ ଗଣ୍ଡାଗଣ୍ଡା, ପୁଲିସ ପୁଲିଶାସନ ଅଶ୍ଳୀଳ ନୃତ୍ୟ ପରିବେଷଣ ଉପରେ ଏଥର କଡା ନଜର ରଖିବ ବୋଲି ଜଣାଯାଇଛି । ଏଥର ଦୁଇବର୍ଷ ପରେ ଖଣ୍ଡଗିରି ଯାତ୍ରା ହେଉଥିବାକୁ ପ୍ରବଳ ଭିଡ ହେବା ଅନୁମାନ କରାଯାଉଛି । ବଡ ବଡ ପାର୍ଟି ଯାତ୍ରାକୁ ଆସିବାକୁ ଥିବାରୁ ପୁରା ନଜର ରଖିଛି ପ୍ରଶାସନ ।

## ଆର୍ଥିକ ସଙ୍କଟ ମଧ୍ୟରେ ବେହାଲ....

ପହଞ୍ଚିଛି, ସେତେବେଳେ ଏହି ବିଜୁଳି ସଙ୍କଟ ଲୋକଙ୍କ ପାଇଁ ବୋଝ ଉପରେ ନଳିତାବିଡା ପାଲଟିଛି । ପାକିସ୍ତାନ ରାଜଧାନୀ ଇସଲାମାବାଦ, କରାଚି, ଲାହୋର ସମତେ ଅନେକ ଅଞ୍ଚଳରେ ଏବେ ବିଦ୍ୟୁତ୍ ନାହିଁ । କେବଳ ସେତିକି ନୁହେଁ କ୍ୱେଟା ସମେତ ବାଲୁଚିସ୍ତାନର ୨୨ ଜିଲ୍ଲାରେ ବି ବିଦ୍ୟୁତ୍ ସଙ୍କଟ ଦେଖାଦେଇଛି । ବିଦ୍ୟୁତ୍ ସରବରାହ ଠପ୍ ହୋଇଥିବା ଯୋଗୁଁ ମେଟ୍ରୋ ସେବା ପ୍ରଭାବିତ ହୋଇଛି । ଯାହାଫଳରେ ଯାତ୍ରୀ ମାନଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି । ସେହିପରି ଇସଲାମବାଦର ବିଦ୍ୟୁତ୍ ଯୋଗାଣ କମ୍ପାନୀର ୧୧୭ଟି ଗ୍ରୀଡ ଯୋଗାଣ ବ୍ୟାହତ ହୋଇ ସମଗ୍ର ସହରକୁ ଅନ୍ଧାରରେ ବୁଡାଇଛି । ସରକାରଙ୍କ ପକ୍ଷରୁ ଲୋକଙ୍କୁ ପାୱାର ସେଭିଂ କରିବାକୁ ଅନୁରୋଧ କରାଯାଇଛି । ସେହିପରି ସପିଂ ମଲ, ମୁଖ୍ୟ ବଜାର ସମସ୍ତଙ୍କୁ ସମୟ ପୂର୍ବରୁ ରାତି ୮ଟା ଭିତରେ ବନ୍ଦ କରିବାକୁ ଅନୁରୋଧ କରୁଛନ୍ତି ସରକାର । ସେପଟେ ଘଣ୍ଟା ଘଣ୍ଟା ଧରି ଅନ୍ଧାରରେ ରହିବା ପରେ ସୋସିଆଲ ମିଡିଆରେ ଲୋକଙ୍କ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଲୋକେ ସରକାରଙ୍କୁ ଟାର୍ଗେଟ କରି ଦେଶରେ ପାୱାର ସିଷ୍ଟମ ଫେଲ ମାରିଥିବା ନେଇ ବିଭିନ୍ନ ପୋଷ୍ଟ ସୋସିଆଲ ମିଡିଆରେ ଶେୟାର କରିଥିବା ଦେଖିବାକୁ ମିଳିଛି । ପାକିସ୍ତାନ ଏହା ପ୍ରଥମଥର ପାଇଁ ନୁହେଁ, ପୂର୍ବରୁ ମଧ ଅକ୍ଟୋବରରେ ଏକ ବଡ଼ଧରଣର ବିଦ୍ୟୁତ୍ ସଙ୍କଟର ସାମ୍ନା କରିଥିଲା ଦେଶ । ସେତେବେଳେ ଲାହୋର ଓ କରାଚୀ ଦୁଇ ବଡ ସହରରେ ୧୨ ଘଣ୍ଟାରୁ ଅଧିକ ସମୟ ଧରି ବିଦ୍ୟୁତ୍ କାଟ ହେଉଥିଲା ଏବଂ ଅନେକ ଅଞ୍ଚଳ ଅନ୍ଧାରରେ ବୁଡିଥିଲା । ଏବେ ଆର୍ଥିକ ସଙ୍କଟ ଭିତରେ ବିଦ୍ୟୁତ୍ କାଟ୍ ଲୋକଙ୍କୁ ନାହିଁନଥିବା ଅସୁବିଧାରେ ପକାଇଛି ।

## ବଢ଼ିଲା ଭାରତୀୟ ନୌସେନାର....

ଖୁବଶୀଘ୍ର ଚାର୍ଜ କରିଥାଏ । ଆତ୍ମରକ୍ଷା ପାଇଁ ଏଥିରେ ଅତ୍ୟାଧୁନିକ ଟରପିଡୋ ଡିକୟ ସିଷ୍ଟମ ଲଗାଯାଇଛି । ଭାରତ ମହାସାଗରରେ ଚୀନ୍ ନୌସେନାର ଉପସ୍ଥିତି ବଢୁଥିବାରୁ ଆଇଏନଏସ 'ବାଗିର'କୁ ଭାରତୀୟ ନୌସେନାରେ ସାମିଲ୍ କରାଯାଇଛି । ୨୦୧୭ ଡିସେମ୍ବରରେ ପ୍ରଥମ ଆଇଏନଏସ କଲବରୀ ଭାରତୀୟ ନୌସେନାରେ ସାମିଲ ହୋଇଥିଲା । ୨୦୧୯ରେ ଦ୍ୱିତୀୟ ବୁଡ଼ାଜାହାଜ 'ଖଣ୍ଡେରୀ', ୨୦୨୧ ମାର୍ଚ୍ଚରେ ଆଇଏନଏସ 'କରଞ୍ଜ' ଏବଂ ୨୦୨୧ ଡିସେମ୍ବରରେ ଆଇଏନଏସ 'ବେଲା' ନୌସେନାରେ ସାମିଲ ହୋଇଥିଲା । ଷଷ୍ଠ ଓ ଶେଷ ବୁଡ଼ାଜାହାଜ ଚଳିତ ବର୍ଷ ଶେଷରେ ନୌସେନାରେ ସାମିଲ ହେବା ନେଇ ସୂଚନା ରହିଛି ।

## ଆବାସ ତାଲିକାକୁ ନେଇ....

କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଅନ୍ୟପଟେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି, ଯୋଗ୍ୟ ଲୋକ ଘର ପାଇବେ । ବିରୋଧୀ ଯାହା କରୁଛନ୍ତି ତାହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଏବେ ପଞ୍ଚାୟତ ଅଫିସରେ ଲାଗିଛି । ଜାନୁଆରୀ ୧୬ରୁ ୨୪ ପର୍ଯ୍ୟନ୍ତ ଅଭିଯୋଗର ଅବଧି ରହିଛି । ଲୋକମାନ ଅଭିଯୋଗ ବାକ୍ସରେ ଏ ନେଇ ନିଜ ଅଭିଯୋଗ କରୁଛନ୍ତି । ବହୁ ଅଯୋଗ୍ୟ ବ୍ୟକ୍ତିଙ୍କ ନାଁ ସମ୍ଭାବ୍ୟ ତାଲିକାରେ ଥିବାରୁ, ଏହାକୁ ନେଇ ବିଭିନ୍ନ ଅଞ୍ଚଳରେ ଅସନ୍ତୋଷ ତେଜିବାରେ ଲାଗିଛି ।

# ବିଭିନ୍ନ ସ୍ଥାନରେ ନେତାଜୀ ଜୟନ୍ତୀ ପାଳିତ



ଜଳେଶ୍ୱର ୨୩/୧(ନି.ପ୍ର): ଜଳେଶ୍ୱର ଶିଶୁ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ନେତାଜୀ ଜୟନ୍ତୀ ଉତ୍ସବରେ ଭାଗବତ ପରିଡା ଅଧ୍ୟକ୍ଷତା କରିଥିଲେ । କ୍ଷେତ୍ରସନବଜାର ଠାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଡ. ଶ୍ରୀକାନ୍ତ ଚରଣ ପାତ୍ର, ମୁଖ୍ୟବକ୍ତାଭାବେ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ, ଜ୍ୟୋତିଷ କର ପ୍ରମୁଖ ଯୋଗ ଦେଇ ନେତାଜୀଙ୍କ ଜୀବନାଦର୍ଶ ସଂପର୍କରେ ବର୍ଣ୍ଣନା କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ଜଳେଶ୍ୱର ଶିଶୁସାହିତ୍ୟର ମୁଖ୍ୟ ସ୍ୱର୍ଗତ ଡ. ଲକ୍ଷ୍ମଣ ଜେନାଙ୍କ ୭୮ତମ ଜନ୍ମ ଜୟନ୍ତୀ ମଧ୍ୟ ପାଳିତ ହୋଇଥିଲା । ଏଥିରେ ତାଙ୍କ ପରିବାରବର୍ଗ, ବନ୍ଧୁବାନ୍ଧବ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଧିର ଚନ୍ଦ୍ର ଦାସ, ବ୍ରଜେନ୍ଦ୍ରନାଥ ଗିରି, ବଳରାମ ଓଝା, ଚନ୍ଦ୍ରକାନ୍ତି ଜେନା, ପ୍ରମିଳା ଜେନା, ଆଶାଲତା ପ୍ରଧାନ, ବେଣୁଧର କାମିଲା, ଶଶିକାନ୍ତ ଜେନା, ଝାଡେଶ୍ୱର ବ୍ରହ୍ମ, ଗୋପବଂଧୁ ପାତ୍ରୟ ପ୍ରମୁଖ କ୍ରାନ୍ତିବୀର ସୁଭାଷ ବୋଷ ଓ ଡ. ଲକ୍ଷ୍ମଣ ଜେନାଙ୍କ ଗୁଣ କୀର୍ତ୍ତନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ସେହିପରି ବିଜେପି ପକ୍ଷରୁ ନଛିମପୁର ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୬ତମ ଜୟନ୍ତୀ ପାଳିତ ହୋଇଛି । ବିଜେପି ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ମଣ୍ଡଳ କାର୍ଯ୍ୟକାରୀ ସଭାପତି ତନ୍ମୟ ଚନ୍ଦ, ଦେବ ଜେନା, ରିଙ୍କୁ ପାତ୍ର, ଗଣେଶ ପାତ୍ର, ସପନ ଦାସ, ଚନ୍ଦନ ପାତ୍ର, ବିକି ଜେନା, ଗୋପାଳ ଦେ, ସଂଜିବ ପ୍ରଧାନ, ଅଶୋକ ଜେନା ଓ ବାପି ଜେନା ପ୍ରମୁଖ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପ୍ରଦାନ କରିଥିଲେ ।

# ନିଶାମୁକ୍ତ ସମାଜ ଗଠନ ସ୍ୱାଧିନତାର ଅନ୍ୟ ଲକ୍ଷ୍ୟ

ଜଳେଶ୍ୱର, ୨୩/୧(ନି.ପ୍ର) : ଆଜି ପବିତ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତୀ ପାଳନ ଅବସରରେ ବିଶ୍ୱାସ ସାମାଜିକ ସଂଗଠନ ଆନୁକୂଲ୍ୟରେ 'ନିଶାକୁ ନା ଓ ମାକୁ ସମ୍ମାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଗୋପୀମୋହନପୁର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ବିଶ୍ୱାସର ସାଧାରଣ ସଂପାଦକ ସଂଗ୍ରାମ କେଶରୀ ପରିଡା ଅଧ୍ୟକ୍ଷତା କରି ସ୍ୱାଗତ ଜଣାଇଥିଲେ । ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତାଭାବେ ଏମ୍.ସି ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋରଂଜନ ଦାସ ଓ ସମ୍ମାନୀତ ଅତିଥିଭାବେ ସାଗରବାଳା ଜେନା ଯୋଗ ଦେଇ ମାଦକଦ୍ରବ୍ୟର ବ୍ୟବହାର ସମାଜରେ ଅଧପତନ ସୃଷ୍ଟି କରୁଥିବାରୁ ସ୍ୱାଧିନତା ବେଳେ ଦେଶର ମନିଷୀମାନେ ପ୍ରଚାର କରିଥିବା ନିଶାକୁ ନାଁ ଓ ମାକୁ ସମ୍ମାନ ଦେବା ସଂପର୍କରେ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ଯୁବକ ଯୁବତୀ ଯୋଗ ଦେଇଥିଲେ । ବିଶ୍ୱାସର ସଦସ୍ୟ ଖଗେନ୍ଦ୍ର ନାୟକ, ସଚିଦାନନ୍ଦ ଦାସ, ସୁଧାଂଶୁ ଜେନା, ଚନ୍ଦନ କୁମାର ସାହୁ, ଜ୍ୟୋତିପ୍ରକାଶ ଦେ, ରାଜେଶ ନାୟକ, ଭଗୀରଥ ଦଳାଇ, ସୁମିତ୍ରା ପରିଡା, ବୁଦ୍ଧିରାମ ମୁଣ୍ଡା, ସରୋଜ ବ୍ରହ୍ମ, ଏମ୍‌ବିକେ ରଶ୍ମିତା ଦେ, ପଦ୍ମିନୀ ହୁଇ, ଗୋବିନ୍ଦ୍ର ପ୍ରମଣିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଯୁବତୀଙ୍କ ମୃତଦେହ ଉଦ୍ଧାର : ହତ୍ୟା ଅଭିଯୋଗରେ ଯୁବକ ଅଟକ

ଖୋର୍ଦ୍ଧା,୨୩/୦୧ (ନି.ପ୍ର): ଖୋର୍ଦ୍ଧା ସଦର ଥାନା ଅର୍ନ୍ତଗତ ଦଧିମାଛଗାଡିଆ ଅଂଚଳରେ ଘରଭଡା ନେଇ ରହୁଥିବା ଜଣେ ଯୁବତୀଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଛି । ମୃତା ହେଲେ ସମ୍ବଲପୁର ଜିଲ୍ଲା ଫୁଲକୁସୁମ ଗ୍ରାମର ସନ୍ତୋଷିନୀ ବେହେରା (୩୧) । ମାତ୍ର ସନ୍ତୋଷିନୀଙ୍କ ପରିବାର ପକ୍ଷରୁ ତାଙ୍କୁ ତାଙ୍କ ପ୍ରେମିକ ହତ୍ୟା କରିଥିବା ନେଇ ଥାନା ରେ ଅଭିଯୋଗ ହୋଇଛି ।

# ପୌର ପରିଷଦ ପକ୍ଷରୁ ନେତାଜୀ ଜୟନ୍ତୀ

ବାଲେଶ୍ୱର,୨୩/୦୧ (ନି.ପ୍ର): ବାଲେଶ୍ୱର ପୌରପରିଷଦ ପକ୍ଷରୁ ବିଶିଷ୍ଟ ଜନନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ ତମ ଜୟନ୍ତୀ ସ୍ଥାନୀୟ ଟାଉନହଲ ପରିସରରେ ପାଳିତ ହୋଇଯାଇଛି । ଟାଉନହଲ ପରିସରରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୌରାଧ୍ୟକ୍ଷା ସବିତା ସାହୁଙ୍କ ସମେତ କାଉନସିଲରମାନେ ପୁଷ୍ପମାଲ୍ୟ ଅର୍ପଣ ସହ ତାଙ୍କୁ ମନେ ପକାଇଥିଲେ । ନେତାଜୀଙ୍କ ନୀତି ଓ ଆଦର୍ଶ ଭାରତର ଯୁବ ସମାଜ ପାଇଁ ସବୁଦିନ ପ୍ରେରଣା ହୋଇ ରହିଥିବ ବୋଲି ପୌରାଧ୍ୟକ୍ଷା ସବିତା ସାହୁ କହିଥିଲେ । କାଉନସିଲର ସଞ୍ଜୀବ ଦାସ, ଅମିତ ନାୟକ, କାର୍ତିକ ସାହୁ, ଅନିନ୍ଧ୍ୟ ପଣ୍ଡା, ରାଧାକୃଷ୍ଣ ଦାସ, ରଞ୍ଜିତା ମହାପାତ୍ର, ସସ୍ମିତା ନାଥ, ଗୌରୀ ଦାଶ, ପ୍ରିତିଲତା ସେଠୀ, ରୋଜାଲିନ ପାଣି ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ ।

# ବ୍ରଜସୁନ୍ଦର ଦାସ ମେମୋରିଆଲ ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ



ବାରିପଦା, ୨୩/୦୧ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ମୟୂରଭଂଜ ଫୁଟବଲର ପ୍ରବାଦ ପୁରୁଷ ସ୍ୱର୍ଗୀୟ ବ୍ରଜ ସୁନ୍ଦର ଦାସଙ୍କ ସ୍ମୃତିରେ ମୟୁରଭଂଜ ଭେଟେରାନ ସ୍ପୋର୍ଟସ ପାର୍ସନ୍ସ ଏସୋସିଏସନ ଆନୁକୂଲ୍ୟରେ ୨୦ ତମ ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଯାଇଛି । ଏ ବର୍ଷ ଏହି ଟୁର୍ଣ୍ଣାମେଂଟରେ ରାଜାବସା, ଶଙ୍ଖାଭଙ୍ଗା, କୁଆବୁଢ଼ା, ଏମ କେ ସି, ଶ୍ରୀପଦଗଂଜ, କୁଜିଡ଼ିହି, ଚାନ୍ଦୁଆ ଏସଏସଡି ଓଜିପି ଉଚ୍ଚ ବିଦ୍ୟାଳୟ ସମେତ ମୋଟ ୮ ଟି ବିଦ୍ୟାଳୟର ଫୁଟବଲ ଦଳ ଅଂଶ ଗ୍ରହଣ କରିଥିଲେ । ଶେଷରେ କୁଜିଡ଼ିହି ଓ ଏମ କେ ସି ଉଚ୍ଚ ବିଦ୍ୟାଳୟ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା ଓ ନିର୍ଦ୍ଧାରିତ ସମୟରେ ଖେଳ ଅମିମାଂଶିତ ହେବାରୁ ଟାଇ ବ୍ରେକର ଜରିଆରେ ଏମ କେ ସି କୁଜିଡ଼ିହି ଉଚ୍ଚ ବିଦ୍ୟାଳୟକୁ ୩-୧ ଗୋଲରେ ପରାସ୍ତ କରି ଚମ୍ପିୟାନ ହୋଇଥିଲେ । ଯଶୋବନ୍ତ ମହାନ୍ତ, ବିଶ୍ୱନାଥ ଦାସ ଓ ଫାଗୁରାମ ହେମ୍ବ୍ରମ ଆଜିର ଖେଳମାନ ପରିଚାଳନା କରିଥିଲେ । ଚମ୍ପିୟାନ ଦଳକୁ ନଗଦ ୩ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସ ଅପ ଦଳକୁ ନଗଦ ୨ ହଜାର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ମୟୁରଭଂଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଭେଟେରାନ ସ୍ପୋର୍ଟସ ପାର୍ସନ୍ସ ଆସୋସିଏସନର ସଭାପତି ଦୀନବନ୍ଧୁ ସିଂହ, ଉପ ସଭାପତି ନିରଂଜନ ସାହୁ, ଜ୍ଞାନ ରଂଜନ ତ୍ରିପାଠୀ, ସମ୍ପାଦକ ବନ ବିହାରୀ ମତଗଜ, କୋଷାଧକ୍ଷ ବିଜୟ କୁମାର ଦାସ (ମଂଟୁ ଦା ), ଯୁଗ୍ମ ସମ୍ପାଦକ ଅମୁଲ୍ୟ କୁମାର ମିଶ୍ର, ସଦସ୍ୟ ରମେଶ ଚନ୍ଦ୍ର ରାଉତ, ସନ୍ଦୀପ ଆଚାର୍ଯ୍ୟ, ପଦ୍ମ ଲୋଚନ ଗିରି, କିଶନ ଲାଲ ସାହା, କମଲ ଗୋସ୍ୱାମୀ ଓ କ୍ରୀଡା ଶିକ୍ଷକ ଦୀପକ ରାମ, ଜିମନାଷ୍ଟିକ କୋଚ ବିନୋଦ ରାମ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ବରିଷ୍ଠ କ୍ରୀଡା ପ୍ରଶିକ୍ଷକ କୁମାର ରଂଜନ ପଣ୍ଡା ଓ ମିଡ଼ିଆ ସଂଯୋଜକ ସୋମନାଥ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବାହାବଳପୁର ଗଙ୍ଗାମାତା ପୂଜା ଉତ୍ସବ ଉଦ୍‌ଯାପିତ



ବସ୍ତା, ୨୩/୦୧ (ନି.ପ୍ର): ମେରାଇନ ଥାନା ବାହାବଳପୁର ମତ୍ସ୍ୟଜୀବି ଓ ମତ୍ସ୍ୟ ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ୮ ଦିନ ବ୍ୟାପୀ ଅନୁଷ୍ଠିତ ଗଙ୍ଗାମାତାଙ୍କ ବାର୍ଷିକ ପୁଜୋତ୍ସବ ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ସଂଘର ସଭାପତି ବିକାଶ ଚନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗ ଦେଇ ବାହାବଳପୁର ଜେଟି ଅଞ୍ଚଳର ଉନ୍ନତି ସହ ମତ୍ସ୍ୟଜୀବି ଓ ମତ୍ସ୍ୟ ବ୍ୟବସାୟୀ ଙ୍କ ଆର୍ଥିକ ମାନଦଣ୍ଡ ସ୍ୱଚ୍ଛଳ ହେବ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ବକ୍ତା ଜିଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ ଜେଟି ସଂଲଗ୍ନ ସମସ୍ତ ପଞ୍ଚାୟତର ବିକାଶ କରାଯିବ ବୋଲି କହିଥିଲେ । ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ସୁନିତା ବେହେରା, ପ୍ରେସ କ୍ଲବ ସଭାପତି ବାଞ୍ଛାନିଧି ଦେ, ପ୍ରାକ୍ତନ ସରପଞ୍ଚ ଗୟାପ୍ରସାଦ ଦାସ, ସରପଞ୍ଚ ରାମ ନାରାୟଣ ଦିବେଦୀ, ସମିତି ସଭ୍ୟ ଗଣେଶ ଚନ୍ଦ୍ର ଜେନା, ଓଆଇସି ସଚ୍ଚିଦାନନ୍ଦ ଗିରି, ଶିକ୍ଷାବିତ ବିଜୟାନନ୍ଦ ସ୍ୱାଇଁ, ସମାଜସେବୀ ଜୟଦେବ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ । ସଂଘ ସମ୍ପାଦକ ଗୋରାଚାନ୍ଦ ଜେନା ବାର୍ଷିକ ବିବରଣୀ ଓ ସ୍ମାରକ ପତ୍ର ପାଠ କରିଥିଲେ । ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ଉଦେଶ୍ୟରେ ନଅ ଦଫା ଦାବୀ ସମ୍ବଳିତ ଏକ ସ୍ମାରକ ପତ୍ର ବିଧାୟକଙ୍କୁ ପ୍ରଦାନ କରାଯାଇଥିଲା । ଯୁଗ୍ମ ସମ୍ପାଦକ ପ୍ରବୀର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉପ ସଭାପତି କାହ୍ନୁଚରଣ ବେରା ଓ ସୁକୁମାର ପାତ୍ର, ସହ ସମ୍ପାଦକ ହେମନ୍ତ କୁମାର ସାହୁ, କୋଷାଧକ୍ଷ ଗୌରାଙ୍ଗ ମଣ୍ଡଳ, ଅଶୋକ କୁମାର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ବାଲେଶ୍ୱରର ବଡି ବିଲଡର ଏସ କେ ଆହେସନ ଅଙ୍ଗ ପ୍ରଦର୍ଶନ କରିଥିଲେ । ପ୍ରତି ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଯାତ୍ରା ପରିବେଷଣ ହୋଇଥିଲା ।

# ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତି ଉପଲକ୍ଷେ ମେଗା ରକ୍ତଦାନ ଶିବିର ସହ ଆଲୋଚନା ଚକ୍ର

ନୀଳଗିରି,୨୩/୦୧ (ନି.ପ୍ର): ନେତାଜୀ ସୁବାଷଚନ୍ଦ୍ର ବୋଷଙ୍କ ୧୨୬ତମ ଜୟନ୍ତି ପାଳନ ଅବସରରେ ରାଜ-ବରହମପୁର ର ପୂଜାପୂଜା ଆନୁକୂଲ୍ୟରେ ସଜନାଗଡ଼ସ୍ଥିତ ଚଣ୍ଡି ହାଇସ୍କୁଲ ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଫିତାକାଟି ଶୁଭ ଉଦ୍‌ଘାଟନ କରିଥିଲେ । ମେଗା ରକ୍ତଦାନ ଶିବିରରେ ମୋଟ ୧୦୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଗଙ୍ଗାଧର ମିଶ୍ର, ରାଜୀବ ଦାସବାବୁ, ବିନୋଦ ମହାନ୍ତି, ସଂଜୟ ନାୟକ, ଉପେନ୍ଦ୍ର ନାୟକ, ରସ୍ମିତା ମହାପାତ୍ର, ଦୀପ୍ତିକାନ୍ତ ଦାସ, ରବନ୍ଦ୍ର ମହାଳିକ, ସୁରତ ସିଂ, ପ୍ରମୁଖ ସହଯୋଗ କରିଥିବା ବେଳେ ମେଗା ରକ୍ତ ଦାନ ଶିବିରରେ ବାଲେଶ୍ୱର ମେଡିକାଲ ଟିମର ଡା. ମହେଶ ବିଶ୍ୱାଳଙ୍କ ନେତୃତ୍ୱରେ ରକ୍ତ ସଂଗ୍ରହ କରାଯାଇଥିଲା । ସେହିପରି ନେତାଜୀ ସୁବାସ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉପଲକ୍ଷେ ସେମାନଙ୍କର ଜୀବନୀ କାହାଣୀ ଉପରେ ଆଲୋଚନା ଚକ୍ର ବରହମପୁର ଓ ମିତ୍ରପୁରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାରନାୟକ ଯୋଗ ଦେଇ ଦୁଇ ମହାପୁରୁଷଙ୍କ ଜୀବନୀଗାଥା ଆଲୋଚନା କରିଥିଲେ । ଏହି ଅବସରରେ ନୀଳଗିରି ମେଡିକାଲର ସମସ୍ତ ରୋଗୀଙ୍କୁ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ନାୟକ କମଳ ଓ ଫଳ ବଂଟନ କରିଥିଲେ ।

# ଅନାହାରରେ ଅଜଣା ବୃଦ୍ଧର ମୃତ୍ୟୁ

ନୀଳଗିରି,୨୩/୦୧ (ନି.ପ୍ର): ଜୈନିକ ଏକ ଅଜଣା ବୃଦ୍ଧ ମୁର୍ମୁଷ ଅବସ୍ଥାରେ ପୋଡ଼ଶୁଳସ୍ଥିତ ସିଟି ସ୍କୁଲ ପାଚେରୀ କଡ଼ରେ ମୁର୍ମୁଷ ଅବସ୍ଥାରେ ଅନାହାରରେ ପଡ଼ି ରହିଥିଲା । ଅଜଣା ବୃଦ୍ଧର ବୟସ ଆନୁମାନିକ ୬୫ବର୍ଷ ହୋଇଥିବା ବେଳେ ଗତ ୨୧ତାରିଖ ଦିନ ବୃଦ୍ଧ ଜଣକ ଉକ୍ତ ସ୍ଥାନରେ ଶୀତୁଆ ରାତିରେ ପଡ଼ି ରହିଥିବା ବେଳେ କୌଣସି ସହୃଦୟ ବ୍ୟକ୍ତି ତାଙ୍କ ଉପରେ ଏକ ବ୍ୟାନର ପକାଇ ଶୀତ ଦାଉରୁ ରକ୍ଷା କରିଥିଲେ । ବୃଦ୍ଧ ଜଣକର ଠିକଣା ମିଳୁ ନ ଥିବା ବେଳେ ଖାଇବାକୁ ନ ପାଇ ତାର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । ଗତ ୨୧ତାରିଖ ଦିନ ପୋଡ଼ାଶୁଳ ଅଂଚଳର ଯୁବକ ଶଶିକାନ୍ତ ଦାସ ବୃଦ୍ଧକୁ ଦେଖି ୧୦୮କୁ ଫୋନ କରିଥିଲେ । ଘଟଣାସ୍ଥଳରେ ୧୦୮ର କର୍ମଚାରୀ ପହଂଚି ପଡ଼ିଥିବା ବୃଦ୍ଧ ଦେହରୁ ବ୍ୟାନରକୁ ଖୋଲିଥିଲେ । ଆଖି ଛଳ ଛଳ କରୁଥିବା ବୃଦ୍ଧି ନିଜର ପେଟରେ ହାତ ବୁଲାଇ ଖାଇ ନ ଥିବାର ସଙ୍କେତ ଦେବା ପରେ ତୁରନ୍ତ ୧୦୮ କର୍ମଚ୍ଚରୀ ନୀଳଗିରି ଡାକ୍ତରଖାନାକୁ ନେଇ ଆସିଥିଲେ । ଦୁର୍ଭାଗ୍ୟ ଓ ପରିତାପର କଥା ନୀଳଗିରି ଡାକ୍ତରଖାନା ପହଂଚିଲା ବେଳକୁ ଅଜଣା ବୃଦ୍ଧର ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ । ଖାଇବାକୁ ନ ପାଇ ବୃଦ୍ଧ ଜଣକ ର ପେଟ ଓ ପିଠି ଏକ ହୋଇଯାଇଥିଲା । ଅନାହାରର ମୃତ୍ୟୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି । ପରେ ମୃତ ଅଜଣା ବୃଦ୍ଧର ଶବକୁ ନୀଳଗିରିରି ମେଡିକାଲରୁ ବାଲେଶ୍ୱର ମେଡିକାଲକୁ ପଠାଇଯାଇଛି । ଯଦି ଏହି ଅଜଣା ମୃତ ବ୍ୟକ୍ତିର କେହି ସମ୍ପର୍କୀୟ ଥାନ୍ତି ତେବେ ନୀଳଗିରି ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ଜଣାଇବାକୁ ଥାନା ପକ୍ଷରୁ ନିବେଦନ କରାଯାଇଛି । ଏହା ଅନାହାର ମୃତ୍ୟୁ ନା ରୋଗାଗ୍ରସ୍ତ ଯୋଗୁଁ ମୃତ୍ୟୁ , ତାହା ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

## ନୀଳଗିରି କଲେଜର ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ

ନୀଳଗିରି,୨୩/୦୧ (ନି.ପ୍ର): ନୀଳଗିରି କଲେଜର ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ମହାସମାରୋହରେ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ଓ ନୂତନ ଛାତ୍ରଙ୍କ ମଧ୍ୟରେ ସମନ୍ୱୟ ସୃଷ୍ଟି ହୋଇଥାଏ ଏକତାର ସେତୁବନ୍ଧ ବୋଲି ମୁଖ୍ୟବକ୍ତା ୟୁ.ଏନ. କଲେଜର ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ମହାପାତ୍ର ମଂଚାସୀନ ରହି ନିଜର ଶିକ୍ଷଣୀୟ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ନୀଳଗିରି କଲେଜର ପୂର୍ବତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଦାଶ ପ୍ରଦୀପ ପ୍ରଜ୍ୱଳନ କରି ବାର୍ଷିକ ଉତ୍ସବକୁ ଶୁଭ ଉଦ୍‌ଘାଟନ କରି ଉତ୍ସବ ହିଁ ସୃଷ୍ଟି କରିଥାଏ ଭାଇଚ୍ଛାରାର ସଂପର୍କ । ଆଜିର ଛାତ୍ର ସମାଜ ଆଗାମୀ ଦିନର ସୁସ୍ଥ ସମାଜ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ନିଜ ବକ୍ତବ୍ୟରେ ଶାଣିତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ଶରତ କୁମାର ମହାପାତ୍ର ଏବଂ ପୁରାତନ ଛାତ୍ର ସଂସଦର ସଭାପତି ଶରତ ଚନ୍ଦ୍ର ମହାନ୍ତି ମଂଚାସୀନ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ । ନୀଳଗିରି କଲେଜର ଅଧ୍ୟକ୍ଷା ଶ୍ରୀମତୀ ଉର୍ବଶୀ ରାଣୀ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଡ. ଅମରେନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଛାତ୍ର ସଂସଦର ଉପସଭାପତି ସୁରଂଜନ ମହାପାତ୍ର, ଯୋଗେନ୍ଦ୍ର ବେହେରା, ସଂପାଦକ ସତ୍ୟଜିତ ମିଶ୍ର, ଯୁଗ୍ମ ସଂପାଦକ ରଶ୍ମିରଂଜନ ରାଉତ, ସୁଶାନ୍ତ କୁମାର ମହାପାତ୍ର, ମୁଖ୍ୟ ସଂପାଦକ ରାଜେନ୍ଦ୍ର କୁମାର ଜେନା, ମହିଳା ସଂଯୋଜିକା ସଂଯୁକ୍ତା ଯାଦବ ପ୍ରମୁଖ ମଂଚାସୀନ ଥିଲେ । ଏହି ଅବସରରେ ଅଧ୍ୟାପିକ ଡ. ଆଶିଷ କୁମାର ଦାସ, ଭରତ ଚନ୍ଦ୍ର ବେହେରା, ବିନୋଦ ବିହାରୀ ସାହୁ ସମେତ ଅବସରପ୍ରାପ୍ତ ଶିକ୍ଷା କର୍ମଚ୍ଛରୀ ଗୌରହରି ଆଚାର୍ଯ୍ୟ, ସୁଦର୍ଶନ ଦଳାଇ, ହରିହର ପରମାଣିକଙ୍କୁ ଉତରୀୟ ମାନପତ୍ର ଏବଂ ମେଡେଲ ପ୍ରଦାନ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉତ୍ସବରେ ବହୁ ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଆଇନଜୀବୀ ଦେବେନ୍ଦ୍ର କୁମାର ପଣ୍ଡା, ସତ୍ୟନାରାୟଣ ମହପାତ୍ର, ତାପସ କୁମାର ପରିଡ଼ା, ମଦନ ନାଥ ବେହେରା ପ୍ରମୁଖ ସହଯୋଗ କରିଥିଷଲ । ସୁଶାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୁବ ମହୋତ୍ସବ ସ୍ୟାଣ୍ଡଫେଷ୍ଟ ଉଦ୍‌ଯାପିତ



ବାଲେଶ୍ୱର,୨୩/୦୧ (ନି.ପ୍ର): ଷ୍ଟେସନ କ୍ଲବରେ ଦୁଇଦିନିଆ ରାଜ୍ୟସ୍ତରୀୟ ୧୭ତମ ଯୁବ ମହୋତ୍ସବ 'ସ୍ୟାଣ୍ଡଫେଷ୍ଟ' ଉଦ୍‌ଯାପିତ ହୋଇଯାଇଛି । ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଯୁବଗୋଷ୍ଠୀଙ୍କ ପ୍ରତିଭା ବିକାଶ ଏକାନ୍ତ ଜରୁରୀ ବୋଲି କହିଥିଲେ । ସ୍ୟାଣ୍ଡଫେଷ୍ଟର କାର୍ଯ୍ୟକାରୀ ସଭାପତି ଶ୍ୟାମ ସୁନ୍ଦର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ 'ପ୍ରମେୟ'ର ବାଲେଶ୍ୱର ମୁଖ୍ୟ ସତ୍ୟଶିବ ଦାସ ଓ ଜିଲ୍ଲା ପରିଷଦର ସଦସ୍ୟ ଜୟରାମ ଦାସ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବଶକ୍ତିର ସୁବିନିଯୋଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ମିଷ୍ଟର ସ୍ୟାଣ୍ଡଫେଷ୍ଟ ସୁରଜ କୁମାର ସେଠୀ ଓ ମିସ୍ ସ୍ୟାଣ୍ଡଫେଷ୍ଟ ଟାଇଟଲ ଜିତିଥିବା ସ୍ନିଗ୍ଧା ଦାସଙ୍କ ସମେତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଯୁବ, କିଶୋର ଓ ଶିଶୁ ପ୍ରତିଭାଙ୍କୁ ଏହି ଅବସରରେ ଅତିଥିମାନେ ପୁରସ୍କୃତ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ଅଜୟ କୁମାର ବିଶ୍ୱାଳ, ଉପାଧ୍ୟକ୍ଷ ସବ୍ୟସାଚୀ ମହାପାତ୍ର, ସଭାପତି ପ୍ରଦୀପ କୁମାର ଦାସ, ଉପ-ସଭାପତି ବିକାଶ ପାଢ଼ୀ, ସାଧାରଣ ସମ୍ପାଦକ ଦେବଦତ୍ତ ଦାସ, ସମ୍ପାଦକ ସିମନ ଦାସମହାପାତ୍ର, ସାଂଗଠନିକ ସମ୍ପାଦକ ଝାଡ଼େଶ୍ୱର ଜେନା ଓ ପାର୍ଥସାରଥୀ ଦାସ, ସାଂସ୍କୃତିକ ସମ୍ପାଦକ ଲକ୍ଷ୍ମୀକାନ୍ତ ସ୍ୱାଇଁ, ଉପଦେଷ୍ଟା ଗୌରହରି ମଲ୍ଲିକ ଏବଂ ଅନୁପ କୁମାର ମିଶ୍ର, ସହ ସମ୍ପାଦକ ଶେକ୍ ବୁରାହନ୍ କାର୍ଯ୍ୟକ୍ରମ ସଂଯୋଜକ ସୁକୀର୍ତି କର, ଅମିୟ ଦାସ, ରଶ୍ମିରଂଜନ ପ୍ରଧାନ, ଶିବାନୀ ମହାପାତ୍ର, ସ୍ମିତା ମହାନ୍ତି ପ୍ରମୁଖ ମଞ୍ଚାସୀନ ହୋଇ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । "ସ୍ୟାଣ୍ଡଫେଷ୍ଟ" ପ୍ରଥମ ମାର୍ଗଦର୍ଶକ ପୂର୍ବତନ ବିଧାୟକ ସ୍ୱର୍ଗତ ଗୋପନାରାୟଣ ଦାସଙ୍କ ଉଦ୍ଦେଶ୍ୟରେ ଅତିଥିମାନେ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ହୃଦ୍‌ରୋଗ ବିଶେଷଜ୍ଞ ଡା. ମିଲନ ଘଡ଼େଇ ଓ ମଡେଲ ବିଷ୍ଣୁପଦ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦ୍‌ଯାପନୀ ସଭା ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁନାମଧନ୍ୟ କଣ୍ଠଶିଳ୍ପୀ ସତ୍ୟଜିତ୍ ଜେନା ଚଳଚ୍ଚିତ୍ର ଅଭିନେତ୍ରୀ ପ୍ରିୟାଲି ଦର୍ଶକଙ୍କ ମନକୁ ମୋହିଥିଲେ । ଦୁଇଦିନିଆ ଉତ୍ସବକୁ ହୁମାୟୁନ ଖାଁ, ରାଜୀବ ଗିରି, ଦେବୀ ପ୍ରସାଦ ଦାସମହାପାତ୍ର, ମନୋଜ ପଣ୍ଡା, ତୁଷାରକାନ୍ତ ତପସ୍ୱୀ, ମହେସ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

## ସଦାନନ୍ଦଜୀଙ୍କ ଜୟନ୍ତୀ ସମାରୋହ ପାଳିତ




ବାଲେଶ୍ୱର,୨୩/୦୧ (ନି.ପ୍ର): ଆଜି ଯୁଗପୁରୁଷ ଓଡ଼ିଶାର ପ୍ରାଣ ପ୍ରତିଷ୍ଠାତା ତଥା ମହାନ ରାଷ୍ଟ୍ରଭକ୍ତ ସଦାନନ୍ଦଜୀଙ୍କ ସ୍ମୃତିସଭା ପୂର୍ଣ୍ଣଚନ୍ଦ୍ର ବିବେକାନନ୍ଦ ଶିଶୁମନ୍ଦିର ଗୋପାଳଗାଁ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତିସଭାରେ ସଭାପତିତ୍ୱ କରିଥିଲେ । ବରିଷ୍ଠ ନାଗରିକ ତଥା ସଦାନନ୍ଦଜୀଙ୍କର ଅତିପ୍ରିୟ ତପନ କୁମାର ପତି । ପ୍ରାରମ୍ଭରେ ଉତ୍କଳ ଶିକ୍ଷା ପରିଷଦ ଓଡ଼ିଶାର ସମ୍ପାଦକ ଯୋଗେନ୍ଦ୍ର ଦାଶ ତଥା ସଦାନନ୍ଦଜୀ ସ୍ମୃତି କମିଟିର ଆବାହକ ସଦାନନ୍ଦଜୀଙ୍କ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ । ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ରମାକାନ୍ତ ବେହେରା, କବି କାଳିପଦ ପଣ୍ଡା, ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ପରିଚାଳନା ସମ୍ପାଦକ ସୃଷ୍ଟିଧର ପରିଡ଼ା, ସମାଜସେବୀ, ରମେଶ ଜେନା ପ୍ରମୁଖ ଯୋଗଦେଇ ସଦାନନ୍ଦଜୀଙ୍କର ସ୍ମୃତିଗାନ କରିବା ସହ ତାଙ୍କର ମହାନତା ଓ ବାଲେଶ୍ୱରବାସୀଙ୍କ ପ୍ରତି ସ୍ନେହ ମମତା ଓ ଜଣେ ଦୃଢ଼ ସଂଗଠକ ଭାବେ ସମସ୍ତଙ୍କ ନିକଟରେ ପରିଚିତ ଥିଲେ ।

## 'ସହାୟକ'ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବାଲେଶ୍ୱର,୨୩/୦୧ (ନି.ପ୍ର): ନେତାଜୀ ଜୟନ୍ତୀ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସହାୟକ' ପକ୍ଷରୁ ଏକ ରକ୍ତଦାନ ଶିବିର ସ୍ଥାନୀୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଜିଲା ପୁଲିସ ତଥା ବିଭିନ୍ନ ଗଣ ସଂଗଠନ ଓ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ସଦସ୍ୟମାନେଏଥିରେ ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିଲେ । ବାଲେଶ୍ୱର ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ, ଜିଲ୍ଲା ରକ୍ତଦାତା ସଂଘର ସଂପାଦକ ଇଂ. ହୃଷିକେଶ ସାହୁ ଓ 'ସହାୟକ'ର ସଭାପତି ଇଂ. ସୁରେନ୍ଦ୍ରନାଥ ଦାସ ମିଳିତ ଭାବେ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାଦର ସମ୍ପାଦକ ବିଜୟ କୁମାର ଦାସଅଧିକାରୀ ଏବଂ ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘର ସଭାପତି ଇଂ. ବନମାଳି ନାୟକ ଓ ସମ୍ପାଦକ ବସନ୍ତ ନାୟକଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଏହି ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଥିଲେ । ସଚୀନ୍ଦ୍ର ଦାସ, ପ୍ରଫୁଲ୍ଲ କୁମାର ଦାସ, ଗୌରାଙ୍ଗ ପାଣିଗ୍ରାହୀ, ଅକ୍ଷୟ କୁମାର ତ୍ରିପାଠୀ, ଗଙ୍ଗାଧର ପୃଷ୍ଟି, ଦିବାକର ମହାପାତ୍ର, ମୀନତୀ ରାୟ, ସାବିତ୍ରୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶିବିର ଶେଷ ସୁଦ୍ଧା ୧୧୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।




## ଅଖିଳ ଓଡିଶା ନେତାଜୀ କମିଟିର ୧୨୬ତମ ଜୟନ୍ତୀ ପାଳିତ

ଜଳେଶ୍ୱର,୨୩/୦୧ (ନି.ପ୍ର): ସ୍ୱାଧିନତାର ଲକ୍ଷ୍ୟ ପୂରଣ ପାଇଁ ସୁବାସଙ୍କ ସାଲିସ ବିହିନ ସଂଗ୍ରାମ ଏକାନ୍ତ ଆବଶ୍ୟକ ବୋଲି ଅଖିଳ ଓଡିଶା ନେତାଜୀ କମିଟିର ୧୨୬ତମ ନେତାଜୀ ଜୟନ୍ତୀ ପାଳନ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଜଳେଶ୍ୱର ବ୍ଲକର ରାଜପୁର ପଂଚାୟତର ପୂର୍ବତନ ବିଧାୟକ ପ୍ରଶନ୍ନ ପାଳଙ୍କ ବାସଭବନ ନିକଟରେ ଅଖିଳ ଓଡିଶା ନେତାଜୀ କମିଟିର ୧୨୬ତମ ଜୟନ୍ତୀ ପାଳିନତ ହୋଇଛି । ଏଥିରେ କମିଟିର ଉପସଭାପତି ଡ. ପ୍ରଫୁଲ୍ଲ କୁମାର ଜେନ ଅଧ୍ୟକ୍ଷତା କରି ଭବିଷ୍ୟତ ପିଢି ପାଇଁ ନେତାଜୀଙ୍କ ଆଦର୍ଶ ଓ ସଂଗ୍ରାମ ଉଦ୍ରେକ ହେବା ଉଚିତ୍ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଅଖିଳ ଭାରତ ମହିଳା ସାଂସ୍କୃତିକ ସଂଗଠନର ସଂପାଦିକା ଛବି ମହାନ୍ତି ଯୋଗ ଦେଇ ଦେଶକୁ ସ୍ୱାଧିନତା ମିଳିଛି ସତ କିନ୍ତୁ ଏବେବି ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୀତି, ସାମାଜିକ କ୍ଷେତ୍ରରେ ହେବାକୁ ବିକାଶ ଓ ସଂସ୍କାର ହୋଇ ପାରିନାହିଁ । ବରଂ ଦେଶରେ ଭ୍ରଷ୍ଟାଚାର, ଦୁର୍ନିତୀ, ଦୁଷ୍କର୍ମ ଓ ଅପସଂସ୍କୃତି ବଢି ଚାଲିଛି । ତେଣୁ ଏବେବି ନେତାଜିଙ୍କର ସାଲିସ ବିହିନ ସଂଗ୍ରାମର ଆବଶ୍ୟକତା ଥିବା ସଂପର୍କରେ କହିଥିଲେ । ମୁଖ୍ୟ ଅତିଥିଭାବେ ପ୍ରାଧ୍ୟାପକ ନନ୍ଦରାୟ ଚୌଧୁରୀ ଯୋଗ ଦେଇ ନେତାଜୀଙ୍କ ଚେତନା ସଂର୍ପକରେ ଦିଗ୍‌ଦର୍ଶନ ଦେବାପାଇଁ ସମଗ୍ର ଦେଶରେ ୧୨୫ତମ ବର୍ଷରେ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ଯୁବ ଗଣ ତାଙ୍କ ନିତୀ ଆଦର୍ଶ ସଂପର୍କୀତ ବିଭିନ୍ନ କାର୍ଯ୍ୟକ୍ରମ କରିଥିବା କହିଥିଲେ ।

## ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଂଜଳି ଜଣାଇଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୨୩/୦୧ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କୁ ଜୟନ୍ତୀ ଅବସରରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଓଡ଼ିଶାର ବରପୁତ୍ର ତଥା ଭାରତ ମୁକ୍ତି ସଂଗ୍ରାମର ମହାନାୟକ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି । ତାଙ୍କର ବିରଳ ନେତୃତ୍ୱ ଓ ଦେଶ ମାତୃକାର ସେବା ପାଇଁ ବଳିଦାନ ଚିରଦିନ ଯୁବପିଢ଼ିଙ୍କୁ ଅନୁପ୍ରାଣିତ କରିବ । ତାଙ୍କୁ ମୋର କୋଟି କୋଟି ପ୍ରଣାମ ।

## ସବ୍ ଜୁନିଅର ଟେନିକଏଟ ଓଡ଼ିଶା ଦଳରେ ଭଦ୍ରକରୁ ୩ ସ୍ଥାନ ପାଇଲେ



ଭଦ୍ରକ,୨୩/୦୧ (ନି.ପ୍ର): ଆନ୍ଧ୍ରପ୍ରଦେଶର ଅଙ୍କାପଲ୍ଲୀଠାରେ ଗତକାଲି ଠାରୁ ଆରମ୍ଭ ହୋଇଥିବପା ୩୫ତମ ଜାତୀୟ ସବ୍ ଜୁନିଅର ଟେନିକଏଟ ପ୍ରତିଯୋଗିତାରେ ଭାଗ ନେବାକୁ ଯାଇଥିବା ଓଡ଼ିଶା ଦଳରେ ଭଦ୍ରକ ଜିଲ୍ଲାର ୩ ଜଣ ଖେଳାଳୀ ସ୍ଥାନ ପାଇଛନ୍ତି । ୨୨ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଓଡ଼ିଶାର ୧୨ଜଣ (ବାଳକ ଓ ବାଳିକା) ଖେଳାଳୀଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲାର ୨ଜଣ ବାଳିକା ଏବଂ ଜଣେ ବାଳକ ସ୍ଥାନ ପାଇଛନ୍ତି । ଏହି ଖେଳାଳୀମାନେ ହେଲେ ବାଳକ ବିଭାଗର ପୀୟୂଷ ପ୍ରୀତମ ଦୀକ୍ଷିତ । ସେ ଭଦ୍ରକ ଏସ୍‌ବିଡି ଇଣ୍ଟର ନ୍ୟାସନାଲ ସ୍କୁଲର ପଞ୍ଚମ ଶ୍ରେଣୀର ଛାତ୍ର । ତାଙ୍କ ଓଡ଼ିଶା ଦଳରେ ଚୟନ ନେଇ ସ୍କୁଲର ଅଧ୍ୟକ୍ଷ ଯୁଧିଷ୍ଠିର ଦେବତା, ଚେୟାରମ୍ୟାନ ଦେବାଶିଷ ଦୀକ୍ଷିତ ଶୁଭେଚ୍ଛା ଜଣାଇଛନ୍ତି । ସେହିପରି ବାଳିକା ବିଭାଗରେ ଚୟନ ହୋଇଥିବା ୨ ଜଣ ଖେଳାଳୀ ହେଲେ ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ଲକ୍ଷ୍ମୀପ୍ରିୟା ମୁଦୁଲୀ ଏବଂ ଖୁସି କୁମାରୀ ସାହାଣୀ । ଏହି ଦୁଇ ଖେଳାଳୀଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ସାହୁ, ପ୍ରଜ୍ଞା ବଳ, ଦମୟନ୍ତୀ ନାଏକ, ପ୍ରାକ୍ତନ କ୍ରୀଡ଼ା ଶିକ୍ଷୟତ୍ରୀ ଜୟମିନ୍ ପରିଡ଼ା, ଭଦ୍ରକ ଜିଲ୍ଲା ଟେନିକଏଟ ସଂଘର ସଭାପତି ଗୋଲକ ନାୟକ, କ୍ରୀଡା ଶିକ୍ଷକ ମନୋଜ କୁମାର ସାହୁ ଏବଂ ସଦସ୍ୟମାନେ ଶୁଭେଚ୍ଛା ଜଣାଇ ସେମାନଙ୍କ ସଫଳତା କାମନା କରିଛନ୍ତି ।

## 'ଶିବସେନା' ପକ୍ଷରୁ ବାଲା ସାହେବ ଠାକରେଙ୍କ ଜୟନ୍ତୀ

ବାଲେଶ୍ୱର,୨୩/୦୧ (ନି.ପ୍ର): ଶିବସେନା ବାଲେଶ୍ୱର ଶାଖା ପକ୍ଷରୁ ଦଳର ପ୍ରତିଷ୍ଠାତା ବାଲା ସାହେବ ଠାକରେଙ୍କ ୯୭ ତମ ଜୟନ୍ତୀ ସହରର ନୂଆବଜାରସ୍ଥିତ ପାର୍ଟି କାର୍ଯ୍ୟାଳୟରେ ସୋମବାର ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଦଳର ଜିଲ୍ଲା ସଭାପତି ପଦ୍ମଲୋଚନ ପତି ଅଧ୍ୟକ୍ଷତା କରିବା ସହିତ ବାଲା ସାହେବଙ୍କ ନୀତି ଆଦର୍ଶ ସମ୍ପର୍କରେ ସୂଚନା ଦେଇଥିଲେ । ସମାଜସେବୀ ଅଜୟ କୁମାର ବିଶ୍ୱାଳ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଲା ସାହେବଙ୍କ ବିଚାରଧାରା ଓ ଦେଶପ୍ରେମ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ଯୋଗଦେଇ ସନାତନ ଧର୍ମ ରକ୍ଷା ସାଙ୍ଗକୁ ସଂଘର୍ଷମୟ ଜୀବନୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ପୂର୍ବରୁ ହୋଇଥିବା ଚିତ୍ରକଳା ପ୍ରତିଯୋଗିତାରେ କୃତୀ ପ୍ରତଯୋଗୀଙ୍କୁ ଏହି ଅବସରରେ ଅତିଥିମାନେ ପୁରସ୍କୃତ କରିଥିଲେ । ଏଥି ସହିତ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ସଂଗଠନ ପକ୍ଷରୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅରବିନ୍ଦ ଆଚାର୍ଯ୍ୟ, ମନୋରଂଜନ ପରିଡ଼ା, ଫୁନା ମହାପାତ୍ର, ଉମେଶ ଚନ୍ଦ୍ର କମିଳା, ସୁଶାନ୍ତ କୁମାର ସ୍ୱାଇଁ, କମଳାକାନ୍ତ ସ, ସୁରେଶ ଚନ୍ଦ୍ର ରଣା, ସନ୍ତୋଷ ସିଂ, ରତ୍ନାକର ସାହୁ ଓ ସୀତାରାଣୀ ଜେନା ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ ।

## ପ୍ରତିଭା ସ୍ମୃତି ପରିଷଦ ଆନୁକୂଲ୍ୟରେ ନେତାଜୀ ସୁବାଷ ବୋଷ ଜୟନ୍ତୀ ପାଳନ



ରେମୁଣା,୨୩/୦୧ (ନି.ପ୍ର): ପ୍ରତିଭା ସ୍ମୃତି ପରିଷଦ ରେମୁଣା ଆନୁକୂଲ୍ୟରେ ଡାକ୍ତର ଗୋପୀନାଥ ମହାରଣାଙ୍କ ସଭାପତିତ୍ୱରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କର ଜୟନ୍ତୀ ଉତ୍ସବ ଗୌରୀଶଙ୍କର କଲ୍ୟାଣ ମଣ୍ଡପରେ ପାଳିତ ହୋଇଯାଇଛି । ପ୍ରଥମେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା । ପରିଷଦର ସାଧାରଣ ସଂପାଦକ ବିଧାନ ଚନ୍ଦ୍ର ରାୟ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ପ୍ରଥମେ ବନ୍ଦେ ମାତରମ୍ ଗାନ କରାଯାଇଥିଲା । ଏହି ଜୟନ୍ତୀ ଉତ୍ସବରେ ଡଃ ରମାକାନ୍ତ ବେହେରା, ପୁରୁଷତ୍ତମ ବିଶ୍ୱାଳ ଏଡ୍‌ଭୋକେଟ୍ ବିଜୟ କୁମାର ପାଣିଗ୍ରାହୀ, କାଳିପଦ ପଣ୍ଡା, ସୃଷ୍ଟିଧର ପରିଡ଼ା, ଡଃ ସତ୍ୟରଂଜନ ଦାସ, ପ୍ରଶାନ୍ତ ବରାଳ, ନରୋତ୍ତମ ପରିଡ଼ା, ତୁଷାରକାନ୍ତ ମହାପାତ୍ର, ଏଡ୍‌ଭୋକେଟ୍ ଜଗବନ୍ଧୁ ମହାପାତ୍ର, ରମେଶ ଚନ୍ଦ୍ର ଜେନା, ସଞ୍ଜୀବ କୁମାର ପ୍ରମାଣିକ, ଆର୍ଟିଷ୍ଟ ନିରଞ୍ଜନସାହୁ, କରୁଣା କର ଖଟୁଆ, ପଦ୍ମଲୋଚନ ପଣ୍ଡା, ରାମ ନାରାୟଣ ବେହେରା, ରବି ଦାସ, ଗଜେନ୍ଦ୍ର ଦାଶ, ପ୍ରଦୀପ ବେହେରା, ସୁଧାଂଶୁ କୁମାର ଦତ୍ତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କର ଆତ୍ମବଳୀ ଦାନ, ତ୍ୟାଗ, ସଂଗ୍ରାମ, ସାହାସ, କର୍ମ, ସଂଗଠନର ଦୃଢ଼ତା ଓ ବୀର ସୁରେନ୍ଦ୍ର ସାଏଙ୍କର ଜୟନ୍ତୀ ଓ ତାଙ୍କର ତ୍ୟାଗ ସମ୍ବନ୍ଧରେ ଆଲୋଚନା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo